• Vol.- 46, Issue No. 119
• Wednesday, 29 July 2026
• ବୁଧବାର, ୨୯ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଫୁଲୁଛି ନଦୀ, ବଢୁଛି ଭୟ



★ ଜଳକା, ଶାଳନ୍ଦୀ ଓ ବୈତରଣୀ ଉବୁଟୁବୁ

★ ମୁଣ୍ଡଳୀ ବ୍ରିଜ ଦେଇ ସେକେଣ୍ଡ ପିଛା ୬ ଲକ୍ଷ ୬୯ ହଜାର କ୍ୟୁସେକ ଜଳ ପ୍ରବାହିତ

★ ବିଲିପଡ଼ା, ତାଳବସ୍ତ ଆଦି ରାସ୍ତାରେ ବନ୍ୟାଜଳ

★ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବ୍ୟାପକ ବର୍ଷା

★ ମହାନଦୀ ଓ ଶାଖା ନଦୀଗୁଡ଼ିକର ଘାଟକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ

ଭୁବନେଶ୍ୱର/କଟକ, ୨୮।୭ (ନିପ୍ର): ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି । ବିଶେଷ କରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ବାଲେଶ୍ୱରର ନୀଳଗିରିରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ଏହି ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ ଜଳକା, ଶାଳନ୍ଦୀ ଓ ବୈତରଣୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ଆକଳନ ଅନୁଯାୟୀ, ବୈତରଣୀ ନଦୀରେ ବଡ଼ ବନ୍ୟା ଆସିପାରେ । ଆନନ୍ଦପୁରଠାରେ ବୈତରଣୀର ବିପଦ ସଂକେତ ୩୮.୩୬ ମି.ଥିବା ବେଳେ ରାତି ସାତଟା ସୁଦ୍ଧା ୪୦.୨୦୦ ମି.ରେ ଜଳ ପ୍ରବାହ ଜାରି ରହିଛି। ଆଖୁଆପଦାଠାରେ । ଜଳସ୍ତର ବିପଦ ସଙ୍କେତ ୧୮.୩୩ ମି.। ଏବେ ୧୮.୪୮ ମି.ରେ ଜଳ ପ୍ରବାହ ରହିଛି। ଜଳକା ନଦୀର ମାଖନୀ ବ୍ରିଜ ନିକଟରେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬.୮ରୁ ୭ ମିଟର ପହଞ୍ଚି ବିପଦ ସଙ୍କେତ ଟପିପାରେ । ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଥିବାରୁ ଭଦ୍ରକ ଜିଲ୍ଲାର ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି। ଫୁଲୁଛି ମହାନଦୀ । କଟକ ମୁଣ୍ଡଳୀ ବ୍ରିଜ ଦେଇ ପ୍ରତି ସେକେଣ୍ଡ ପିଛା ୬ ଲକ୍ଷ ୬୯ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି । ୧୦ ଟି ଯାକ ଗେଟ ଦେଇ ପ୍ରବାହିତ ହେଉଛି ଜଳ । ମୁଣ୍ଡଳୀଠାରେ ବିପଦ ସଙ୍କେତ ୯୫.୦୫ ଫୁଟ ରହିଥିବା ବେଳେ ଏବେ ଜଳସ୍ତର ରହିଛି ୮୮.୨୦ ଫୁଟ । ସେହିପରି ନରାଜ ବ୍ୟାରେଜ ଦେଇ କାଠଯୋଡ଼ି ନଦୀକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୩୬ ହଜାର ୨୦୧ କ୍ୟୁସେକ ଜଳ ଛଡ଼ା ଯାଉଛି । ବାଙ୍କୀ ତଳିଆ ଅଞ୍ଚଳ ବିଲିପଡ଼ା, ତାଳବସ୍ତ ଆଦି ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି । ଆଗକୁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଲେ ଏହି ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବ । ଯାହାକୁ ନେଇ ଭୟଭୀତ ଅବସ୍ଥାରେ ତଳିଆ ଅଞ୍ଚଳବାସୀ । ଜାରି ହୋଇଥିବା ଆଦେଶ ଅନୁଯାୟୀ, ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ସମସ୍ତ ଘାଟକୁ ସାଧାରଣ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି । ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ସେଲ୍ଫି ନେବା କିମ୍ବା ନଦୀ କୂଳ, ବ୍ୟାରେଜ୍ ନିକଟରେ ରହିବା ଉପରେ କଟକଣା ଜାରି କରାଯାଇଛି । ଆଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୫୧ରୁ ୬୦ ଏବଂ ପ୍ରଯୁଜ୍ୟ ଅନ୍ୟାନ୍ୟ ଆଇନ ଅନୁଯାୟୀ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲଗାଣ ବର୍ଷାରେ ବେହାଲ ହୋଇଛି ସୁବର୍ଣ୍ଣପୁର। ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଅଂଚଳରେ ବନ୍ୟା ଭଳି ସ୍ଥିତି ଉପୁଜିଛି। ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ, ନାଳିଆ, ରେବ ଓ କପାଳୀ ନଦୀରେ ବନ୍ୟା ଆଶଙ୍କା ଉପୁଜିଛି।

# ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ: ରାଜସ୍ୱ ମନ୍ତ୍ରୀ

● ବନ୍ୟା ପରିଚାଳନା ପାଇଁ ୩ ଆଇଏଏସଙ୍କୁ ଦାୟିତ୍ୱ
● ୫ ଜିଲ୍ଲାର ସ୍କୁଲ ଛୁଟି ଆଜି



ଭୁବନେଶ୍ୱର, ୨୮।୭: ରାଜ୍ୟରେ ବର୍ଷା ସ୍ଥିତି ଓ ମୁକାବିଲା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସ୍ଥିତି ନିୟନ୍ତ୍ରଣାଧୀନ ଅଛି । ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୪୭.୨ ମିମି ବର୍ଷା ହୋଇଛି । ଯାହାକି ସ୍ୱାଭାବିକ ଠାରୁ ଅଧିକ, ୮ଟି ବ୍ଲକରେ ୨୦୦ ମିମିରୁ ଅଧିକ ବର୍ଷା ହୋଇଛି । ହୀରାକୁଦ ଡ୍ୟାମ୍‌ରେ ମାତ୍ର ୨ଟି ଗେଟ୍ ଖୋଲା ଅଛି। ନରାଜରେ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ, ଚିନ୍ତାର କାରଣ ନାହିଁ । ଜଳକା ଛାଡ଼ିଦେଲେ ମହାନଦୀ, ବୈତରଣୀ, ସାଳନ୍ଦୀ ବିପଦ ସଙ୍କେତ ତଳେ ରହିଛି। ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକରେ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ମୁତୟନ ହୋଇଛନ୍ତି। ସ୍ଥାନାନ୍ତର ମଧ୍ୟ ଆରମ୍ଭ ହୋଇଗଲାଣି,ରନ୍ଧା ଖାଦ୍ୟ ବଣ୍ଟନ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି । ଭଦ୍ରକ, ବାଲେଶ୍ୱର ଓ ଯାଜପୁର ବନ୍ୟା ପରିଚାଳନା ପାଇଁ ୩ ଆଇଏଏସଙ୍କୁ ଦାୟିତ୍ୱ ଦିଆଯାଇଛି। ବର୍ଷା ସ୍ଥିତି ନେଇ କେନ୍ଦୁଝର, ଯାଜପୁର, ଭଦ୍ରକ, ସୁନ୍ଦରଗଡ ଓ ସମ୍ବଲପୁର ଜିଲ୍ଲାର ସ୍କୁଲଗୁଡ଼ିକ ବୁଧବାର ଛୁଟି ଘୋଷଣା କରାଯାଇଛି। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ମୌସୁମୀ ସମୟରେ ଓଡ଼ିଶାରେ ବନ୍ୟା ପରିସ୍ଥିତି ଉପୁଜିଥାଏ । ତେଣୁ ଓଡିଶା ପାଇଁ ବନ୍ୟା ନୂଆ ନୁହେଁ । ବନ୍ୟା ଆସିଲେ ନୁହେଁ, ବର୍ଷ ତମାମ ଆମେ ବନ୍ୟା ପାଇଁ ପ୍ରସ୍ତୁତ ଥାଉ । ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଓଡିଶା ପ୍ରସ୍ତୁତ ଥାଏ । ୯ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଥିଲା । ୧୫ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସୂଚନା ଥିଲା । ଅନ୍ୟ ଜିଲ୍ଲାରେ ମଧ୍ୟ ବର୍ଷା ନେଇ ଆକଳନ ହୋଇଥିଲା । ଗତକାଲି ଠାରୁ ଆଜି ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ନଜିର ରହିଛି। ଜିଲ୍ଲାପାଳ, ପାଣିପାଗ କେନ୍ଦ୍ର ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୋଗାଯୋଗରେ ରହିଛନ୍ତି । ରାଜ୍ୟରେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି ।'

ଉଦଳା ଅଞ୍ଚଳରେ ଆଲୋଡ଼ନ

## ମାଆ ଓ ଦିବ୍ୟାଙ୍ଗ ଝିଅଙ୍କ ଗଳିତ ମୃତଦେହ ଉଦ୍ଧାର

### ଜମିଜମା ବିବାଦ ନେଇ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା

ଉଦଳା, ୨୮।୭: ମୟୂରଭଂଜ ଥାନା ଦିବ୍ୟସିଂହପୁର ଗ୍ରାମରୁ ମଙ୍ଗଳବାର ମାଆ ଓ ଦିବ୍ୟାଙ୍ଗ ଝିଅଙ୍କ ମୃତଦେହ ଉଦ୍ଧାର ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ମାଆ ଫୁଲମଣି ହେମ୍ବ୍ରମ (୪୦) ଓ ଝିଅ ସାକରା ମୁର୍ମୁ(୧୩)। ଫୁଲମଣିଙ୍କ ମୃତଦେହ ପୋକ ସାଲୁବାଲୁ ହୋଇ ଯାଇଥିବା ବେଳେ ନିକଟରେ ଥିବା କେନାଲ ଭିତରେ ଦିବ୍ୟାଙ୍ଗ ଝିଅର ମୃତଦେହ ଭାସୁଥିଲା। ମାଆର ମୃତ୍ୟୁ ପରେ ଖାଦ୍ୟ, ପାଣି ନପାଇ ଝିଅ କେନାଲକୁ ଯାଇ ଭାସିଯାଇଛି ବୋଲି ପୁଲିସ ଅନୁମାନ କରିଛି।ସୂଚନା ଅନୁଯାୟୀ, କପ୍ତିପଦା ଅଞ୍ଚଳର ଫୁଲମଣି ୧୦ ବର୍ଷରୁ ଅଧିକ କାଳ ହେଲାଣି ଉଦଳାରେ ବାସ କରୁଥିଲେ। ସ୍ୱାମୀଙ୍କ ସହିତ ସମ୍ପର୍କ ନଥିବା ବେଳେ ଦିବ୍ୟାଙ୍ଗ ଝିଅ ସାକରାଙ୍କୁ ନେଇ ଦିବ୍ୟସିଂହପୁର ଗ୍ରାମରେ ଥିବା ଅନ୍ୱେଷା ହଷ୍ଟେଲ ନିକଟରେ ଛପର ଘରଟିଏ କରି ରହୁଥିଲେ।ଫୁଲମଣି ମୂଲ ଲାଗି ସଂସାର ଚଳାଉଥିବା ବେଳେ ସବୁଆଡ଼େ ଦିବ୍ୟାଙ୍ଗ ଝିଅକୁ ସାଥୀରେ ନେଇ ଯାଉଥିଲେ। ତେବେ, ମଙ୍ଗଳବାର ଘରୁ ଦୁର୍ଗନ୍ଧ ବାହାରିବାରୁ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଘରେ ଟଙ୍ଗାଯାଇଥିବା ମଶାରି ଭିତରେ ଫୁଲମଣିଙ୍କ ଗଳିତ ମୃତଦେହ ପୋକ ସାଲୁବାଲୁ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲା। ମୃତଦେହର ଅବସ୍ଥା ଦେଖି ପ୍ରାୟ ୫ ଦିନ ପୂର୍ବରୁ ଫୁଲମଣିଙ୍କ ମୃତ୍ୟୁ ଘଟିଥିବା ପୁଲିସ ଅନୁମାନ କରୁଛି। ସେହିପରି ଦିବ୍ୟାଙ୍ଗ ଝିଅ ସାକରାଙ୍କ ମୃତଦେହ ଘର ସମ୍ମୁଖରେ ଥିବା କାଳ କେନାଲ୍‌ରେ ଭାସୁଥିଲା।ମୃତଦେହ ନିକଟରୁ ପୁଲିସ ଏକ ବେଲା ଉଦ୍ଧାର କରିଛି। ଖାଦ୍ୟ ପାଣି ନପାଇ ଦିବ୍ୟାଙ୍ଗ ଝିଅଟି ଘୁଷୁରି ଘୁଷୁରି କେନାଲ୍‌କୁ ଯାଇଥିବା ବେଳେ ସେଠାରେ ବୁଡ଼ି ପ୍ରାଣ ହରାଇଥିବା ପୁଲିସ ଅନୁମାନ କରୁଛି। ସେହିପରି ଫୁଲମଣି ଓ ସାକରାଙ୍କ ଦେହରେ କୌଣସି କ୍ଷତ କିମ୍ବା ଆଘାତ ଚିହ୍ନ ମିଳି ନଥିବାର ପୁଲିସ କହିଛି। ଉଦଳା ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ, ଜମିଜମା ବିବାଦ ନେଇ ହତ୍ୟାକାଣ୍ଡ ଘଟିଥିବାର ସାଧାରଣରେ ଚର୍ଚ୍ଚା ହେଉଛି।



## ଲଗାଣ ବର୍ଷା ହେଲା କାଳ: କାନ୍ଥ ଭୁଶୁଡ଼ି ଶିଶୁ ମୃତ

### ରେମାଳ ନଦୀରେ ଭାସିଗଲେ ଯୁବତୀ

ଦେବଗଡ଼/କେନ୍ଦୁଝର, ୨୮।୭: ଲଗାଣ ବର୍ଷାରେ ଘରର କାନ୍ଥ ଭୁଶୁଡିପଡିବାରୁ କାନ୍ଥ ତଳେ ଚାପିହୋଇ ତିନି ବର୍ଷ ଶିଶୁ ପୁତ୍ର ମୃତ୍ୟୁ ଘଟିଛି।ଏଭଳି ଅଘଟଣ ଘଟିଛି ଜିଲ୍ଲାର ତିଲେଇବଣି ବ୍ଲକ ଅନ୍ତର୍ଗତ ବେଲମୁଣ୍ଡା ଗ୍ରାମରେ। ମୃତକ ହେଲେ ସେହି ଗ୍ରାମର ରାଜେନ କୁଲୁଙ୍କର ପୁଅ ରିଆନ। ସୂଚନା ଅନୁଯାୟୀ, ଆଜି ରିଆନ ନିଜ ଘରୁ ଛତା ଧରି ବାହାରକୁ ଯାଉଥିବା ବେଳେ ହଠାତ ତାଙ୍କ ଘରର କାନ୍ଥ ଭୁଶୁଡି ପଡିଥିଲା।କାନ୍ଥଟି ଭୁଶୁଡିବା ପରେ ଶିଶୁ ଉପରେ ଚାପି ହୋଇ ଯାଇଥିଲା। ପରିବାର ଲୋକ ଉଦ୍ଧାର କରି କଂସର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ସୂଚନାପାଇ କଂସର ଫାଣ୍ଡି ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ପେଶଦୁରାପାଳ ଗ୍ରାମର ଜଣେ ଯୁବତୀ ଜୀବନ ଯାଇଛି । ୨୪ ବର୍ଷୀୟା ଉର୍ମିଳା ପାତ୍ର ରେମାଳ ନଦୀ ପାତ୍ରସାହି ଘାଟକୁ ଗାଧୋଇ ଯାଇଥିବା ବେଳେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଅଚାନକ ସେଥିରେ ଖସି ଭାସି ଯାଇଥିଲେ । ତାଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇ ପାରିନାହିଁ।

## ପାଠ୍ୟପୁସ୍ତକ ତ୍ରୁଟି ମାମଲା: ୩ ଜଣଙ୍କୁ ଅନ୍ତରୀଣ ସୁରକ୍ଷା

କଟକ, ୨୮।୭: ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ୩ ଜଣଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ୩ ଜଣଙ୍କ ଆଗୁଆ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି । ଦିଲ୍ଲୀପ କୁମାର ସାହୁ, ପ୍ରଲିପ୍ତା ମିଶ୍ର ଓ ଭାରତୀ ଟୁଡୁଙ୍କୁ କୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ତେବେ ଅନ୍ୟ ତିନି ଜଣ କିଶୋର କୁମାର କର, ପ୍ରକାଶନ ସଂସ୍ଥାର ମାଲିକ ଅନୁପମ ଘୋଷ ଏବଂ ଅସୀମ ଘୋଷଙ୍କ ମାମଲା ଏବେ ବି ବିଚାରଧୀନ ରହିଛି । ଆସନ୍ତା ଅଗଷ୍ଟ ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସମ୍ଭାବ୍ୟ ଗିରଫଦାରିକୁ ଏଡ଼ାଇବା ପାଇଁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଦିଲ୍ଲୀପ କୁମାର ସାହୁ, ପ୍ରଲିପ୍ତା ମିଶ୍ର, ଭାରତୀ ଟୁଡୁ, ଓ କିଶୋର କୁମାର କର ହାଇକୋର୍ଟରେ ଆଗୁଆ ଜାମିନ କରିଥିଲେ । ସେମାନଙ୍କ ପୂର୍ବରୁ ପ୍ରକାଶନ ସଂସ୍ଥାର ଅନୁପମ ଘୋଷ ଓ ଅସୀମ କୁମାର ଘୋଷ ଆଗୁଆ ଜାମିନ ଆବେଦନ କରିଥିଲେ । ଏହି ମାମଲାରେ କ୍ରାଇମବ୍ରାଞ୍ଚ ମନୋଜ ପାଢ଼ୀଙ୍କୁ ଗିରଫ କରିଛି।

ଆନ୍ଦୋଳନକାରୀଙ୍କୁ 'ସୁପ୍ରିମ' ଆଶ୍ୱସ୍ତି

## କୌଣସି ତୁରନ୍ତ କାର୍ଯ୍ୟାନୁଷ୍ଠାନ ମନା

■ ଗିରଫ ଛାତ୍ରଙ୍କୁ ମୁକ୍ତ କର

■ ବହୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ନୋଟିସ

■ ଅପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କ ବିରୋଧରେ ମାମଲା ପ୍ରତ୍ୟାହାରକୁ ନା



ନୂଆଦିଲ୍ଲୀ, ୨୮।୭: ମଙ୍ଗଳବାର, ସୁପ୍ରିମକୋର୍ଟ ଛାତ୍ର ପ୍ରଦର୍ଶନରେ ସାମିଲ ଥିବା ପ୍ରତିବାଦକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ବିଭିନ୍ନ ଆବେଦନର ଶୁଣାଣି ସମୟରେ, କୋର୍ଟ କହିଛନ୍ତି ଯେ ଦିଲ୍ଲୀର ଯନ୍ତର ମନ୍ତର କିମ୍ବା ଅନ୍ୟ କୌଣସି ରାଜ୍ୟରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ବିରୋଧରେ ପୋଲିସ କୌଣସି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ଆଶ୍ୱସ୍ତି କେବଳ ନିର୍ଦ୍ଦୋଷ ଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ। କୋର୍ଟ ନିର୍ଦ୍ଦୋଷ ବ୍ୟକ୍ତି ଏବଂ ନାବାଳକଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଥାପି, ପୂର୍ବରୁ ଅପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କ ବିରୁଦ୍ଧରେ ମାମଲା ପ୍ରତ୍ୟାହାର କରାଯିବ ନାହିଁ। କୋର୍ଟ ଦିଲ୍ଲୀ, ମହାରାଷ୍ଟ୍ର, ବିହାର, କେରଳ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶର ମୁଖ୍ୟ ସଚିବମାନଙ୍କୁ ନୋଟିସ ଜାରି କରିଛନ୍ତି। କୋର୍ଟ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରଦର୍ଶନ ସମ୍ବନ୍ଧୀୟ ସମସ୍ତ ସିସିଟିଭି ଫୁଟେଜ୍, ଡ୍ରୋନ୍, ବଡି କ୍ୟାମେରା, ୱାୟାରଲେସ୍ ଯୋଗାଯୋଗ ରେକର୍ଡ ଏବଂ ପିସିଆର କଲ୍ ଗୁଡ଼ିକୁ ସଂରକ୍ଷିତ ରଖାଯାଉ। କୋର୍ଟ ସମସ୍ତ ରାଜ୍ୟର ପୁଲିସକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରଦର୍ଶନ ସମୟରେ ପ୍ରଦର୍ଶନକାରୀଙ୍କ ଡିଜିଟାଲ ତଥ୍ୟକୁ ସଂରକ୍ଷିତ କରାଯାଉ ଏବଂ ତାହାକୁ ସାର୍ବଜନୀନ କରାଯିବ ନାହିଁ। କୋର୍ଟ ଏହା ମଧ୍ୟ ଆଦେଶ ଦେଇଛନ୍ତି ଯେ, ପ୍ରଦର୍ଶନକାରୀଙ୍କ କୌଣସି ବ୍ୟକ୍ତିଗତ ସୂଚନା କିମ୍ବା ତଥ୍ୟ ପ୍ରକାଶ କରାଯିବ ନାହିଁ। ଏହା ସହିତ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ କାର୍ଯ୍ୟାନୁଷ୍ଠାନ ମଧ୍ୟ କରାଯିବ ନାହିଁ। ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏହି ପ୍ରଦର୍ଶନ ସମୟରେ ଅନେକ ଅପରାଧୀ ମଧ୍ୟ ଉପସ୍ଥିତ ଥିଲେ, ଯେଉଁମାନେ ପ୍ରାୟ ଦୁଇଶହ ପୁଲିସ କର୍ମଚାରୀଙ୍କୁ ଆହତ କରିଥିଲେ। ଏପରି ସ୍ଥିତିରେ ଏହି ମାମଲାର ନିଷ୍ପକ୍ଷ ତଦନ୍ତ ଆବଶ୍ୟକ।

ପେପର ଲିକ୍ ନିରୋଧୀ ସଂଶୋଧନ ବିଲ୍ ଉପରେ ବିତର୍କ

# କଂଗ୍ରେସ-ବିଜେପି ମୁହାଁମୁହିଁ

❑ ପ୍ରିୟଙ୍କାଙ୍କ ମନ୍ତବ୍ୟକୁ ବିରୋଧ ❑ କ୍ଷମା ଦାବି କଲା ବିଜେପି

ନୂଆଦିଲ୍ଲୀ, ୨୮।୭: ସପ୍ତାହେ ଧରି ଚାଲିଥିବା ସଂସଦର ଅଚଳାବସ୍ଥାର ଅନ୍ତ ଘଟାଇ ଲୋକସଭାରେ ପେପର ଲିକ୍ ନିରୋଧୀ ସଂଶୋଧନ ବିଲ୍ ଉପରେ ବିତର୍କ ମଙ୍ଗଳବାର ଆରମ୍ଭ ହୋଇଥିଲା, ସରକାର ଏହାକୁ ଛାତ୍ରମାନଙ୍କୁ ସୁରକ୍ଷା ଦେବା ଏବଂ ପରୀକ୍ଷା ତ୍ରୁଟି ରୋକିବା ପାଇଁ ଏକ ଦୃଢ଼ ଆଇନ ଭାବରେ ଉପସ୍ଥାପନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଆଇନକୁ ରକ୍ଷା କରୁଥିବା ବେଳେ, କଂଗ୍ରେସ ସାଂସଦ ଗୌରବ ଗୋଗୋଇଙ୍କ ନେତୃତ୍ୱରେ ବିରୋଧୀ ଦଳ ଯୁକ୍ତି ଦେଇଥିଲେ ଯେ ୨୦୨୪ ଆଇନ ପେପର ଲିକ୍ ରୋକିବାରେ ବିଫଳ ହୋଇଛି ଏବଂ କହିଛନ୍ତି ଯେ ନୂତନ ସଂଶୋଧନ ସରକାରଙ୍କ ତ୍ରୁଟିକୁ ପ୍ରକାଶ କରିଛି। ଲୋକସଭାରେ ଏହି ବିଲ୍ ଉପରେ ଜୋରଦାର ଆଲୋଚନା ହୋଇଛି। ବାଚସ୍ପତି ଗୃହର କାର୍ଯ୍ୟକୁ ରାତି ୧୦ଟା ପର୍ଯ୍ୟନ୍ତ ବୃଦ୍ଧି କରଥିଲେ। ସଂସଦରେ ଭାଷଣ ଦେଇ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ପ୍ରତିବାଦକାରୀ ଛାତ୍ରଙ୍କ ବିରୋଧରେ ବଳ ପ୍ରୟୋଗ ପାଇଁ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୃହମନ୍ତ୍ରୀ ଶାହଙ୍କୁ ଜବାବ ଦେବାକୁ ପଡିବ ଯେ ପ୍ରତିବାଦକାରୀ ଛାତ୍ରଙ୍କ ଉପରେ 'ପେଲେଟ୍ ଗନ୍' ଏବଂ 'ଏକେ-୪୭' ବ୍ୟବହାରକୁ କିଏ ଅନୁମତି ଦେଇଛି। 'ଯେକୌଣସି ପୁଅ କିମ୍ବା ଝିଅ ଉପରେ ପ୍ରତ୍ୟେକ 'ଲାଠି' ମାଡ଼, ଛାତ୍ରଙ୍କ ପିଠି ଅପେକ୍ଷା ସରକାରଙ୍କ ପ୍ରତିଷ୍ଠାକୁ ଅଧିକ ଆଘାତ କରେ,' ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ପ୍ରଧାନମନ୍ତ୍ରୀ ମୋଦୀ ଜେନ ଜେଡ୍‌ଙ୍କୁ ଜିତିବାକୁ ଚାହାଁନ୍ତି, ତେବେ କ୍ୟାମେରା ଆଙ୍ଗଲ୍ ପରିବର୍ତ୍ତନ କରୁଥିବା ଭିଡିଓ ସାହାଯ୍ୟ କରିବ ନାହିଁ କାରଣ ଏହି ପିଢ଼ିର 'ମିଥ୍ୟା' ଚିହ୍ନଟ କରିବାର ପ୍ରଚଣ୍ଡ କ୍ଷମତା ଅଛି। 'ଯଦି ଆପଣ ଜେନ ଜେଡଙ୍କୁ ଜିତିବାକୁ ଚାହାନ୍ତି, ତେବେ ଭିନ୍ନ କ୍ୟାମେରା ଆଙ୍ଗଲ୍ ସହିତ ଭିଡିଓ ତିଆରି କରିବା ସାହାଯ୍ୟ କରିବ ନାହିଁ। ପ୍ରଧାନମନ୍ତ୍ରୀଙ୍କୁ କ୍ୟାମେରା ଆଙ୍ଗଲ୍ ନୁହେଁ, ତାଙ୍କ ହୃଦୟର ଆଙ୍ଗଲ୍ ବଦଳାଇବାକୁ ପଡିବ,' ସେ କହିଛନ୍ତି। ପ୍ରଶ୍ନପତ୍ର ବିବାଦରେ ଫସି ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ପ୍ରହଲାଦ ଯୋଶୀ ଶିକ୍ଷା ମନ୍ତ୍ରୀ ହୋଇଛନ୍ତି। କିନ୍ତୁ ଏବେ ଗାନ୍ଧି ଭାଇ ଭଉଣୀ ନୂଆ ଶିକ୍ଷା ମନ୍ତ୍ରୀଙ୍କୁ ଘେରିଛନ୍ତି।ସଂସଦ ବାହାରେ ଓ ଭିତରେ ଭାଇ ଭଉଣୀ ମିଳିତ ଭାବେ ପ୍ରହ୍ଲାଦ ଯୋଶୀଙ୍କୁ ନିଶାଣ କରିଛନ୍ତି। ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ସପକ୍ଷରେ ଏକଦା ପ୍ରହ୍ଲାଦ ଯୋଶୀ ବୟାନ ଦେଇଥିବା ଉଭୟ ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଅଭିଯୋଗ କରିଥିଲେ ହେଁ ଏହାକୁ ଶାସକ ଦଳ ଓ ନିଜେ ପ୍ରହ୍ଲାଦ ଯୋଶୀ ଖଣ୍ଡନ କରିଛନ୍ତି। ଏଥିସପାଇଁ ସେମାନେ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ କ୍ଷମା ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଲୋକସଭାରେ ପ୍ରିୟଙ୍କା ଗାନ୍ଧିଙ୍କ ମନ୍ତବ୍ୟକୁ ଦୃଢ଼ ଭାବେ ବିରୋଧ କରିଥିଲେ। ସେ ଏହି ମନ୍ତବ୍ୟକୁ ଅନୁଚିତ ଓ ଅପମାନଜନକ ବୋଲି କହିବା ସହ ସଂସଦୀୟ ରେକର୍ଡରୁ ଏହାକୁ ହଟାଇବାକୁ ଦାବି କରିଛନ୍ତି। ଏଥିସହ ପ୍ରିୟଙ୍କା ଗାନ୍ଧିଙ୍କୁ କ୍ଷମା ମାଗିବାକୁ ମଧ୍ୟ ସେ ଦାବି କରିଥିଲେ।






# ନବପ୍ରଭାତ







ଆଷାଢ଼ ମାସ ପୂର୍ଣ୍ଣିମା ତିଥିରେ ଭାରତବର୍ଷର ସର୍ବତ୍ର ଗୁରୁପୂର୍ଣ୍ଣିମା ପାଳନ କରାଯାଏ। ଏହାକୁ ବ୍ୟାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ମହର୍ଷି ବଶିଷ୍ଠଙ୍କ ପୌତ୍ର ପରାଶର ଋଷିଙ୍କ ପୁତ୍ର ବେଦବ୍ୟାସ ଯିଏକି ଆଦିଶାସ୍ତ୍ର ବେଦ ଚତୁଷ୍ଟୟର ବିସ୍ତାର ଲାଭ କରିଥିଲେ, ତାଙ୍କର ଧରା ଅବତରଣ ଆଷାଢ଼ ପୂର୍ଣ୍ଣିମା ତିଥିରେ ହୋଇଥିଲା। ଶ୍ରୀମଦ୍ ଭଗବତଗୀତା, ଭଗବତପୁରାଣ, ସମସ୍ତ ପୁରାଣ ତଥା ଉପପୁରାଣ ଆଦି ସକଳ ଶାସ୍ତ୍ରର ରଚୟିତା ହୋଇ ଯିଏକି ମାନବ ଜାତିର ଜ୍ଞାନର ଭଣ୍ଡାର ସୃଷ୍ଟି କରିଯାଇଛନ୍ତି ତାଙ୍କର ଜନ୍ମତିଥିକୁ ଆମେ ଗୁରୁପୂର୍ଣ୍ଣିମା ଭାବେ ପାଳନ କରିଆସୁଛୁ। ସମସ୍ତ ପୂର୍ଣ୍ଣିମା ମଧ୍ୟରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି କାରଣ ପରମାତ୍ମଜ୍ଞାନ, ପରମାତ୍ମ ଧ୍ୟାନ ଓ ପରମାତ୍ମ ଜ୍ଞାନ ପ୍ରାପ୍ତି ଅସମ୍ଭବ, ଏକମାତ୍ର ସତ୍‌ଜ୍ଞାନ ହିଁ ପରମାର୍ଥିକ ଜୀବନରେ ଏକାନ୍ତ କାମ୍ୟ। ଗୁରୁପଦ ବନ୍ଦନା, ସ୍ମରଣ ତଥା ଧ୍ୟାନ ବଳରେ ଜ୍ଞାନନେତ୍ର ଉନ୍ମୀଳିତ ହୁଏ, ସଂସାରରୂପୀ ରାତ୍ରିର ସର୍ବକଳୁଷ ଅପନୋଦନ ହୋଇଯାଏ। ଆଦିଗୁରୁ ବ୍ୟାସଦେବ ଅଗାଧ ଜ୍ଞାନର ଭଣ୍ଡାର ଥିଲେ। ଏହା ନିଃସନ୍ଦେହ ଯେ ମହର୍ଷି ବେଦବ୍ୟାସକୃତ ଶାସ୍ତ୍ର ପଠନ ଶ୍ରବଣ ବିନା ଭାରତରେ ଅବା ବିଶ୍ୱରେ କୌଣସି ଆଧ୍ୟାତ୍ମିକ ଉପଦେଶ ବର୍ଣ୍ଣି ପାରିନାହାଁନ୍ତି। ଅତଃ ଯେଉଁ ମହାତ୍ମା କଠୋର ସାଧନ କରି ଆମ ପାଇଁ ଏତେସବୁ ସାଧବସ୍ତୁ ରଖିଯାଇଛନ୍ତି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି, କୃତଜ୍ଞତା ଜ୍ଞାପନ, ଋଷି ଋଣ ପରିଶୋଧ ସର୍ବୋପରି ଋଷିଙ୍କର ପ୍ରେରଣା ଓ ଆଶୀର୍ବାଦ ପ୍ରାପ୍ତି ନିମିତ୍ତ ଏହି ବ୍ୟାସପୂର୍ଣ୍ଣିମା ପାଳନୀୟ। ଅତଃ ପ୍ରତିଷ୍ଠାନ କାର୍ଯ୍ୟାଳୟରେ ଉକ୍ତ ଉତ୍ସବ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ପୂଜାନୁଷ୍ଠାନ ସହ ସାମୂହିକ ଶ୍ରୀ ଶ୍ରୀଗୁରୁଗୀତା ପାଠ, ଶ୍ରୀ ଶ୍ରୀଗୁରୁସହସ୍ରନାମ ସ୍ତୋତ୍ରପାଠ ତଥା ଗୁର୍ବାଷ୍ଟକମ ଆଦି ଗାନ ପୂର୍ବକ ଉପସ୍ଥିତ ସମଗ୍ର ଶ୍ରଦ୍ଧାଳୁ ଭକ୍ତ ତଥା ଅନ୍ତେବାସୀଗଣ ଦିବସର ମହନୀୟତାକୁ ଉପଲବ୍ଧ କରିବା ସହିତ ଗୁରୁସାଯୁଜ୍ୟ ପ୍ରାପ୍ତି ନିମିତ୍ତ ପ୍ରୟାସୀ ହୋଇଥିଲେ। ଏହି ମହୋତ୍ସବ ତପ – ବ୍ରତ – ସାଧନାର ମାର୍ଗକୁ ଉନ୍ମୁକ୍ତ ଓ ଦୃଢ଼ କରାଇଥାଏ। ସଂଯମ ଶାନ୍ତି ଓ ମଧୁର ଜୀବନର ପଥ ପ୍ରଦର୍ଶନ ହୋଇଥାଏ, ଯାହା ଈଶ୍ୱରପ୍ରାପ୍ତି ଜନିତ ସହଜସାଧ ଓ ସମର୍ପଣ ଭାବନା ମଧ୍ୟ ସୃଷ୍ଟି ହୋଇଥାଏ। ***ଅଜୟ କୁମାର ବେହେରା,***

***ମୋ : ୯୪୩୭୧୦୩୧୨୫୩***







ବିଷ୍ଣୁଙ୍କ ଅବତାର ବ୍ୟାସଦେବଙ୍କ ଜନ୍ମଦିବସକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ଋଷି ପରାଶରଙ୍କ ଔରସରେ ମତ୍ସ୍ୟଗନ୍ଧା (ସତ୍ୟବତୀ)ଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣିମା ଦିନ ମହର୍ଷି ବ୍ୟାସଦେବ ଗଙ୍ଗାନଦୀ ଗର୍ଭସ୍ଥ କୃଷ୍ଣଦ୍ୱୀପରେ ଜନ୍ମଗ୍ରହଣ କରିଥିଲେ । ବ୍ୟାସଦେବଙ୍କ ଔରସରେ ଶୁକଦେବ ଜନ୍ମ ହୋଇଥିଲେ ।

ଏହାଙ୍କ ମାତା ସତ୍ୟବତୀଙ୍କ ସଙ୍ଗେ ଶାନ୍ତନୁଙ୍କର ବିବାହ ହୋଇଥିଲା । ଶାନ୍ତନୁ ଓ ସତ୍ୟବତୀଙ୍କ ପୁତ୍ର ବିଚିତ୍ରବୀର୍ଯ୍ୟ ନିଃସନ୍ତାନ ମୃତ ହେବାରୁ ସତ୍ୟବତୀଙ୍କ ଆଦେଶ ଅନୁସାରେ ଏ ବିଚିତ୍ରବୀର୍ଯ୍ୟଙ୍କ ଦୁଇ ବିଧବାପତ୍ନୀ ଅମ୍ବିକା ଓ ଅମ୍ବାଳିକାଙ୍କ ସଙ୍ଗେ ନିୟୋଗ ବିଧି ଅନୁସାରେ ସହବାସ କଲେ ଓ ସେମାନଙ୍କ ଗର୍ଭରୁ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କ ଜନ୍ମ ହେଲା । ଏହାଙ୍କ ଔରସରେ ବିଚିତ୍ରବିର୍ଯ୍ୟଙ୍କ ଦାସୀଗର୍ଭରେ ବିଦୁର ଜନ୍ମଗ୍ରହଣ କରିଥିଲେ । ବ୍ୟାସଦେବଙ୍କ ଅନ୍ୟନାମ

**ବେଦବ୍ୟାସ:** ବେଦମାନଙ୍କ ସଂଗ୍ରହ ଓ ବିଭାଗ କରିଥିବାରୁ ପୁରାଣାନୁସାରେ ଭିନ୍ନ ଭିନ୍ନ କଳ୍ପରେ ପ୍ରତ୍ୟେକ ଦ୍ୱାପର ଯୁଗରେ ଜନ୍ମଗ୍ରହଣ କରି ବେଦମାନଙ୍କ ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷି ବେଦବ୍ୟାସ ଭାବେ ପରିଚିତ । ଏମାନେ ବ୍ରହ୍ମା ବା ବିଷ୍ଣୁଙ୍କର ଅବତାର ବୋଲି କଥିତ । ପ୍ରଥମ ଦ୍ୱାପର ଯୁଗରେ ସ୍ୱୟଂ ବ୍ରହ୍ମା ବେଦବ୍ୟାସ ରୂପେ, ଦ୍ୱିତୀୟ ଦ୍ୱାପରରେ ପ୍ରଜାପତି ବା ମନୁ, ତୃତୀୟ ଦ୍ୱାପରରେ ଶୁକ୍ରାଚାର୍ଯ୍ୟ, ଚତୁର୍ଥ ଦ୍ୱାପରରେ ବୃହସ୍ପତି ବେଦଭାଷ୍ୟ ରୂପେ ପରିଚିତ ହୁଅନ୍ତି । ସ୍ୱୟଂଭୁବ, ଉଶନା, ସବିତା, ମୃତ୍ୟୁ ବା ଯମ, ଇନ୍ଦ୍ର, ବସିଷ୍ଠ, ସାରସ୍ୱତ, ତ୍ରିଧାମ, ଋଷଭ ବା ତ୍ରିବୃଷ, ସୁତେଜା ବା ଭାରଦ୍ୱାଜ, ଅନ୍ତରୀକ୍ଷ ବା ଧର୍ମ, ବ୍ରୁବନ୍ ବା ସୁଚକ୍ଷୁ, ତ୍ରୟ୍ୟାରୁଣି, ଧନଞ୍ଜୟ, କୃତଞ୍ଜୟ, ଋତଞ୍ଜୟ, ଭରଦ୍ୱାଜ, ଗୌତମ, ଉତ୍ତମ ବା ହର୍ଯ୍ୟମ୍ନା, ବାଚଶ୍ରବା ବା ନାରାୟଣ ବା ବେଣ, ସୋମମୁଖ୍ୟାୟନ ବା ତୃଣବିନ୍ଦୁ, ଋକ୍ଷ ବା ବାଲ୍ମୀକି, ଶକ୍ତି, ପରାଶର, ଜାତୁକର୍ଣ୍ଣ ଓ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି ।

# ଚକାନୟନ ର ଦଶ ଦିଗନ୍ତ: ଆତ୍ମଶୁଦ୍ଧିର ପ୍ରେରଣା





**୬. ଦୂରଦୃଷ୍ଟି :**

ଆଲବର୍ଟ ଆଇନଷ୍ଟାଇନ୍ – 'କଳ୍ପନାଶକ୍ତି ବା ଦୂରଦୃଷ୍ଟି ହିଁ ସବୁକିଛି। ଏହା ହେଉଛି ଆଗାମୀ ଜୀବନରେ ଆସିବାକୁ ଥିବା ଆକର୍ଷଣଗୁଡ଼ିକର ଏକ ପୂର୍ବରୂପ।'

ବର୍ତ୍ତମାନର ସୀମା ଭିତରେ ଆବଦ୍ଧ ନରହି ଯିଏ ଆଗାମୀ କାଲିର ସମ୍ଭାବନାକୁ ଦେଖିପାରେ, ସେ ହିଁ ନୂତନ ସୃଷ୍ଟି ଓ ପ୍ରଗତିର ପଥ ପରିଷ୍କାର କରେ।

କ. ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ଦୂରଦୃଷ୍ଟି' ହେଉଛି ସୃଷ୍ଟିର ଅନନ୍ତ କାଳଚକ୍ରକୁ ନିୟନ୍ତ୍ରଣ କରିବାର ଦିବ୍ୟ ବିଜ୍ଞାନ। ସେ ସମୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ– ତିନୋଟିଯାକ କାଳକୁ ନିଜର ବୃହତ୍ ଚକା ଆଖିରେ ସମାନ ଭାବେ ଦେଖନ୍ତି ଏବଂ ସମଗ୍ର ସଂସାରକୁ ଏକ କଲ୍ୟାଣକାରୀ ଦିଗରେ ମାର୍ଗଦର୍ଶନ କରନ୍ତି।

ଖ. ତ୍ରୁଟିହୀନ ଯୋଜନା ଓ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟ ଦ୍ୱାରା ଆଗାମୀ ପିଢ଼ି ପାଇଁ ଶୋଷଣମୁକ୍ତ ଓ ସମୃଦ୍ଧ ସମାଜ ଗଠନ ସମ୍ଭବ।

**୭. ଆତ୍ମଦୃଷ୍ଟି :**

ମାର୍କସ୍ ଅରେଲିୟସ୍ – 'ନିଜ ଅନ୍ତରକୁ ଚାହଁ। ଆପଣଙ୍କ ଭିତରେ ହିଁ ସଦ୍‌ଗୁଣ ଓ ମଙ୍ଗଳର ଝରଣା ରହିଛି, ଯାହାକୁ ଆପଣ ଯେତେ ଅନୁସନ୍ଧାନ କରିବେ, ସେତେ ଅଧିକ ପ୍ରବାହିତ ହେବ।' ସମସ୍ତ ଶାନ୍ତି, ଦୟା ଓ ପବିତ୍ରତା ନିଜ ଭିତରେ ହିଁ ବିଦ୍ୟମାନ। ଆତ୍ମଦୃଷ୍ଟି ମାଧ୍ୟମରେ ହିଁ ମଣିଷ ନିଜର ଏହି ପବିତ୍ର ଗୁଣଗୁଡ଼ିକୁ ଆବିଷ୍କାର କରିପାରେ।

କ. ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ଆତ୍ମଦୃଷ୍ଟି' ହେଉଛି ପ୍ରତ୍ୟେକ ସାଧକ ପାଇଁ ନିଜ ଅନ୍ତରର ଗୁପ୍ତ ବ୍ରହ୍ମ-ସତ୍ତାକୁ ଚିହ୍ନିବାର ସୁଯୋଗ। ଚକା ଆଖିକୁ ଚାହିଁବା ବେଳେ ପ୍ରଭୁ ଭକ୍ତକୁ ନିଜ ଭିତରର ଦୋଷ-ତ୍ରୁଟିକୁ ନିରୀକ୍ଷଣ କରି ଆତ୍ମଶୁଦ୍ଧି ହେବାକୁ ପ୍ରେରଣା ଦିଅନ୍ତି।

ଖ. ଅନ୍ୟର ଦୋଷ ଦେଖିବା ପୂର୍ବରୁ ନିଜର ଆଚରଣ ଓ ନୈତିକତାର ସମୀକ୍ଷା କରିବା।

ଗ. ପ୍ରତିଦିନ ନିଜ ଭୁଲକୁ ସ୍ୱୀକାର କରିବା ଓ ଆତ୍ମଶୁଦ୍ଧି ପାଇଁ ପ୍ରୟତ୍ନ କରିବା ଦ୍ୱାରା ବ୍ୟକ୍ତିତ୍ୱର ସଚ୍ଚୋଟ ପ୍ରଗତି ହୁଏ।

**୮. ମହାଦୃଷ୍ଟି :**

ସ୍ୱାମୀ ବିବେକାନନ୍ଦ:– 'ଅସୀମ ଶକ୍ତି, ଅସୀମ ଜ୍ଞାନ ଓ ଅସୀମ ପବିତ୍ରତା ଆମ ସମସ୍ତଙ୍କ ଭିତରେ ରହିଛି। ନିଜର ଦୃଷ୍ଟିକୋଣକୁ ମହାଦୃଷ୍ଟିରେ ପରିଣତ କର, ସମଗ୍ର ବ୍ରହ୍ମାଣ୍ଡକୁ ନିଜ ଭିତରେ ଅନୁଭବ କର ଏବଂ ସମସ୍ତ କ୍ଷୁଦ୍ର ସୀମାରେଖାକୁ ଭାଙ୍ଗିଦିଅ।'

କ. ସଂକୁଚିତ ସ୍ୱାର୍ଥ, ଜାତି ଓ ଗୋଷ୍ଠୀବାଦର ସୀମା ଭାଙ୍ଗି ବିଶ୍ୱ ଚେତନା ଗ୍ରହଣ କରିବା ହିଁ ପ୍ରକୃତ ମହାଦୃଷ୍ଟି।

ଖ. 'ବସୁଧୈବ କୁଟୁମ୍ବକମ୍' ର ପ୍ରତୀକ ହେଉଛନ୍ତି ଜଗନ୍ନାଥ। ତାଙ୍କ ମହାଦୃଷ୍ଟି ସଂକୁଚିତ ସୀମାରେ ବନ୍ଧା ନୁହେଁ, ସମଗ୍ର ବିଶ୍ୱ ଏବଂ ସମସ୍ତ ପ୍ରାଣୀ ଏହାର ଅନ୍ତର୍ଭୁକ୍ତ।

ଗ. ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ମହାଦୃଷ୍ଟି' ହେଉଛି ତାଙ୍କର ବୃହତ୍ ଓ ବର୍ତ୍ତୁଳାକାର 'ଚକା ଆଖି'। ଏହି ଆଖିରେ କୌଣସି ପଲକ ବା ସୀମାରେଖା ନାହିଁ। ସେହି ମହାଦୃଷ୍ଟି ମାଧ୍ୟମରେ ସେ କୌଣସି ଗୋଟିଏ ଧର୍ମ, ଜାତି କିମ୍ବା ଦେଶର ନୁହନ୍ତି—ସେ ସମଗ୍ର ବ୍ରହ୍ମାଣ୍ଡର ନାଥ 'ଜଗନ୍ନାଥ'।

ଘ. ନିଜ ଚିନ୍ତାଧାରାକୁ ବିଶାଳ ଓ ବ୍ୟାପକ କରି ସମଗ୍ର ସମାଜର ବିକାଶରେ ନିଜକୁ ନିୟୋଜିତ କରିବା।

**୯. ଅନବରତଦୃଷ୍ଟି / ଏକଦୃଷ୍ଟି :**

କ. ଶ୍ରୀଜଗନ୍ନାଥଙ୍କ ନୟନରେ ପଲକ ନାହିଁ। ଏହାର ଅର୍ଥ ସେ ନିଦ୍ରାହୀନ ଭାବେ ସୃଷ୍ଟିର ରକ୍ଷା ଓ ଶୃଙ୍ଖଳା ପାଇଁ ସଦା ସଜାଗ, ଅନବରତ ଦୃଷ୍ଟିପାତ କରୁଛନ୍ତି।

ଖ. କର୍ତ୍ତବ୍ୟପରାୟଣତା, ନିଷ୍ଠା ଓ ନିରନ୍ତର ସାଧନା ହିଁ ସଫଳତାର ମୂଳମନ୍ତ୍ର।

ଗ. ନିଜର ଲକ୍ଷ୍ୟ ସାଧନ ପାଇଁ କୌଣସି ଅବହେଳା ନକରି ଏକାଗ୍ରତା ଓ ନିରନ୍ତରତା ବଜାୟ ରଖିବା ଉଚିତ।

**୧୦. କଟାକ୍ଷଦୃଷ୍ଟି :**

ଫ୍ରେଡ୍ରିକ୍ ନିତଶେ :– 'ଗୋଟିଏ ସୂକ୍ଷ୍ମ କଟାକ୍ଷ ବା ବିଚାରାତ୍ମକ ଚାହାଣି ସେହି ସବୁ ବଡ଼ ବଡ଼ ଭ୍ରମ ଓ ମିଥ୍ୟାକୁ ଦେଖିପାରେ, ଯାହାକୁ ସାଧାରଣ ସିଧା ଆଖି ସମ୍ପୂର୍ଣ୍ଣ ରୂପେ ଦେଖିବାରେ ବିଫଳ ହୁଏ।' ସମାଜରେ ଥିବା ଦମ୍ଭ, କୁସଂସ୍କାର ଓ ମିଥ୍ୟା ପାରମ୍ପରିକତାକୁ ସିଧାସଳଖ ନଜରରେ ନୁହେଁ, ବରଂ କଟାକ୍ଷ ବା ବ୍ୟଙ୍ଗାତ୍ମକ ଦୃଷ୍ଟିରେ ହିଁ ସଠିକ୍ ଭାବେ ପରଖାଯାଇପାରେ।

କ. ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'କଟାକ୍ଷଦୃଷ୍ଟି' ହେଉଛି ତାଙ୍କର ସ୍ମିତହାସ୍ୟପୂର୍ଣ୍ଣ ଓ ଲୀଳାମୟ ଚାହାଣି। ଯେତେବେଳେ ଭକ୍ତ ବା ସାଂସାରିକ ମଣିଷ ନିଜର ଧନ, ଜ୍ଞାନ ବା ପଦବୀକୁ ନେଇ ଅହଂକାର କରେ, ସେତେବେଳେ ଚକାଆଖିର ଗୋଟିଏ ସୂକ୍ଷ୍ମ କଟାକ୍ଷ ତାର ସମସ୍ତ ଗର୍ବକୁ ଚୂର୍ଣ୍ଣ କରିଦିଏ। ଏହା କେବଳ ଦଣ୍ଡ ନୁହେଁ, ବରଂ ଭକ୍ତକୁ ସତ୍ୟ ପଥକୁ ଆଣିବାର ଏକ ଦିବ୍ୟ ଲୀଳା।

ଖ. ସମାଜରେ ଥିବା ଅହଂକାର, କୁସଂସ୍କାର ଓ ମିଥ୍ୟା ପାରମ୍ପରିକତା ପ୍ରତି ବ୍ୟଙ୍ଗ କାଠଗଡ଼ା ଛିଡ଼ା କରି ସତ୍ୟ ଶିଖାଇବା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ଦଶ ଦୃଷ୍ଟି କେବଳ ପୌରାଣିକ ଆଖ୍ୟାନ ନୁହେଁ, ଏହା ମାନବ ଚେତନାର ଏକ ପୂର୍ଣ୍ଣାଙ୍ଗ ଜୀବନ ଶୈଳୀ। ଯେଉଁ ମନୁଷ୍ୟ ନିଜ ଭିତରେ ଏହି ଦଶଟି ଦୃଷ୍ଟିକୋଣ (ଅନ୍ତର୍ଦୃଷ୍ଟିରୁ ଆରମ୍ଭ କରି କଟାକ୍ଷଦୃଷ୍ଟି ପର୍ଯ୍ୟନ୍ତ)ର ସମାହାର କରିପାରିବ, ସେ ସମାଜରେ ଏକାଧାରରେ ଜଣେ ସଚ୍ଚୋଟ, ସଫଳ, କରୁଣାମୟ ଓ ଦାର୍ଶନିକ ଭାବେ ନିଜକୁ ଗଢ଼ିତୋଳି ପାରିବ।(ଶେଷ ଭାଗ)

**-ମନୋଜ କୁମାର ଶତପଥି**

***ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ, ଭାପୁର -୯୯୩୮୫୫୯୫୬୮***

*ଭାରତରେ ରହିଛି ଏମିତି ମନ୍ଦିର*

# ଯେଉଁଠି ଭକ୍ତଙ୍କୁ ପ୍ରସାଦରେ ମିଳିଥାଏ ସୁନା, ରୁପା



ଭାରତରେ ହଜାର ହଜାର ମନ୍ଦିର ରହିଛି । ଆସ୍ଥା ଓ ବିଶ୍ୱାସର ଦେଶ ଭାରତରେ ଏପରି ଅନେକ ମନ୍ଦିର ଅଛି ଯାହା ଅତ୍ୟନ୍ତ ରହସ୍ୟମୟ। ଏହି ମନ୍ଦିରଗୁଡ଼ିକରେ ଏପରି ଅନେକ ଜିନିଷ ଅଛି ଯାହା ସେମାନଙ୍କୁ ସ୍ୱତନ୍ତ୍ର କରିଥାଏ । କେତେକ ମନ୍ଦିର ଏହାର ଗଠନ ପାଇଁ ପ୍ରସିଦ୍ଧ, କେତେକ କାହାଣୀ ପାଇଁ ଏବଂ କେତେକ ନିଜ ପ୍ରସାଦ ପାଇଁ ପ୍ରସିଦ୍ଧ । ପ୍ରତ୍ୟେକ ମନ୍ଦିରର ବିଶେଷତା ଭିନ୍ନ ଭିନ୍ନ ହେବା ସହ କାହାଣୀ ମଧ୍ୟ ଭିନ୍ନ ହୋଇଥାଏ। ମନ୍ଦିର ଛୋଟ ହେଉ କି ବଡ଼ ତାହା ଭକ୍ତିର ପ୍ରତୀକ ହୋଇଥାଏ। ଏହି ମନ୍ଦିର ବିଷୟରେ ବର୍ଣ୍ଣନା ଖୁବ୍ କୌତୂହଳପ୍ରଦ। ମଧ୍ୟପ୍ରଦେଶର ରତଲାମ ସହରରେ ରହିଛି ପ୍ରସିଦ୍ଧ ମହାଲକ୍ଷ୍ମୀ ମନ୍ଦିର। ଭକ୍ତ ଏଠାରେ ପୂଜା କରି ଭଗବାନଙ୍କୁ ଭୋଗ ଲଗାଇଥାଏ। ସେହିଭଳି ଅନେକ ପ୍ରକାର ବ୍ୟଞ୍ଜନ ଏବଂ ମିଠାକୁ ପ୍ରସାଦ ରୂପେ ଭୋଗ କରାଯାଇ ଭକ୍ତଙ୍କ ମଧ୍ୟରେ ପ୍ରଦାନ କରାଯାଇଥାଏ। କିନ୍ତୁ ଏଠାରେ ପ୍ରସାଦ ରୂପେ ରୁପା ଏବଂ ସୁନା ମୁଦ୍ରା ଓ ଅଳଙ୍କାର ମିଳିଥାଏ। ଆଜ୍ଞା ହଁ ଏକଥା ବିଶ୍ୱାସ ନହେଲେ ମଧ୍ୟ ବିଲକୁଲ୍ ସତ। ମା ମହାଲକ୍ଷ୍ମୀଙ୍କ ଏଭଳି ଏକ ମନ୍ଦିର ରହିଛି, ଯେଉଁଠାରେ ସୁନା ଏବଂ ରୁପାର ମୁଦ୍ରାକୁ ପ୍ରସାଦ ରୂପେ ଦିଆଯାଇଥାଏ। ତେବେ ଆସନ୍ତୁ ଜାଣିବା ଏହି ମନ୍ଦିର ବିଷୟରେ କିଛି ଅଜଣା କଥା।

ଯଦି ଆପଣ ମଧ୍ୟ ଭଗବାନଙ୍କ ଭକ୍ତ ଓ ଜଣେ ଉପାସକ, ତେବେ ଆପଣ ଏହି ମନ୍ଦିରକୁ ଥରେ ପରିଦର୍ଶନ କରନ୍ତୁ । ଏହି ମନ୍ଦିରରେ ମା ଲକ୍ଷ୍ମୀଙ୍କ ସହ ଧନ କୋଷାଧକ୍ଷ କୁବେର ଦେବଙ୍କ ପୂଜା କରାଯାଏ । ଏହି ମନ୍ଦିରର କବାଟ ଧନତେରାସ୍ ଦିନ ହିଁ ଖୋଲିଥାଏ। ଧନତେରାସ୍ ଦିନ ବ୍ରହ୍ମମୁହୂର୍ତ୍ତ ସମୟରେ ଏହି ମନ୍ଦିର ଖୋଲିଥାଏ ଏବଂ ଭ୍ରାତୃ ଦ୍ୱିତୀୟା ମନ୍ଦିରର କବାଟ ବନ୍ଦ କରାଯାଇଥାଏ। ଧନତେରାସ୍ ଦିନ ଏହି ମନ୍ଦିର ସମ୍ପୂର୍ଣ୍ଣ ସୁନା ଏବଂ ରୁପାରେ ସଜ୍ଜିତ କରାଯାଇଥାଏ।

ଏହି ମନ୍ଦିର ଅନେକ ଉପାୟରେ ମହତ୍ତ୍ୱପୂର୍ଣ୍ଣ । ସାଧାରଣତଃ ମନ୍ଦିରରେ ଭକ୍ତଙ୍କୁ ପ୍ରସାଦରେ ମିଠା କିମ୍ବା ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଏ । କିନ୍ତୁ ମାତା ଲକ୍ଷ୍ମୀଙ୍କ ଏହି ମନ୍ଦିରରେ ଭକ୍ତମାନଙ୍କୁ ପ୍ରସାଦ ରୂପେ ସୁନା, ରୁପା ଏବଂ ଅଳଙ୍କାର ପ୍ରସାଦରେ ଦିଆଯାଏ । କେବଳ ଏତିକି ନୁହେଁ, ଏହି ମନ୍ଦିରକୁ ଆସୁଥିବା କୌଣସି ଭକ୍ତ ମଧ୍ୟ ପ୍ରସାଦ ଭଳି ସୁନା ଓ ରୁପା କଏନ ପାଇଥାନ୍ତି । ଏହି ମନ୍ଦିରରେ ବର୍ଷସାରା ଭକ୍ତଙ୍କ ଭିଡ଼ ଲାଗି ରହିଥାଏ । ଭକ୍ତମାନେ ଏଠାରେ ଆସି କୋଟି କୋଟି ଟଙ୍କାର ସୁନା ଗହଣା ମାତାଙ୍କ ଚରଣରେ ଅପର୍ଣ ମଧ୍ୟ କରିଥାନ୍ତି । ଧନତେରସ ଠାରୁ ୫ ଦିନ ଯାଏ ଏହି ମନ୍ଦିରରେ ଦୀପ ଉତ୍ସବର ଆୟୋଜନ କରାଯାଇଥାଏ । ଦୀପ ଉତ୍ସବ ବେଳେ ମନ୍ଦିରରେ କୁବେରଙ୍କ ଦରବାର ଲାଗିଥାଏ । ଏହି ସମୟରେ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଭାଗ ସ୍ୱରୂପ ଗହଣା ଓ ଟଙ୍କା ଦିଆଯାଇଥାଏ । ଦୀପାବଳୀ ଦିନ ଏହି ମନ୍ଦିର ୨୪ ଘଣ୍ଟା ଖୋଲା ରହିଥାଏ । ଯେକେହି ଆଗ୍ରହୀ ଏହି ମନ୍ଦିରକୁ ଯାଆନ୍ତୁ । ମାଆଙ୍କର ଦର୍ଶନ କରି ଆଶୀର୍ବାଦ ପାଆନ୍ତୁ।

# ଗୋଟିଏ ରାତିରେ ୪ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି ଦୃଶ୍ୟ ସି.ସି.ଟି.ଭି.ରେ କଏଦ

ସାଲେପୁର,(ନିପ୍ର): ସାଲେପୁରରେ ଦିନକୁ ଦିନ ମନ୍ଦିରରୁ ଚୋରି ବଢ଼ିବାରେ ଲାଗିଛି । ଗତକାଲି ବିଳମ୍ବିତ ରାତ୍ରିରେ ସାଲେପୁରର ପ୍ରାୟ ୪ଗୋଟି ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଦାନ ଟଙ୍କା ଲୁଟି ନେଇଥିବା ଚିତ୍ର ସି.ସି.ଟି.ଭି.ରେ ଦେଖିବାକୁ ମିଳିଛି । ସି.ସି.ଟି.ଭି.ରୁ ସ୍ପଷ୍ଟ ଦେଖିବାକୁ ମିଳିଛି ଯେ ଦୁଇଜଣ ଯୁବକ ଏକ ମୋଟର ସାଇକେଲ୍‌ରେ ବୁଲି ବୁଲି ୪ଗୋଟି ନିର୍ଦ୍ଦିଷ୍ଟ ମନ୍ଦିରର ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଲୁଟି ନେଉଛନ୍ତି । ସାଲେପୁର ଥାନା ଅନ୍ତର୍ଗତ ରୋଧପୁର ଗ୍ରାମରେ ଥିବା ମା'ଶାରଳା ମନ୍ଦିରର ହୁଣ୍ଡି ଭାଙ୍ଗି ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବାବେଳେ ବେଙ୍ଗସାହୁ କଲୋନୀରେ ଥିବା ନାରାୟଣ ମନ୍ଦିରର ହୁଣ୍ଡି ଭାଙ୍ଗି ଲୁଟି ନେଇଥିବା ଜଣାଯାଇଛି । ସେହିପରି ବୋଦାମୁଣ୍ଡାଇ ଅଞ୍ଚଳରେ ଥିବା ଏକ ନିର୍ଦ୍ଦିଷ୍ଟ ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ଜଣାଯାଇଛି । ସେହିପରି ଚିତ୍ରୋତ୍ପଳା ନଦୀ କୂଳରେ ଥିବା ମା'ବୁଢ଼ୀ ଜାଗୁଳାଇ ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଟଙ୍କା ନେଇଥିବା ସି.ସି.ଟି.ଭି.ରେ କଏଦ ହୋଇଥିବା ଦେଖିବାକୁ ମିଳିଛି । ସଂପୃକ୍ତ ଯୁବକ ଜଣକ ଏକ ରେନି କୋର୍ଟ ପିନ୍ଧି ପଥର ଓ ରଡ୍ ସାହାଯ୍ୟରେ ହୁଣ୍ଡି ବାକ୍ସକୁ ଭାଙ୍ଗି ଦାନଅର୍ଥ ଲୁଟି ନେଉଥିବା ସି.ସି.ଟି.ଭି.ରେ ଦେଖିବାକୁ ମିଳିଛି । ଗୋଟିଏ ରାତିରେ ୪ଟି ମନ୍ଦିରରୁ ଚୋରି ହେବା ଘଟଣା ସାଲେପୁର ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି ।

## ନଦୀପଠାକୁ ଗୋରୁ ଚରାଇବାକୁ ଯାଇ ଯୁବକର ମୃତ ଦେହ ଉଦ୍ଧାର

ସାଲେପୁର(ନିପ୍ର): ପ୍ରତିଦିନ ଭଳି ଗତକାଲି ଅପରାହ୍ନରେ ସାଲେପୁର ଥାନା ପାଟପୁର ଗ୍ରାମର ସୁନନ୍ଦ ଦାସ(୪୫) ନଦୀପଠାକୁ ଗୋରୁ ଚରାଇବାକୁ ଯାଇ ରାତ୍ର ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀମାନେ ସଂପୃକ୍ତ ବ୍ୟକ୍ତିଙ୍କୁ ଖୋଜାଖୋଜି କରିବାରୁ ନଦୀପଠାରେ ଅଚେତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସାଲେପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିବା ସହ ସାଲେପୁର ଥାନାରେ ଏକ ଅପମୃତ୍ୟୁ ମାମଲା ୨୮/୨୬ରେ ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ସାଲେପୁର ପୁଲିସ ପ୍ରକାଶ କରିଛି । ମୃତ ସୁନନ୍ଦଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଶୁଣିବାକୁ ମିଳିଛି ।

## କୃଷ୍ଣପ୍ରସାଦ ଅଞ୍ଚଳରେ ଉଦ୍ୟାନ ବିଭାଗର କାର୍ଯ୍ୟାଳୟ ଖୋଲିବ କେବେ ?

କୃଷ୍ଣପ୍ରସାଦ,(ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ହାତପାହାନ୍ତାରେ ଜନସାଧାରଣଙ୍କୁ ସମସ୍ତ ଅତ୍ୟାବଶ୍ୟକ ସେବା ଓ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅଧିନ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଜନସାଧାରଣ ବିଭିନ୍ନ କ୍ଷେତ୍ରରେ ଏବେ ବି ଅବହେଳିତ ଅବସ୍ଥାରେ ଥିବା ଜଣାପଡିଛି । କୃଷି ଓ କୃଷକଙ୍କର ଉନ୍ନତି ନିମନ୍ତେ ସରକାର ବହୁ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି । ତେବେ ଦୀର୍ଘ ବର୍ଷ ପରେ ମଧ କୃଷ୍ଣପ୍ରସାଦ ଅଞ୍ଚଳରେ ଉଦ୍ୟାନ ବିଭାଗର କୌଣସି କାର୍ଯ୍ୟାଳୟ ନଥିବାରୁ ଉଦ୍ୟାନ ଭିତ୍ତିକ କୃଷି କାର୍ଯ୍ୟରେ ଲିପ୍ତ ଥିବା ଚାଷୀ ପରିବାର ଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି । ସରକାର ଉଦ୍ୟାନ କୃଷି ବିଭାଗ ଜରିଆରେ ଅନେକ କିଛି ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳ ବାସିନ୍ଦା ଉଦ୍ୟାନ କୃଷି ଜନିତ ବିଭିନ୍ନ କାର୍ଯ୍ୟକ୍ରମରୁ ବଞ୍ଚିତ ହୋଇଥିବା ଜଣାପଡିଛି । ଅନେକ କିଛି ଚାଷୀ ପରିବାର ଫୁଲ, ଫଳ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ସେମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବା ନିମନ୍ତେ କୌଣସି ଅଧିକାରୀ ନଥିବାରୁ ସେମାନେ ସରକାରଙ୍କ ଲୋକହିତକର ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ଖୋଲାଯାଇ ତୁରନ୍ତ ସେଠାରେ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି । ଏ ପରିପ୍ରେକ୍ଷୀରେ ଉଦ୍ୟାନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ପୁରୀ ଜିଲ୍ଲାପାଳ ଓ ସର୍ବପରି ବ୍ରହ୍ମଗିରି ବିଧାୟିକା ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି । ନିକଟ ଭବିଷ୍ୟତରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟଟି ଏଠାରେ କାର୍ଯ୍ୟାରମ୍ଭ କଲେ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ରାଜ୍ୟ ବିଜେପି ସଭାପତିଙ୍କୁ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ଦାବିପତ୍ର



ରମ୍ଭା ,(ନିପ୍ର): ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ବିଷୟରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଅବଗତ କରାଇଥିଲେ । ସେଗୁଡିକ ମଧ୍ୟରେ ୨୦୧୮ ମସିହା ଠାରୁ ବନ୍ଦ ଥିବା ଲିଜ ଏଗ୍ରିମେଣ୍ଟ ମତ୍ସ୍ୟ ସୈରାତ, ପୂର୍ବ ସରକାରରେ ଫିସଫେଡ୍ ଅଫିସର ଓ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ମିଳିତ ଜାଣିଶୁଣି ହଇରାଣ କରି ଚିଙ୍ଗୁଡ଼ି ଘେରି ଦଲାଲାଙ୍କୁ ମତ୍ସ୍ୟ ଉତ୍ସ ବା ସୈରାତକୁ ବେନିୟମ ଚିଙ୍ଗୁଡ଼ି ଘେରି କରିବାକୁ ସୁବିଧା ଦେଉଥିଲେ ଫଳରେ ସରକାରଙ୍କ ତହବିଲ କୋଟି କୋଟି ଟଙ୍କା ରିଭିନ୍ୟୁକୁ ଯାଉନଥିଲା ଲିଜିଧାରୀ ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଲିଜ ଏଗ୍ରିମେଣ୍ଟରୁ ବଞ୍ଚିତ କାରାଯାଇ ହଇରାଣ କରୁଥିଲେ, ତେଣୁ ଅତିଶୀଘ୍ର ୫ବର୍ଷିଆ ଲିଜ ଏଗ୍ରିମେଣ୍ଟ ପ୍ରଚଳନ ପାଇଁ ଆପତ୍ତି ଜଣାଇଥିଲେ । ସାହେବ କେନାଲ ଋଷିକୂଲ୍ୟ ଓ ସାତପଡାପୁରୀ ରାମ ଭରତୀୟା ମୁହାଣ ଖନନ ଓ ଅବରୋଧ ହଟାଇବା, ପଙ୍କ ଉଦ୍ଧାର, ସରୁ ମଶାରୀ ଜାଲ ପ୍ରଚଳନ ବନ୍ଦ, ଚିଲିକା ଭିତରେ ମାଟି ମଶାରୀ ଜାଲ ଘେରି ବନ୍ଧ ଉଚ୍ଛେଦ, ୧୧୬୫ ବର୍ଗ କିଲୋମିଟର ୪ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ୧୪୭ଖଣ୍ଡ ଗ୍ରାମପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ସୁରକ୍ଷା ଦେଲେ ୭୦ ଭାଗ ଆଉ ଦାଦନ ଯିବେନାହିଁ, ୪୭୦୦୦ଏକର ମତ୍ସ୍ୟ ଉତ୍ସ ସୁରକ୍ଷିତ ଯାହା ମାଛ ମରା ଉପକରଣ ଖନ୍ଦା, ଟାଟ, ଜାଣ, ଉଠାପାଣି, ଡିଆଁଓ ଗଭୀର ଚିଲିକା ବାହାଣୀ ପ୍ରଭୃତି ପୁନର୍ଜୀବିତ, ଜବରଦଖଲ ମାଫିଆ ଅଣ ମତ୍ସ୍ୟଜୀବୀଙ୍କୁ ହଟାଇବା ଦ୍ୱାରା କୋଟି କୋଟି ଟଙ୍କା ସରକାର ତହବିଲକୁ ଯାଇପାରିବ । ସରକାରଙ୍କ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା ଗୁଡିକ ସ୍ୱତନ୍ତ୍ର ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ପୋର୍ଟାଲ ଗଠନ କରି ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା,ପ୍ରତ୍ୟେକ ମତ୍ସ୍ୟଜୀବୀ ଗ୍ରାମ ଚିଲିକା କୂଳେ ଜେଟି ନିର୍ମାଣ କରିବା, ମତ୍ସ୍ୟଜୀବୀ ପିଲାଙ୍କୁ ୩ ବର୍ଷ ହେଲା ମେଧାବୀ ଷ୍ଟାଇପେଣ୍ଡ ଟଙ୍କା ନମିଳିବା, ରମ୍ଭା ପର୍ଯ୍ୟଟନ ବିଭାଗରେ ଓ ଜେଟି ନିର୍ମାଣ ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ପିଲାଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ପ୍ରଦାନ କରିବା, ଚିଲିକା କୂଳେ କୂଳେ ମେଘା ପ୍ରୋଜେକ୍ଟ ବନାଇବା,ଦିଘା ଠାରୁ ଗୋପାଳପୁର ଚିଲିକା ସମୁଦ୍ର କୂଳେ କୂଳେ ପକ୍କା ରାସ୍ତା ସମେତ ଜହ୍ନିକୁଦା ସାତପଡା ବ୍ରିଜ ନିର୍ମାଣ (ମତ୍ସ୍ୟଜୀବୀଙ୍କ ମତାମତ ଦ୍ୱାରା ), ବାଲୁଗାଁ ଜୀବ ପ୍ରଯୁତି ବିଭାଗ ଅଫିସରେ ଅନିୟମିତତା ତଦାରଖ କରିବା ପ୍ରମୁଖ ମୌଳିକ ସମସ୍ୟା ସମାଧାନ କରିବା ବିଷୟ ଆଲୋଚନା ହୋଇଥିଲା ।

## ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼, (ନିପ୍ର): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ କୁମାର ରାଉତଙ୍କ ସଭାପତିତ୍ୱରେ 'ଶକ୍ତିଶ୍ରୀ' - ମହିଳା ସୁରକ୍ଷା ଓ ସଶକ୍ତିକରଣ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ତାଙ୍କ ଉଦ୍‌ଘାଟନୀ ଭାଷଣରେ ଛାତ୍ରୀମାନେ ସମାଜରେ ଶକ୍ତି, ସାହସ, ଆତ୍ମବିଶ୍ୱାସ ଓ ସମ୍ମାନର ସହିତ ଅବତୀର୍ଣ୍ଣ ହେବାପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଜାତା କୁମାରୀ ସାହୁ ଛାତ୍ରୀମାନଙ୍କୁ ଦକ୍ଷତା, ଆତ୍ମରକ୍ଷା କୌଶଳ ଉପରେ ବର୍ଣ୍ଣନା କରିଥିଲେ । ଶ୍ରୀମତୀ ସାହୁ ଏହି ଅନୁଷ୍ଠାନର ଛାତ୍ରୀରୂପେ ନିଜର ଅଭିଜ୍ଞତା ବଖାଣିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ମହମ୍ମଦ ଓମାର ମଲିକ୍, ନାରୀସୁରକ୍ଷା ଏବଂ ସଚେତନତା ହିଁ ସଶକ୍ତିକରଣ ବୋଲି ସୂଚାଇଥିଲେ ।ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ବନ୍ଦନା ନାୟକଙ୍କ ମାର୍ଗଦର୍ଶନରେ ଡଃ ଦିଲ୍ଲୀପ କୁମାର ମିଶ୍ର, ରିଙ୍କୁ ଖାଡେଙ୍ଗା, ଅଧାପକ ଡ଼ଃ ଆଶୁତୋଷ ମିଶ୍ର, ନାରାୟଣ ହୋତା, ରବୀନ୍ଦ୍ର ବେହେରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ତତ ପରେ ଛାତ୍ରୀ ସାବିତ୍ରୀ ସାହୁ ଏବଂ ଶକ୍ତିଶ୍ରୀ ସାଥି ଅନନ୍ୟା ମୈତ୍ରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ମତାମତ ଦେଇଥିଲେ ।

# ଲଘୁଚାପ ବର୍ଷାରେ ଉବୁଟୁବୁ ଉତ୍ତର ବାଲେଶ୍ୱର

## ଉଜୁଡି ଯିବ ହଜାର ହଜାର ଚାଷୀଙ୍କ ଫସଲ



ଜଳେଶ୍ୱର (ନିପ୍ର )ଲଗାଣ ବର୍ଷାରେ ଉବୁଟୁବୁ ବାଲେଶ୍ୱର ଜିଲ୍ଲାର ସୀମାନ୍ତ ଅଞ୍ଚଳ ଜଳେଶ୍ୱର ଓ ଭୋଗରାଇ ବ୍ଲକ । ଜଳେଶ୍ୱର ବ୍ଲକର ନଶିମପୁର, ସୁଗୋ, ନାମ୍ପୋ, ସମ୍ପତିଆ, ନେତୁଆ ଆରୁହା, ଖୁଲୁଡ଼ା, ପଶ୍ଚିମବାଡ଼, ବାଇଗଣବାଡିଆ, ପାଇକସିଦା ଆଦି ପଞ୍ଚାୟତ ଲଗାଣ ବର୍ଷା ଦ୍ୱାରା ପ୍ରଭାବିତ ହେଉଥିବା ବେଳେ, ନାମ୍ପୋ,ସୁଗୋ,ନେତୁଆ, ସମ୍ପତିଆ, ଖାଲିନା ଓ ଖୁଲୁଡ଼ା ଆଦି ପଞ୍ଚାୟତ ଅଧିକ ପ୍ରଭାବିତ ହେଉଛି । ବର୍ଷାପାଣି ସାଙ୍ଗକୁ ପଡୋଶୀ ପଶ୍ଚିମବଙ୍ଗର ଉଦବୃତ୍ତ ବର୍ଷା ଜଳ ଅଞ୍ଚଳବାସୀଙ୍କୁ ଅଧିକ ପ୍ରଭାବିତ କରୁଛି । ପଶ୍ଚିମବଙ୍ଗର ଦାନ୍ତୁନ ଅଞ୍ଚଳରୁ ବାହାରି ଥିବା ଏକ ଖାଳ (ନାମ୍ପୋ ଖାଳ ) ଓଡ଼ିଶାର ସାହାପୁର ଠାରେ ଓଡିଶାକୁ ପ୍ରବେଶ କରି ଦୀର୍ଘ ୧୩ କିଲୋମିଟର ଅତିକ୍ରମ କଲାପରେ ଭୋଗରାଇ ବ୍ଲକର ଉଲୁଡ଼ା ଖାଳ ସହିତ ମିଶିଛି । ସେହିପରି ପଶ୍ଚିମବଙ୍ଗରୁ ବାହାରିଥିବା ଅନ୍ୟ ଏକ ଖାଳ ଭୋଗରାଇ ବ୍ଲକର ହଳଦୀ ହତା ଠାରେ ଓଡିଶାକୁ ପ୍ରବେଶ କରି ଦୀର୍ଘ ୧୦ କିଲୋମିଟର ଅତିକ୍ରମ କଲାପରେ ନାମ୍ପୋ ନାମ୍ପୋ ଖାଳ ସହିତ ମିଶିଛି । ଫଳରେ ପଶ୍ଚିମବଙ୍ଗର ବିସ୍ତିର୍ଣ୍ଣ ଅଞ୍ଚଳରୁ ଉଦବୃତ୍ତ ପାଣି ଆସି ଜଳେଶ୍ୱର ଓ ଭୋଗରାଇ ବ୍ଲକର ପ୍ରାୟ ୧୫ରୁ ଅଧିକ ପଞ୍ଚାୟତକୁ ପ୍ରଭାବିତ କରୁଛି । ସେହିପରି ଉଭୟ ଖାଳ ଜଳଜ ଉଭିଦ ଦ୍ୱାରା ଅଚ୍ଛାଦିତ ହୋଇ ରହିଥିବା ବେଳେ ଖାଳ ଗୋଡ଼ିକର ଶତାଧିକ ସ୍ଥାନରେ ମାଟି ବନ୍ଧ ଦ୍ୱାରା ଖାଳକୁ ସଂକୁଚିତ କରି ମାଛ ଧରା ଜାଲ ବସାଇ ଥିବାରୁ ଜଳ ନିଷ୍କାସନ ରେ ବ୍ୟାଘାତ ସୃଷ୍ଟି ହେଉଛି । ଚିରାଚରିତ ଭାବରେ ପ୍ରତିବର୍ଷ ଏହି ସମସ୍ୟା ଉପର ଲିଖିତ ଅଞ୍ଚଳ ବାସୀଙ୍କ ଧନ ଜୀବନ ପ୍ରଭାବିତ କରୁଥିବା ବେଳେ ଜଳ ନିଷ୍କାସନ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଫଳରେ ପ୍ରତିବର୍ଷ ବ୍ୟାପକ ଧନ ଜୀବନ ପ୍ରଭାବିତ ହେଉଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ନଷ୍ଟ ହୋଇ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଉଛି । ତେଣୁ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଦାବି କରିଛନ୍ତି ।

## କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ହମ୍ପସ ନିର୍ମାଣ ଦାବି




କୃଷ୍ଣପ୍ରସାଦ,(ନିପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ରାସ୍ତା ପାଇକରାପୁର ଠାରୁ ପାରିକୁଦ ଗଡକୁ ସଂଯୋଗ କରୁଥିବା ୨୩ କିମି ରାସ୍ତାଟି ବ୍ଲକର ମୁଖ୍ୟ ରାସ୍ତାକୁ ଲାଗି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକକୁ ସଂଲଗ୍ନ ହୋଇ ରହିଛି । ହଠାତ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀମାନେ ଓ ତାଙ୍କ ସମ୍ପର୍କୀୟମାନେ ବାହାରିବା ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀମାନେ ଯାତାୟତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ୨ ଟି ହମ୍ପସ ନିର୍ମାଣ କଲେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଦୁଇଚକିଆ ଓ ଚାରିଚକିଆ ଯାନଗୁଡିକର ବେଗ ହ୍ରାସ ପାଇ ନିଶ୍ଚିତ ଦୁର୍ଘଟଣାରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଜନସାଧାରଣ ରକ୍ଷା ପାଇପାରିବେ ବୋଲି କୁହାଯାଉଛି । କୃଷ୍ଣପ୍ରସାଦର ଏହି ମୁଖ୍ୟ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ତୁରନ୍ତ ଏଠାରେ ଏକ ହମ୍ପସ ନିର୍ମାଣ କରିବାକୁ ଅଂଚଳବାସୀ ଦାବି କରୁଛନ୍ତି ।ରାଜ୍ୟ ସରକାରଙ୍କ ନିୟମାନୁସାରେ ସ୍କୁଲ, କଲେଜ, ହସପିଟାଲ ନିକଟରେ ହମ୍ପସ ନିର୍ମାଣ କରିବାର ନିୟମ ରହିଛି । ତେବେ ଦୁଇ ଚକିଆ ଓ ଚାରି ଚକିଆ ଯାନବାହନ ଗୁଡିକ ଦ୍ରୁତ ଗତିରେ ସେହି ରାସ୍ତା ଦେଇ ଯାଉଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ଯଦି ସାବଧାନରେ ରାସ୍ତା ପାରି ନହେଲେ ଛୋଟ ବଡ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିବ । ତେଣୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଧାୟିକା ଉପାସନା ମହାପାତ୍ର ଓ ପୂର୍ତ୍ତ ବିଭାଗ ଏହାକୁ ଗୁରୁତ୍ୱର ସହ ବିଚାର କରି ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ହମ୍ପସ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

## ସୁବର୍ଣ୍ଣପୁରରେ ବର୍ଷା ବିପ୍ଳାତ
# ପାଣି ଘେରରେ ଗୋକର୍ଣ୍ଣେଶ୍ୱର ସମେତ ୩ ମନ୍ଦିର



ସୋନପୁର,(ନିପ୍ର): ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣପୁର ସହରରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି । ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥାର ଅଭାବ ଏବଂ ଜଳ ନିଷ୍କାସନ ସମସ୍ୟା କାରଣରୁ ସହରର ତଳି ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି, ଯାହା ଫଳରେ ସାଧାରଣ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ପାଣି ଘେରରେ ଦେବପୀଠ ସୋନପୁର କଲେଜ ପଛ ପାର୍ଶ୍ୱରେ ଥିବା ଅଷ୍ଟଶମ୍ଭୁଙ୍କ ମଧ୍ୟରୁ ଅନ୍ୟତମ ଗୋକର୍ଣ୍ଣେଶ୍ୱର ଶୈବ ପୀଠ ବର୍ତ୍ତମାନ ପାଣି ଘେରରେ ରହିଛି । ମଝିରେ ମଝିରେ ବର୍ଷା ହେଉଥିବାରୁ ଜଳସ୍ତର ହ୍ରାସ ପାଉନାହିଁ । ଗତ ୧୧ ତାରିଖଠାରୁ ମନ୍ଦିର ପରିସରରେ ଏଭଳି ଜଳାର୍ଣ୍ଣବ ସ୍ଥିତି ଲାଗି ରହିଛି । ମୁଖ୍ୟ ମନ୍ଦିର ସମେତ ପରିସରରେ ଥିବା ମାଁ ରାମଚଣ୍ଡୀ ଏବଂ ନିକଟସ୍ଥ ଶନି ମନ୍ଦିରରେ ମଧ ଆଣ୍ଠୁଏ ପାଣି ଜମିଛି । ପାଣି ଘେରରେ ଥିବା ଯୋଗୁଁ ଠାକୁରଙ୍କ ନୀତିକାନ୍ତି ବାଧାପ୍ରାପ୍ତ ହୋଇଛି ଏବଂ ସୋମବାର ଦିନ ଶିବ ଦର୍ଶନ ଆଶାରେ ଆସିଥିବା ଅନେକ ଭକ୍ତ ଦର୍ଶନ ନପାଇ ନିରାଶ ହୋଇ ଫେରିଛନ୍ତି । ସହରରେ କୃତ୍ରିମ ବନ୍ୟା ଓ ବିପର୍ଯ୍ୟସ୍ତ ଯାତାୟାତ ରବିବାର ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଲାଗି ରହିଥିବା ବର୍ଷା କାରଣରୁ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ପଟାଭାଡି , ତୁଳସୀ ନଗର ଓ ଗୋକର୍ଣ୍ଣେଶ୍ୱର ପଡ଼ାରୁ ଆସୁଥିବା ବର୍ଷା ଜଳ ୫୭ ନମ୍ବର ଜାତୀୟ ରାଜପଥ ଉପରେ ୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବାରୁ କିଛି ଘଣ୍ଟା ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ବଡ଼ବଜାର ମୁଖ୍ୟ ରାସ୍ତାରେ ମଧ ଡ୍ରେନ୍ ପାଣି ପ୍ରବାହିତ ହେଉଛି । ଗୋକର୍ଣ୍ଣେଶ୍ୱର ପଡ଼ାରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଲୋକେ ଘରୁ ବାହାରି ପାରୁନାହାନ୍ତି । ଭଗବତୀ ପ୍ଲଟ, ମିଶ୍ର ପଡ଼ା, ତଳପଡ଼ା, କୁମ୍ଭାରପଡ଼ା, ଶାନ୍ତିନଗର ଏବଂ ରାମଜୀନଗର ଆଦି ଅଞ୍ଚଳରେ ଲୋକଙ୍କ ଘର ଓ ଦୋକାନ ଭିତରେ ବର୍ଷା ଜଳ ପ୍ରବେଶ କରିଛି । ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଣ୍ଠୁଏ ପାଣି ଜମି ରହିବା ଯୋଗୁଁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ପ୍ରଶାସନିକ ପଦକ୍ଷେପ ବଜ୍ରପାତ ସହ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି । ଜିଲ୍ଲାପାଳ ଡ. ନୃପରାଜ ସାହୁ ସୋମବାର ଦିନ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରିଥିଲେ । ଡୁଙ୍ଗୁରିପାଲି ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରକୁ ବାତିଲ କରାଯାଇଥିଲା । ଅବ୍ୟବସ୍ଥାର କାରଣ ଓ ସାଧାରଣ ଦାବି ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଏହି ପରିସ୍ଥିତି ପାଇଁ ଦେବୋତ୍ତର ବିଭାଗ ଓ ପ୍ରଶାସନର ଦୂରଦୃଷ୍ଟି ଅଭାବକୁ ଦାୟୀ କରିଛନ୍ତି । ବିଭାଗୀୟ ତ୍ରୁଟି ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅଧାପନ୍ତରିଆ ଭାବେ ଖୋଳାଯାଇଥିବା ଅସ୍ଥାୟୀ ଡ୍ରେନ୍ ନିକଟରୁ ମାଟି ନହଟାଇବା ଫଳରେ, ତାହା ପୁଣି ଡ୍ରେନ୍‌କୁ ବନ୍ଦ କରିଦେଉଛି । ଫଳରେ ଜଳ ନିଷ୍କାସନ ହୋଇନପାରି ମନ୍ଦିର ଭିତରକୁ ପଶୁଛି ।ଜବରଦଖଲ ଓ ଖରାପ ଡ୍ରେନେଜ୍ ସହରର ପ୍ରମୁଖ ସ୍ଥାନ ଓ ପ୍ରାକୃତିକ ନାଳଗୁଡ଼ିକ ଉପରେ ବେଆଇନ ଗୃହ ଓ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ହୋଇଛି । ବର୍ଷା ଋତୁ ପୂର୍ବରୁ ଡ୍ରେନ୍‌ଗୁଡ଼ିକ ସଠିକ୍ ଭାବେ ସଫା କରାଯାଇନଥିଲା । ପରିସ୍ଥିତିରେ ସୁଧାର ଆଣିବା ପାଇଁ ତୁରନ୍ତ ଜିଲ୍ଲା ଓ ପୌର ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବା ସହିତ ଡ୍ରେନ୍‌ଗୁଡ଼ିକୁ ସଫା କରି ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ସହରବାସୀ ଦୃଢ଼ ଦାବି କରିଛନ୍ତି ।

## ଭାପୁରରେ ତିନିଦିନିଆ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ଭାପୁର,(ନିପ୍ର)ଭାପୁର ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ (କୈବଲ୍ୟ ଶ୍ରୀକ୍ଷେତ୍ର) ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ପରିଚାଳନା କମିଟିର ସଭାପତି ତଥା ତହସିଲଦାର ଲୋପାମୁଦ୍ରା ରଥ ଏବଂ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ବିଶ୍ୱନାଥ ସାହୁ ଉନ୍‌ଘାଟନ କରିଥିଲେ । ଅନ୍ତିମ ଦିବସ ତଥା ନୀଳାଦ୍ରିବିଜେ ଅବସରରେ 'ସାହାଯ୍ୟ' ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ଯୁଗେ ଯୁଗେ ଜଗନ୍ନାଥ' ଶୀର୍ଷକ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । ବିଶିଷ୍ଟ କଥାଶିଳ୍ପୀ ଅନୁପ ଜଲୋଟାଙ୍କ ପଟ୍ଟଶିଷ୍ୟ ସୌଭାଗ୍ୟ ପ୍ରହରାଜଙ୍କ ସମେତ ଜଗଦୀଶ ପ୍ରସାଦ ରଥ, ଚିତ୍ତରଞ୍ଜନ ସାମନ୍ତରାୟ, ହିମାଦ୍ରି ନାୟକ, ମିଳିରାଣୀ ରାଉତରାୟ ଓ ଦିବ୍ୟାଜ୍ୟୋତି ଭକ୍ତିମୟ ଜଗନ୍ନାଥ ଭଜନ, ଜଣାଣ ଓ ଗୀତଗୋବିନ୍ଦ ପରିବେଷଣ କରିଥିଲେ । ବଂଶୀ ବାଦକ ଏମ୍. ସିମାଦ୍ରିଙ୍କ ସହ କାହ୍ନା, ଜିତେନ୍ଦ୍ର, ଚନ୍ଦନ ଓ ସାଗର ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ କିରାଣୀଙ୍କ ପରଲୋକ

ସାଲେପୁର(ନିପ୍ର): ଅବସରପ୍ରାପ୍ତ ବରିଷ୍ଠ କିରାଣୀଙ୍କ ପରଲୋକ ହୋଇଯାଇଥିବା ଜଣାଯାଇଛି । ବଟେଶ୍ୱର ଗ୍ରାମର ନଟବର ପ୍ରଧାନ(୮୬) ପ୍ରତିଦିନ ଭଳି ଫୁଲ କଢ଼ ତୋଳିବାକୁ ଯାଇଥିବାବେଳେ ରବିବାର ମଧ୍ୟାହ୍ନରେ କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯାଇଥିଲା ଓ ସେ କାଦୁଅ ପାଣିରେ ପଡି ରହିଥିଲେ । ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ଅଚେତ୍ ଅବସ୍ଥାରେ କାଦୁଅ ବିଲରୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚିତ୍ରୋତ୍ପଳା ଗୁପ୍ତଗଙ୍ଗାଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ତାଙ୍କର ପୁତ୍ର ଜ୍ଞାନରଂଜନ ପ୍ରଧାନ ତାଙ୍କୁ ମୁଖାଗ୍ନୀ ଦେଇଥିଲେ । ସ୍ୱର୍ଗତ ନଟବର ପ୍ରଧାନ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିବାବେଳେ ସାଲେପୁର ବ୍ଲକ୍‌ରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରି ଚାକିରୀରୁ ଅବସର ଗ୍ରହଣ କରିଥିଲେ ।

## ସୂଚନା ସ୍ତମ୍ଭ ରାସ୍ତା ପାର୍ଶ୍ୱରେ ପଡି ନଷ୍ଟ ହେଉଛି




ଖଣ୍ଡପଡ଼ା,(ନି.ପ୍ର): ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ସ୍ଥାପିତ ହେବାକୁ ଥିବା ସୂଚନା ସ୍ତମ୍ଭ ଓ ହୋର୍ଡିଂଟି ରାସ୍ତା ପାର୍ଶ୍ୱରେ ୪ ମାସ ହେଲା ପଡି ନଷ୍ଟ ହେଉଛି । ଖଣ୍ଡପଡ଼ା ସହରରୁ ବିଭିନ୍ନ ସ୍ଥାନର ଦୂରତ୍ୱ ସଂପର୍କରେ ସୂଚନା ଦେବା ନିମନ୍ତେ ଉଦ୍ଦିଷ୍ଟ ଏହି ସୂଚନା ସ୍ତମ୍ଭଟି ସ୍ଥାପିତ ହୋଇ ନପାରିବାର କାରଣ କଣ ବୋଲି ପଚାରିଲେ ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ କୌଣସି ସୂଚନା ଦେଉ ନଥିବା ବେଳେ 'ସରକାରକା ମାଲ ଦରିଆ ଡାଲ' ରେ ସୂଚନା ସ୍ତମ୍ଭଟି ପଡି ରହିଛି ।ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଓ ନୟାଗଡ ଅଧିକ୍ଷଣ ଯନ୍ତ୍ରୀ ଏଥପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଗୋ ଚାଲାଣ ଓ ନିଶାଦ୍ରବ୍ୟ ଅବାଧ କାରବାରର ମାଧ୍ୟମ ପାଲଟିଛି ସିଧାମୂଳା ମହାନଦୀ ସେତୁ !



କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ନିକଟରେ ଅବସ୍ଥିତ ମହାନଦୀ ସେତୁଟି ଏବେ ଗୋ ଚାଲାଣ ଓ ଅବାଧ ନିଶାଦ୍ରବ୍ୟ କାରବାରର ମାଧ୍ୟମ ପାଲଟିଥିବା ଜଣାପଡିଛି । ମାଫିଆମାନେ ଉକ୍ତ ମହାନଦୀ ସେତୁ ଦେଇ ଦୀର୍ଘ ବର୍ଷ ଧରି ନିର୍ବିଘ୍ନରେ କାରବାର ଚଳାଇ ଆସୁଥିବା ଜଣାପଡିଛି । ଅବିଭକ୍ତ କଟକ, ଅନୁଗୁଳ, ଢେଙ୍କାନାଳ ଜିଲ୍ଲା ସହ ସଡକ ପଥରେ ନୟାଗଡ,ବୌଦ୍ଧ ଫୁଲବାଣୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାକୁ ସଡକ ପଥରେ ଏହି ମହାନଦୀ ସେତୁଟି ସଂଯୋଗ କରୁଥିବାରୁ ଏହାର ସୁଯୋଗ ନେଇ ମାଫିଆମାନେ ବେଶ ସକ୍ରୀୟ ହୋଇ ଉଠିଥିବା ଜଣାଯାଇଛି । ବିଶେଷ କରି ବିଳମ୍ବିତ ରାତିରେ ମାଫିଆମାନେ ଉକ୍ତ ସେତୁ ଦେଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଠାରୁ ଆରମ୍ଭ କରି ଦେଶୀ,ବିଦେଶୀ ମଦ ଓ ସରକାର ବ୍ୟାନ କରିଥିବା ଖଇନି ପ୍ରଭୃତି ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ କରୁଥିବା ଅଭିଯୋଗ ହେଉଛି । କଣ୍ଟିଲୋ ଫାଣ୍ଡି ,ଗଣିଆ, ଖଣ୍ଡପଡ଼ା ଓ ଫତେଗଡ ପୁଲିସ କେତେବେଳେ କେମିତି ଚଢାଉ କରି ଚୋରା କାରବାରରେ ଲିପ୍ତ ଯାନବାହନ ଗୁଡିକୁ ଜବତ କରିବା ସହ ମାଫିଆମାନଙ୍କୁ ଗିରଫ କରିବାରେ କିଛି କାଶଂରେ ସଫଳ ହୋଇଥିଲେ ହେଁ ନିଶାଦ୍ରବ୍ୟର ଅବାଧ କାରବାରକୁ ସଂପୂର୍ଣ୍ଣ ରୋକିବା ଦିଗରେ ସମର୍ଥ ହୋଇ ନଥିବା ଜଣାପଡିଛି ।ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସିଧାମୂଳା ନିକଟସ୍ଥ ଜନଗହଳିପୂର୍ଣ୍ଣ ରାଜକିଆରୀ ଛକରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ଏଥିପ୍ରତି ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ନତୁବା ଲୋକପ୍ରତିନିଧିମାନେ କେହି ହେଲେ ସେ ଦିଗରେ ଧ୍ୟାନ ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସିଧାମୂଳା ମହାନଦୀ ସେତୁଟି କଣ୍ଟିଲୋ ଫାଣ୍ଡି ଠାରୁ ୧୧ କିଲୋମିଟର ଦୂରରେ ଅବସ୍ଥିତ ହୋଇଥିବା ବେଳେ ଗଣିଆ ଥାନା ଠାରୁ ଏହାର ଦୁରତ୍ୱ ପାଖାପାଖି ୧୦ କିଲୋମିଟର ହେବ । ତେଣୁ ନିଶାଦ୍ରବ୍ୟ ଓ ଗୋ ଚାଲାଣ କାରବାରରେ ସଂପୃକ୍ତ ଥିବା ମାଫିଆମାନେ ବିଭିନ୍ନ ସମୟରେ ପୁଲିସକୁ ଚକମା ଦେଖାଇ ମହାନଦୀ ସେତୁ ଦେଇ ଖସି ଯିବାରେ ସକ୍ଷମ ହୋଇଥିବାର ଅନେକ ନଜିର ରହିଛି ।ସେହିପରି ବିଭିନ୍ନ ସମୟରେ ଅପରାଧିମାନେ ଖଣ୍ଡପଡ଼ା,ଗଣିଆ ଥାନା ଓ କଣ୍ଟିଲୋ ଫାଣ୍ଡି ଅଞ୍ଚଳରେ ଅପରାଧ ଘଟାଇ ନିର୍ବିଘ୍ନ ରେ ସିଧାମୂଳା ସେତୁ ଦେଇ ଅବିଭକ୍ତ କଟକ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ଅଧୀନ ବିଭିନ୍ନ ସ୍ଥାନକୁ ପଳାଇ ଯିବାରେ ସକ୍ଷମ ହେଉଥିବା ଜଣାପଡିଛି । ତେଣୁ ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରାଜକିଆରୀ ଛକରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ନୟାଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ତିଥି :(ପୂର୍ଣ୍ଣିମା): (ଉତ୍ତରାଷାଢା ମକର)
ଅମୃତ ବେଳା: ଦିବା ଘ ୭।୧ ମଧ୍ୟେ ଘ୧୧।୪୯ ଗତେ

## ଆଜିର ଅନୁଚିନ୍ତନ

ଯୋଗଭ୍ରଷ୍ଟ ଜ୍ଞାନବାନ ଯୋଗୀମାନଙ୍କ କୂଳରେ ଜନ୍ମ ନିଅନ୍ତି।
।।- ଶ୍ରୀମଦ୍ ଭଗବଦ୍ ଗୀତା

# ସନ୍ତୁଳନ ଓ ସାମ୍ବିଧାନିକ ଅଧିକାର

କେବଳ ଆନ୍ଦୋଳନ ଚାଲିବାକୁ ନେଇ ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ଅତ୍ୟଧିକ ବଳ ପ୍ରୟୋଗ କରାଯାଇପାରିବ ନାହିଁ। ଯଦି ଆନ୍ଦୋଳନକାରୀ ଗୋଟିଏ ପ୍ରସଙ୍ଗ ନେଇ ଆନ୍ଦୋଳନ କରିବାକୁ ଚାହୁଁଥାନ୍ତି, ତେବେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଯୋଗାଇ ଦିଆଯିବା ଆବଶ୍ୟକ। ଏଥିରେ କୌଣସି କଟକଣା କିମ୍ବା ପ୍ରତିବନ୍ଧକ ରହିବା ଅନୁଚିତ। ନିକଟରେ ଦେଶର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏହି ଟିପ୍ପଣୀ ଦେବା ସୂଚିତ କରେ ଯେ ଆନ୍ଦୋଳନ କରିବାର ଅଧିକାର ଅଛି, ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇପାରିବ, ଯେପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିଛି ସେନେଇ କେବଳ ଆନ୍ଦୋଳନ ଚାଲିବା ନେଇ ପୋଲିସ ଅବା ପ୍ରଶାସନ ପକ୍ଷରୁ ଅତ୍ୟଧିକ ବଳ ପ୍ରୟୋଗ କରାଯାଇପାରିବନାହିଁ। ମୋଟ ଉପରେ ଏହି ଟିପ୍ପଣୀ ସାରାଂଶ ରଖେ ଯେ ଆନ୍ଦୋଳନ ଓ ଶାନ୍ତି ମଧ୍ୟରେ ସନ୍ତୁଳନ ରକ୍ଷା ହେଉଛି ଏକମାତ୍ର କାମ୍ୟ। ଖଣ୍ଡପୀଠଙ୍କ ଏହି ଟିପ୍ପଣୀ ଆନ୍ଦୋଳନକାରୀଙ୍କୁ ସଂଯମତା ରକ୍ଷା କରିବାକୁ କେବଳ ପ୍ରବର୍ତ୍ତାଇ ନାହିଁ, ସାମ୍ବିଧାନିକ ଅଧିକାର ସଂପର୍କରେ ମଧ୍ୟ ସଚେତ କରାଇଛି।

କହିବା ବାହୁଲ୍ୟ ଯେ ଆନ୍ଦୋଳନର ସୂତ୍ରପାତ ହୁଏ ଯେବେ କୌଣସି ଦାବି ବା ଆପତ୍ତି ଅବା ପ୍ରସଙ୍ଗ ପ୍ରତି କର୍ତ୍ତୃପକ୍ଷଙ୍କ ଉଦାସୀନତା ସାଧାରଣରେ ଆଶା ଠାରୁ ଅଧିକ ଦିନ ଜାରି ରହେ। ବେମାରି ଓ ପ୍ରତିଷେଧକ ମଧ୍ୟରେ ସଂପର୍କ ଯେପରି ରହିଛି ତାହାକୁ ସାମାନ୍ୟ ବିଶ୍ଲେଷଣ କରାଯାଇପାରେ। ପ୍ରତିଷେଧକ ଠିକ୍ ଭାବରେ ଆପଣାଇଥିଲେ ବେମାରିରେ ପଡ଼ିବା ଆଶଙ୍କା କମିଥାଏ। ସୁତରାଂ ପ୍ରାରମ୍ଭିକ ସ୍ତରରେ ଯେଉଁ ଦାବି ବା ପ୍ରସଙ୍ଗ ଯେଉଁ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ନିହିତ ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ଓ ଆବଶ୍ୟକ ସ୍ଥଳେ ପଦକ୍ଷେପ ନେବା ସବୁଠୁ ଶ୍ରେୟ। ଆନ୍ଦୋଳନର ପ୍ରାଥମିକ କି ଅନ୍ତିମ ପର୍ଯ୍ୟାୟ ହେଉ ଆଲୋଚନା ବିନା ସମାଧାନର ପନ୍ଥା ଆଗକୁ ବଢିପାରେ ନାହିଁ। ଆନ୍ଦୋଳନ ବେଳେ ନିଷ୍ଠା ଯେ ବଜାୟ ରହିବ ଏପରି ଦାବି ସବୁ ସମୟରେ କରାଯାଇପାରିବନାହିଁ। ବେଳେ ବେଳେ ଅସାମାଜିକ ତତ୍ତ୍ୱଙ୍କ ଅନୁପ୍ରବେଶ ଆଶଙ୍କା ଥାଏ। ଏବଂ ସେମାନଙ୍କ ଦ୍ୱାରା ଯଦି ଭୁଲ୍ ଘଟୁଥାଏ ତେବେ ତାହାର ନିଶ୍ଚିତ ସମାଧାନ କରାଯିବା ଉଚିତ। କୌଣସି ପକ୍ଷ ଏହାକୁ ପ୍ରତିକୂଳ ଭାବରେ ନେବା ଅନୁଚିତ। ନିକଟରେ ଦିଲ୍ଲୀ ପୋଲିସ ଏକ ରିପୋର୍ଟ କରିଛି ଯେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ବିରୋଧରେ କକ୍‌ରୋଚ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଥିଲା ସତ ମାତ୍ର ଉପସ୍ଥିତ ୨୮୭୩ ଜଣ ବ୍ୟକ୍ତିଙ୍କ ଯାଞ୍ଚ ପରିପ୍ରେକ୍ଷୀରେ ଜଣାପଡ଼ିଥିଲା ସେଥିରେ ପୂର୍ବରୁ ଘୃଣ୍ୟ ଅପରାଧରେ ସଂପୃକ୍ତ ଥିଲେ ୯୮୯ ଜଣ। ସିସିଟିଭି କ୍ୟାମେରା ଓ ଭାଇରାଲ ଭିଡିଓ ଯାଞ୍ଚ ଆଧାରରେ ଏହା ଜଣାପଡ଼ିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହା ସୂଚାଏ ଯେ ଆନ୍ଦୋଳନକାରୀ କୌଣସି ପ୍ରସଙ୍ଗ ନେଇ ନିଷ୍ଠାପର ଭାବରେ ଆନ୍ଦୋଳନ ଚଳାଇବା ବେଳେ ଅପରାଧିକ ପୃଷ୍ଠଭୂମିର ଲୋକେ କୌଣସି ମୁହୂର୍ତ୍ତରେ ସଂଯମତା ହରାଇପାରନ୍ତି। ସଂଯମତା ହରାଇବା ମାତ୍ରେ ଅପରାଧ ଆଶଙ୍କା ବରାବର ରହିବ। ସିଜେପି କିଏ ବାହାରର କିଏ ତାହା ଜାଣିବା ବେଳେକୁ ସ୍ଥିତି ଗମ୍ଭୀର ହୋଇଯିବା କିଛି ଅସମ୍ଭବ ନୁହେଁ। ସୁତରାଂ ସତର୍କତା ଅବଲମ୍ବନ ନ କଲେ ଗଣତାନ୍ତ୍ରିକ ନୀତିରେ ଆନ୍ଦୋଳନ କରିବା ମଧ୍ୟ ବିପଦର ଆଶଙ୍କା ଉତ୍ପନ୍ନ କରିବ। କେବେ କେବେ ଏପରି ଆନ୍ଦୋଳନ ବେଳେ ଉଦ୍‌ବେଗଜନକ ସ୍ଥିତି କିମ୍ବା ହିଂସା ଉପୁଜି ମୃତ୍ୟୁ ଘଟିବା କିଛି ଅସମ୍ଭବ ନୁହେଁ। ଏ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ କରିବା ସର୍ବଦା ଏକ ଶକ୍ତ ଆହ୍ୱାନ।

# ବାଘ ସଂରକ୍ଷଣର ପରିବେଶୀୟ ଗୁରୁତ୍ୱ

## ସୌଭାଗ୍ୟ ରଞ୍ଜନ ମହାନ୍ତି

> ବାଘ ସଂରକ୍ଷଣ ପ୍ରକ୍ରିୟାରେ ଅନେକ ଜଟିଳ ଆହ୍ୱାନ ଓ ସଙ୍କଟ ରହିଛି, ଯାହାର ମୁଖ୍ୟ କାରଣ ହେଉଛି ବେଆଇନ ଶିକାର। ବାଘର ଚାମଡ଼ା, ହାଡ଼, ନଖ, ଦାନ୍ତ ଓ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଅନ୍ତର୍ଜାତୀୟ ଚୋରା ବଜାରରେ ଓ କଳା ବାଣିଜ୍ୟରେ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଥିବାରୁ ଚୋରା ଶିକାରୀମାନେ ବନ୍ଧୁକ, ବିଷପ୍ରୟୋଗ ଓ ଫାଶ ପକାଇ ବାଘମାନଙ୍କୁ ହତ୍ୟା କରିଥାନ୍ତି। ଅନ୍ୟପକ୍ଷରେ ଜଙ୍ଗଲ କ୍ଷୟ, ଖନନ କାର୍ଯ୍ୟ, ଶିଳ୍ପାୟନ, ରାସ୍ତା ଓ ରେଳପଥ ନିର୍ମାଣ ଯୋଗୁଁ ବାଘମାନଙ୍କର ପ୍ରାକୃତିକ ଚଳପ୍ରଚଳ ବାଟ ବା 'କରିଡର' ବିଚ୍ଛିନ୍ନ ହୋଇଯାଉଛି, ଯାହା ଫଳରେ ଜଙ୍ଗଲୀ ବାଘମାନେ ସଂକୁଚିତ ସୀମାରେ ଆବଦ୍ଧ ହୋଇ ରହୁଛନ୍ତି।

ପ୍ରତିବର୍ଷ ଜୁଲାଇ ୨୯ ତାରିଖରେ ସମଗ୍ର ବିଶ୍ୱରେ 'ଅନ୍ତର୍ଜାତୀୟ ବାଘ ଦିବସ' ବା 'ବିଶ୍ୱ ବାଘ ଦିବସ' ଅତ୍ୟନ୍ତ ନିଷ୍ଠା ଓ ଗାମ୍ଭୀର୍ଯ୍ୟର ସହିତ ପାଳନ କରାଯାଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଙ୍ଗଲର ରାଜା ତଥା ପରିବେଶ ସନ୍ତୁଳନର ପ୍ରତୀକ ମହାବଳ ବାଘର ସୁରକ୍ଷା, ଜୈବବିବିଧତା ସଂରକ୍ଷଣ ଏବଂ ଏହାର ପ୍ରାକୃତିକ ବାସସ୍ଥଳୀକୁ ବିଲୁପ୍ତି ଦାଉରୁ ରକ୍ଷା କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ଦିବସର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାଯାଏ ଯେ ୨୦୧୦ ମସିହାରେ ରୁଷିଆର ସେଣ୍ଟ ପିଟର୍ସବର୍ଗ ଠାରେ ଆୟୋଜିତ ବିଶ୍ୱ ବାଘ ସମ୍ମିଳନୀରେ ୧୩ଟି ବାଘ ବାସ କରୁଥିବା ଦେଶର ପ୍ରତିନିଧିମାନେ ଏକାଠି ହୋଇ ସଂକଳ୍ପ ନେଇଥିଲେ ଯେ ୨୦୨୨ ସୁଦ୍ଧା ବିଶ୍ୱରେ କ୍ରମାଗତ ଭାବେ ହ୍ରାସ ପାଉଥିବା ବାଘସଂଖ୍ୟାକୁ ଦ୍ୱିଗୁଣିତ କରାଯିବ।

ବାଘ ହେଉଛି ଜଙ୍ଗଲର ଆହାର ଶୃଙ୍ଖଳାର ଶୀର୍ଷରେ ଥିବା ଏକ ଅଗ୍ରଣୀ ଶିକାରି ଜୀବ, ଯାହାକି ତୃଣଭୋଜୀ ପ୍ରାଣୀ ଯଥା ହରିଣ, ସମ୍ବର, ବରାହ ଆଦିଙ୍କ ସଂଖ୍ୟାକୁ ନିୟନ୍ତ୍ରଣରେ ରଖି ଜଙ୍ଗଲର ଉଦ୍ଭିଦରାଜି ଏବଂ ପ୍ରାକୃତିକ ସମ୍ପଦକୁ ବିନାଶ ହେବାରୁ ରକ୍ଷା କରିଥାଏ। ଯଦି ଜଙ୍ଗଲରୁ ବାଘ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବେ, ତେବେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଇବ, ଫଳରେ ସମଗ୍ର ଜଙ୍ଗଲର ବୃକ୍ଷଲତା ଶେଷ ହୋଇଯିବ, ଜଳାଶୟଗୁଡ଼ିକ ଶୁଖିଯିବ ଏବଂ ଶେଷରେ ସମଗ୍ର ପରିବେଶ ସନ୍ତୁଳନ ବିଗିଡ଼ିଯାଇ ମାନବ ସମାଜ ପାଇଁ ମରୁଡ଼ି, ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର କାରଣ ସାଜିବ। ଅଠରଶହ ଶତାବ୍ଦୀର ଶେଷ ଭାଗରେ ସମଗ୍ର ବିଶ୍ୱରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜଙ୍ଗଲୀ ବାଘ ବିଚରଣ କରୁଥିଲେ, ମାତ୍ର ଅବିଚାରିତ ଶିକାର, ଜଙ୍ଗଲ କ୍ଷୟ, ସହରୀକରଣ ଏବଂ ମାନବୀୟ ଅପରାଧ ଯୋଗୁଁ ବିଂଶ ଶତାବ୍ଦୀର ଶେଷ ବେଳକୁ ଏହି ସଂଖ୍ୟା ମାତ୍ର କେଇ ହଜାରକୁ ଖସି ଆସିଥିଲା, ଯାହା ବୈଜ୍ଞାନିକ ଓ ପରିବେଶବିତ୍‌ମାନଙ୍କୁ ଗଭୀର ଚିନ୍ତାରେ ପକାଇଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବାଘକୁ କେବଳ ଏକ ବନ୍ୟଜନ୍ତୁ ନୁହେଁ, ବରଂ ଶକ୍ତିର ପ୍ରତୀକ ଓ ଦେବୀ ଦୁର୍ଗାଙ୍କ ବାହନ ଭାବେ ପୂଜା କରାଯାଏ, ଏବଂ ୧୯୭୩ ମସିହା ଏପ୍ରିଲ ୧ ତାରିଖରେ ଭାରତ ସରକାର 'ପ୍ରୋଜେକ୍ଟ ଟାଇଗର'ର ଶୁଭାରମ୍ଭ କରି ବାଘକୁ ଭାରତର ଜାତୀୟ ପଶୁ ଭାବେ ଘୋଷଣା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୯ଟି ବାଘ ଅଭୟାରଣ୍ୟକୁ ନେଇ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଟାଇଗର' ଆଜି ବିଶ୍ୱର ସବୁଠାରୁ ସଫଳ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ଭାବେ ପରିଗଣିତ ହୋଇଛି ଏବଂ ବର୍ତ୍ତମାନ ଭାରତରେ ୫୮ରୁ ଊର୍ଦ୍ଧ୍ୱ ବାଘ ଅଭୟାରଣ୍ୟ ରହିଛି, ଯାହା ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ ଦ୍ୱାରା ପରିଚାଳିତ ହେଉଛି। ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟି ଏବଂ ୱାଇଲ୍ଡଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ଦ୍ୱାରା ପ୍ରତି ୪ ବର୍ଷରେ ସମଗ୍ର ଭାରତବର୍ଷରେ ବାଘ ଗଣନା କରାଯାଇଥାଏ। ୨୦୨୨-୨୦୨୩ ଗଣନା ପ୍ରତିବେଦନ ଅନୁଯାୟୀ ଭାରତରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩,୬୮୨ରେ ପହଞ୍ଚିଛି, ଯାହା ବିଶ୍ୱର ମୋଟ ଜଙ୍ଗଲୀ ବାଘ ସଂଖ୍ୟାର ପ୍ରାୟ ୭୫ ଶତାଂଶରୁ ଅଧିକ। ଭାରତର ମଧ୍ୟପ୍ରଦେଶ ରାଜ୍ୟ ୭୮୫ଟି ବାଘ ସହିତ ଦେଶର 'ଟାଇଗର ଷ୍ଟେଟ୍' ଭାବେ ଶୀର୍ଷରେ ଥିବାବେଳେ କର୍ଣ୍ଣାଟକ, ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରରେ ମଧ୍ୟ ବିପୁଳ ସଂଖ୍ୟାରେ ବାଘ ବାସ କରୁଛନ୍ତି। ଓଡ଼ିଶାର ବାଘ ସଂରକ୍ଷଣ ପରିସଂଖ୍ୟାନ ଓ ସ୍ଥିତିକୁ ଦେଖିଲେ, ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ହେଉଛି ଓଡ଼ିଶାର ପ୍ରମୁଖ ଓ ଗୌରବମୟ ସଂରକ୍ଷିତ ଜଙ୍ଗଲ। ଶିମିଳିପାଳର ସ୍ୱତନ୍ତ୍ରତା ହେଉଛି ଏହା ବିଶ୍ୱର ଏକମାତ୍ର ପ୍ରାକୃତିକ ବାସସ୍ଥଳୀ ଯେଉଁଠାରେ ଦୁର୍ଲଭ 'କଳା ବାଘ' ବା ମେଲାନିଷ୍ଟିକ ବାଘ ଦେଖିବାକୁ ମିଳନ୍ତି, ଯାହାଙ୍କ ଶରୀରରେ ଜିନଗତ ପରିବର୍ତ୍ତନ ହେତୁ କଳା ଗାରଗୁଡ଼ିକ ଅତ୍ୟନ୍ତ ଓସାରିଆ ଓ ଘନ ହୋଇଥାଏ। ଓଡ଼ିଶା ଜଙ୍ଗଲ ବିଭାଗ ଓ ଏନ୍‌ଟିସିଏର ମିଳିତ ଗଣନା ଅନୁଯାୟୀ ଓଡ଼ିଶାରେ ଶିମିଳିପାଳ, ସାତକୋଶିଆ ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଘସଂଖ୍ୟାରେ ସୁଧାର ଆସିଛି, ବିଶେଷ କରି ସିମିଳିପାଳରେ ଜାତୀୟ ଓ ରାଜ୍ୟ ସ୍ତରୀୟ ସୁରକ୍ଷା କଡ଼ାକଡ଼ି କରାଯିବା ଫଳରେ ବାଘ ବଂଶବୃଦ୍ଧି ନିଶ୍ଚିତ ହୋଇପାରିଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ, ଯାହା ଅନଗୁଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲା ଦେଇ ପ୍ରବାହିତ ମହାନଦୀ କୋଳରେ ବିସ୍ତୃତ, ସେଠାରେ ମଧ୍ୟ ବାଘଙ୍କ ବାସସ୍ଥଳୀ ଓ ଆହାର ସୃଷ୍ଟି ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ସେହିପରି ବରଗଡ଼ ଜିଲ୍‌ର ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ମଧ୍ୟ ବାଘର କ୍ରମାଗତ ଉପସ୍ଥିତି ଓ ଚଳପ୍ରଚଳ ଓଡ଼ିଶା ପାଇଁ ଆଶାର କିରଣ ସାଜିଛି। ତେବେ ବାଘ ସଂରକ୍ଷଣ ପ୍ରକ୍ରିୟାରେ ଅନେକ ଜଟିଳ ଆହ୍ୱାନ ଓ ସଙ୍କଟ ରହିଛି, ଯାହାର ମୁଖ୍ୟ କାରଣ ହେଉଛି ବେଆଇନ ଶିକାର। ବାଘର ଚାମଡ଼ା, ହାଡ଼, ନଖ, ଦାନ୍ତ ଓ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଅନ୍ତର୍ଜାତୀୟ ଚୋରା ବଜାରରେ ଓ କଳା ବାଣିଜ୍ୟରେ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଥିବାରୁ ଚୋରା ଶିକାରୀମାନେ ବନ୍ଧୁକ, ବିଷପ୍ରୟୋଗ ଓ ଫାଶ ପକାଇ ବାଘମାନଙ୍କୁ ହତ୍ୟା କରିଥାନ୍ତି। ଅନ୍ୟପକ୍ଷରେ ଜଙ୍ଗଲ କ୍ଷୟ, ଖନନ କାର୍ଯ୍ୟ, ଶିଳ୍ପାୟନ, ରାସ୍ତା ଓ ରେଳପଥ ନିର୍ମାଣ ଯୋଗୁଁ ବାଘମାନଙ୍କର ପ୍ରାକୃତିକ ଚଳପ୍ରଚଳ ବାଟ ବା 'କରିଡର' ବିଚ୍ଛିନ୍ନ ହୋଇଯାଉଛି, ଯାହା ଫଳରେ ଜଙ୍ଗଲୀ ବାଘମାନେ ସଂକୁଚିତ ସୀମାରେ ଆବଦ୍ଧ ହୋଇ ରହୁଛନ୍ତି। ଏହି ବାସସ୍ଥଳୀର ବିଖଣ୍ଡନ ଯୋଗୁଁ ବାଘମାନେ ଆହାର ଓ ବାସସ୍ଥାନର ସନ୍ଧାନରେ ଜଙ୍ଗଲ ସୀମା ପାର ହୋଇ ଜନବସତି ଆଡ଼କୁ ଚାଲିଆସୁଛନ୍ତି, ଯାହା ମାନବ-ବନ୍ୟଜନ୍ତୁ ସଂଘର୍ଷକୁ ଜନ୍ମ ଦେଉଛି। ଗାଁ ଭିତରକୁ ବାଘ ପଶି ଆସିବା ଫଳରେ ଗୃହପାଳିତ ପଶୁଙ୍କୁ ଶିକାର କରିବା, ମଣିଷଙ୍କୁ ଆକ୍ରମଣ କରିବା ଏବଂ ଏହାର ପ୍ରତିଶୋଧ ସ୍ୱରୂପ ଗ୍ରାମବାସୀମାନେ ବାଘକୁ ବିଷ ଦେଇ କିମ୍ବା ବିଦ୍ୟୁତ ତାର ବିଛାଇ ହତ୍ୟା କରିବାର ଅପ୍ରୀତିକର ଘଟଣା ସାମ୍ନାକୁ ଆସୁଛି।



ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଓ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ବାଘ ଅଭୟାରଣ୍ୟଗୁଡ଼ିକର କୋର୍ ଅଞ୍ଚଳରୁ ମାନବ ବସତିକୁ ସ୍ୱେଚ୍ଛାକୃତ ଭାବେ ଅନ୍ୟତ୍ର ପୁନର୍ବାସିତ କରାଯାଇ ବାଘଙ୍କ ପାଇଁ ନିରୁପଦ୍ରବ ପରିବେଶ ସୃଷ୍ଟି କରାଯାଉଛି। ଏଥିସହିତ ଜଙ୍ଗଲ ଭିତରେ ତୃଣଭୋଜୀ ଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଁ ଘାସପଡ଼ିଆ ନିର୍ମାଣ ଓ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଉଛି, ଯେପରି ବାଘକୁ ଜଙ୍ଗଲ ଭିତରେ ଯଥେଷ୍ଟ ଆହାର ମିଳିପାରିବ। ବେଆଇନ ଶିକାର ରୋକିବା ପାଇଁ ସଶସ୍ତ୍ର ଆଣ୍ଟି-ପୋଚିଂ ସ୍କ୍ୱାଡ୍ , ସ୍ୱେଚ୍ଛାସେବୀ ଗ୍ରାମୀଣ ବନ୍ୟପ୍ରାଣୀ ସୁରକ୍ଷା କମିଟି, ଏବଂ ଡ୍ରୋନ୍ କ୍ୟାମେରା ଓ ସ୍ନିଫର୍ ଡଗ୍‌ର ବ୍ୟବହାର କରାଯାଉଛି। ବାଘ ସଂରକ୍ଷଣ କେବଳ ସରକାରୀ ବା ସାମରିକ ବଳ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଜଙ୍ଗଲ ସୀମାନ୍ତରେ ବାସ କରୁଥିବା ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ଭାଗୀଦାରୀ ଅତ୍ୟନ୍ତ ଆବଶ୍ୟକ। 'ଇକୋ-ଟୁରିଜିମ୍' ଜରିଆରେ ସ୍ଥାନୀୟ ଲୋକଙ୍କୁ ଜୀବିକା ଯୋଗାଇ ଦିଆଗଲେ ସେମାନେ ଜଙ୍ଗଲ ଓ ବାଘକୁ ଶତ୍ରୁ ନ ଭାବି ନିଜର ସମ୍ପତ୍ତି ଓ ରକ୍ଷାକର୍ତ୍ତା ଭାବେ ବିଚାର କରିବେ। ବିଶ୍ୱ ବାଘ ଦିବସ ପାଳନର ପ୍ରକୃତ ସାରମର୍ମ ହେଉଛି ଆମର ପୃଥିବୀକୁ ସବୁଜ, ସୁନ୍ଦର ଓ ଜୈବବିବିଧତାରେ ସମୃଦ୍ଧ କରି ରଖିବା, କାରଣ ବାଘ ବଞ୍ଚିଲେ ଜଙ୍ଗଲ ବଞ୍ଚିବ, ଜଙ୍ଗଲ ବଞ୍ଚିଲେ ଜଳସମ୍ପଦ ଓ ବାୟୁମଣ୍ଡଳ ସୁରକ୍ଷିତ ରହିବ, ଏବଂ ଶେଷରେ ମାନବ ସଭ୍ୟତାର ଅସ୍ତିତ୍ୱ ନିରାପଦ ରହିବ, ତେଣୁ ଆସନ୍ତୁ ଏହି ଅନ୍ତର୍ଜାତୀୟ ବାଘ ଦିବସରେ ବାଘ ସଂରକ୍ଷଣ ଓ ସୁରକ୍ଷା ପାଇଁ ଶପଥ ନେବା ଏବଂ ବସୁଧାର ଏହି ମହାନ ବନ୍ୟପ୍ରାଣୀକୁ ବିଲୁପ୍ତିରୁ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା।

ମୋ: ୯୪୩୭୯୯୪୩୭୯

# ଗୁରୁପୂଜା ପରମ୍ପରା

## ଡ. ଅରୁନ୍ଧତୀ ଦେବୀ

ଗୁରୁପୂଜା ପରମ୍ପରା ମୁଖ୍ୟତଃ ଗୁରୁଙ୍କ ପୂଜା କରିବା ଓ ଭକ୍ତି ପ୍ରଦାନ ଦିଗରେ ଉତ୍ସର୍ଗୀକୃତ। ଉତ୍ତର ପ୍ରଦେଶରେ ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ପାଇଁ ଏହି ପର୍ବ ପାଳନ କରିଥାନ୍ତି। ଯୋଗୀ ପରମ୍ପରା ଅନୁଯାୟୀ ଭଗବାନ ଶିବ ହେଉଛନ୍ତି ପ୍ରଥମ ଗୁରୁ। ତେଣୁ ଯୋଗୀମାନେ ଶିବଙ୍କୁ ଆଦିଗୁରୁ ଭାବେ ପୂଜା କରିଥାନ୍ତି। କିନ୍ତୁ ହିନ୍ଦୁ ଋଷି, ସାଧୁ, ସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବରେ ପୂଜା କରିଥାନ୍ତି। ବ୍ୟାସଦେବଙ୍କ ଆଲୋକ ବର୍ତ୍ତିକାରେ ସପ୍ତଋଷିଗଣ ସୃଷ୍ଟି ହୋଇଥିଲେ। ତେଣୁ ହିନ୍ଦୁମାନେ ବ୍ୟାସଦେବଙ୍କୁ ମହାନ ଗୁରୁ ଭାବରେ ପୂଜା କରନ୍ତି। ପ୍ରାଚୀନ କାଳରୁ ଏହି ଗୁରୁ ଶିଷ୍ୟ ପରମ୍ପରା ଚାଲିଆସୁଛି। ଏହି ଦିନଟିରେ ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିହୁଏ।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ମହାଭାରତ ରଚୟିତା ବ୍ୟାସଦେବ ଋଷି ପରାଶର ଏବଂଧୀବର କନ୍ୟା ସତ୍ୟବତୀଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣିମା ତିଥିରେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଏହି ଦିନଟିକୁ ବ୍ୟାସ ପୂର୍ଣ୍ଣିମା ଭାବେ ମଧ୍ୟ ପାଳନ କରାଯାଏ। ବେଦବ୍ୟାସ ଜଣେ ବିଜ୍ଞ ଋଷି ଥିଲେ। ସେ ମାନବ ସମାଜ ପାଇଁ ବିଭିନ୍ନ ପ୍ରକାର ଉପଯୋଗୀ ଶାସ୍ତ୍ର ରଚନା କରିଥିଲେ। ସେ ବେଦସ୍ତୁତିକୁ ପାଲିଆ, ବୈଷମପାୟନ, ଜୈମିନୀ ଓ ସୁମନ୍ତ ଏହିପରି ୪ ପ୍ରକାର ଶାସ୍ତ୍ରରେ ବିଭକ୍ତ କରିଥିଲେ। ଏହାପରେ ସେ ଋକ୍, ସାମ୍, ଯର୍ଜୁ ଓ ଅଥର୍ବ ବେଦଶାସ୍ତ୍ର ରଚନା କରିଥିଲେ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ଶିବଙ୍କୁ ଆଦିଗୁରୁ ଭାବେ ସ୍ୱୀକାର କରାଯାଇଛି। ଗୌତମ ବୁଦ୍ଧ ଯେତେବେଳେ ପ୍ରଗାଢ଼ ଜ୍ଞାନର ଅଧିକାରୀ ହୋଇଗଲେ ସେ ତାଙ୍କର ୫ ଜଣ ଅନୁଗାମୀଙ୍କୁ ଉପଦେଶ ଶିକ୍ଷା ଦେଇ ଗୁରୁ ହୋଇଥିଲେ। ସେ ଆଷାଢ଼ ମାସର ପୂର୍ଣ୍ଣମୀ ତିଥିରେ ତାଙ୍କର ଭିକ୍ଷୁମାନଙ୍କୁ ପାଞ୍ଚୋଟି ଧର୍ମ ଉପଦେଶ ଦେଇଥିଲେ। ଯାହାକୁ ଧମକାକପ୍ରାଟନ କୁହାଯାଏ। ଗୁରୁ ପୂର୍ଣ୍ଣିମା ପର୍ବଟି ଅତ୍ୟନ୍ତ ପବିତ୍ର। ଏହିଦିନ ଆଦିଗୁରୁ ମାନବ ସମାଜର ବିକାଶ ପାଇଁ ନିୟମମାନ ତିଆରି କରିଥିଲେ। ସପ୍ତଋଷିଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜ୍ଞାନ ଉପରେ ସାରା ବିଶ୍ୱକୁ ଶିକ୍ଷଣୀୟ ମହାତ୍ମ୍ୟ ମିଳିଲା। ହିନ୍ଦୁ ଆଧ୍ୟାତ୍ମିକ ଶିକ୍ଷାକୁ ସମ୍ମାନ ଦେବା ପାଇଁ ଏହି ବ୍ୟାସ ପୂର୍ଣ୍ଣିମା ପର୍ବ କରାଯାଇଥାଏ। ଏହି ପୂଜାକୁ ମଧ୍ୟ ବିଭିନ୍ନ ମନ୍ଦିରରେ ପାଳନ କରାଯାଇଥାଏ। ଯେଉଁଥିରେ ଗୁରୁଙ୍କ ଉଦ୍ଦେଶ୍ୟରେ ପୁଷ୍ପ ଓ ଉପହାରମାନ ଅର୍ପଣ କରାଯାଇଥାଏ। ଆଶ୍ରମ, ମଠ ଓ ବିଭିନ୍ନ ଭକ୍ତି ବାତାବରଣ ସ୍ଥାନମାନଙ୍କରେ କୀର୍ତ୍ତନ କରାଯାଏ।

ଗୁରୁ-ଶିଷ୍ୟ ପରମ୍ପରାରେ ଏକଲବ୍ୟ : ପ୍ରାଚୀନ ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ଏକଲବ୍ୟଙ୍କ ବିଷୟରେ ବର୍ଣ୍ଣନା ରହିଛି। ପିଲାଦିନେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ପାଖରେ ଧନୁର୍ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଖୁବ୍ ଆଗ୍ରହୀ ଥିଲେ। ଦ୍ରୋଣଙ୍କ ନିକଟରେ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଶିକ୍ଷା ଗ୍ରହଣ କରୁଥିବାରୁ ଶୁଦ୍ର ଏକଲବ୍ୟଙ୍କୁ ଦ୍ରୋଣ ଶିକ୍ଷାଦାନ ପାଇଁ ମନା କରିଦେଇଥିଲେ। ପ୍ରତ୍ୟକ୍ଷ ଭାବେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ଶିକ୍ଷାଦାନରୁ ବଞ୍ଚିତ ହେଲେ କିନ୍ତୁ ପରୋକ୍ଷରେ ସେ ଦ୍ରୋଣଙ୍କୁ ଗୁରୁ ଭାବେ ଗ୍ରହଣ କରି ଶିକ୍ଷା ଗ୍ରହଣ କଲେ। ଗୁରୁ ଦ୍ରୋଣଙ୍କ ଶିଷ୍ୟ ଅର୍ଜ୍ଜୁନ, ଭୀମ, ଯୁଧିଷ୍ଠିର, ନକୁଳ, ସହଦେବ, ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ରାଜପୁତ୍ରଙ୍କୁ ଧନୁର୍ବିଦ୍ୟା ଶିଖାଇବା ସମୟରେ ସେ ଦୂରରେ ରହି ଧନୁ ବିଦ୍ୟାକୁ କରାୟତ୍ତ କରିନେଲେ। ଥରେ ଶିକ୍ଷାଦାନ ସମୟରେ କୁକୁର ଭୁକିବାରୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷାଦାନରେ ବ୍ୟାଘାତ ଘଟିଲା। ଏହା ଦୂରରୁ ନିରୀକ୍ଷଣ କରି ଏକଲବ୍ୟ ତୀର ମାରି କୁକୁରର ଭୁକିବା ବନ୍ଦ କରିଦେଲେ। ତୀର ମାରି କୁକୁରଟିର ଭୁକିବା ବନ୍ଦ କରିଦେଇଥିଲେ ମଧ୍ୟ କୁକୁରଟି କିଛି ବି କ୍ଷତି ହୋଇନଥିଲା। ଏହା ତାଙ୍କ ଧନୁର୍ବିଦ୍ୟାର ଶ୍ରେଷ୍ଠ ପରାକାଷ୍ଠା ଥିଲା। ଧନୁର୍ବିଦ୍ୟା ଶିଖି ତୀର ଚାଳନାରେ ପାରଙ୍ଗମ ହୋଇଥିବାରୁ ତାଙ୍କର ସବୁଆଡ଼େ ଚର୍ଚ୍ଚା ହେଉଥିଲା। ଏହି କଥା ଗୁରୁ ଦ୍ରୋଣଙ୍କ ନଜରକୁ ଆସିଲା। କିନ୍ତୁ ଦ୍ରୋଣଙ୍କର ଇଛାଥାଏ ସାରା ବିଶ୍ୱରେ ଅର୍ଜ୍ଜୁନ ହିଁ ଶ୍ରେଷ୍ଠ ଧନୁର୍ଦ୍ଧାରୀ ହୁଅନ୍ତୁ। ସେ ଏହା ସହ୍ୟ କରି ନପାରି ଦିନେ ଏକଲବ୍ୟର କୁଡ଼ିଆକୁ ଗଲେ। ସେଠାରେ ଗୁରୁ ଦ୍ରୋଣ ଦେଖିଲେ ତାଙ୍କର ଏକ ପ୍ରତିମୂର୍ତ୍ତି ରଖି ଏକଲବ୍ୟ ପୂଜା କରୁଛି ଓ ସ୍ୱୟଂ ନିଜେ ଧନୁର୍ବିଦ୍ୟା ଶିକ୍ଷା କରୁଛି। ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଗୁରୁପ୍ରୀତି ତଥା ନିଷ୍ଠା ଦେଖି ଚକିତ ହେଲେ। ଦ୍ରୋଣାଚାର୍ଯ୍ୟ ଗୁରୁ ଦକ୍ଷିଣା ସ୍ୱରୂପ ଏକଲବ୍ୟଙ୍କୁ ତାଙ୍କର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ମାଗିଲେ। ଏକଲବ୍ୟ କିଛି ନଭାବି ଗୁରୁ ଦ୍ରୋଣଙ୍କୁ ଶ୍ରେଷ୍ଠ ମନେକରି ତୁରନ୍ତ ଏକ ଛୁରୀ ଦ୍ୱାରା ତାଙ୍କର ବୃଦ୍ଧ ଆଙ୍ଗୁଠି କାଟି ଗୁରୁଦେବଙ୍କୁ ଦକ୍ଷିଣା ସ୍ୱରୂପ ପ୍ରଦାନ କଲେ। ଏକଲବ୍ୟ ତାଙ୍କର ନିଷ୍ଠା, ସାହସ ତଥା ଗୁରୁଭକ୍ତି ପରାକାଷ୍ଠା ପାଇଁ ଗୁରୁ ଭକ୍ତିର ଜ୍ୱଳନ୍ତ ଉଦାହରଣ ପାଲଟି ଗଲେ।

କଟକ, ମୋ : ୯୯୩୭୧୭୨୮୧୦

# ବିକଶିତ ଭାରତର ରୋଜଗାର ଗ୍ୟାରେଣ୍ଟି

## ଡ. କପିଳେନ୍ଦ୍ର ଦାସ

> କଲ୍ୟାଣର ସମ୍ପତ୍ତି ସୃଷ୍ଟି କରିବା ଏକ ଦିନରେ ହେବାକୁ ପଡେ ନାହିଁ। ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ଅଛି। ମହାତ୍ମା ଗାନ୍ଧୀ କହିଥିଲେ ଯେ ଭାରତର ଆତ୍ମା ଗ୍ରାମାଞ୍ଚଳରେ ବାସ କରେ। ବିକଶିତ ଭାରତର ସ୍ୱପ୍ନ ସାକାର କରିବାର ମୂଳ ମଣିଷ ହେଉଛନ୍ତି ଏହି ଗ୍ରାମବାସୀ। ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ କେବଳ ଦୁଇଟି ସରକାରୀ ଯୋଜନା ନୁହନ୍ତି; ଏଗୁଡିକ ହେଉଛି ଗ୍ରାମୀଣ ଭାରତର ରୂପାନ୍ତରର ପ୍ରବର୍ତ୍ତକ ଅଧ୍ୟାୟ। ଏହି ଯୋଜନା ମାନେ ଶ୍ରମକୁ ସମ୍ମାନ ଦେଇଛନ୍ତି, ମହିଳାମାନଙ୍କୁ ସାହସ ଦେଇଛନ୍ତି ଏବଂ ଗରିବମାନଙ୍କୁ ଉଦ୍ୟୋଗୀ କରିଛନ୍ତି। ଏହି ମାନବ ସମ୍ପତ୍ତିର ନିର୍ମାଣ ହିଁ ଏକ ଶକ୍ତିଶାଳୀ, ସମୃଦ୍ଧ ଏବଂ ବିକଶିତ ଭାରତ ଗଢ଼ିବାର ସବୁଠାରୁ ବଡ଼ ପୂଜା ଅଟେ।

କୌଣସି ଦେଶର ସମ୍ପତ୍ତି କେବଳ ତା'ର ସୁନା-ରୁପା କିମ୍ବା ବ୍ୟାଙ୍କର ଟଙ୍କା ଉପରେ ନିର୍ଭର କରେ ନାହିଁ, ବରଂ ତା'ର ଲୋକମାନଙ୍କ ଉପରେ ନିର୍ଭର କରେ। ଦେଶର ପ୍ରତି ନାଗରିକଙ୍କ ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ହେଉଛି ପ୍ରକୃତ 'ମାନବ ସମ୍ପତ୍ତି' ବା 'କଲ୍ୟାଣର ସମ୍ପତ୍ତି'। ଭାରତ ଗ୍ରାମୀଣ ପ୍ରଧାନ ଦେଶ। ସ୍ୱାଧୀନ ଭାରତର ଇତିହାସର ଅଧିକାଂଶ ସମୟ ପାଇଁ, ଗ୍ରାମୀଣ ବିକାଶର ଅର୍ଥ ଥିଲା ଦାରିଦ୍ର୍ୟ ଦୂରୀକରଣ। ତେଣୁ ଭାରତର ଗ୍ରାମୀଣ ବିକାଶ ଯାତ୍ରା ସାଧାରଣତଃ କଲ୍ୟାଣମୂଳକ ଯୋଜନାର ଗ୍ୟାରେଣ୍ଟି ଆଇନ ୨୦୦୫ରେ ଗ୍ରାମୀଣ ଗରିବଙ୍କୁ ନିଶ୍ଚିତ ରୋଜଗାର ଦେଇଥିଲା। ଏହି ପଦ୍ଧତି ନୈତିକ ଦୃଷ୍ଟିକୋଣରୁ ଆବଶ୍ୟକ ଥିଲା ଏବଂ ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ଚରମ ଦାରିଦ୍ର୍ୟରୁ ଉଠାଇବାରେ ଏହା ପରିସଂଖ୍ୟାନଗତ ଭାବରେ ସଫଳ ହୋଇଥିଲା, କିନ୍ତୁ ଏହା ମୌଳିକ ରୂପରେ ସୀମିତ ଥିଲା। ଏହା ବେରୋଜଗାରି ଓ ଅସୁବିଧାକୁ କମାଇ ଦେଇଥିଲା।

କିନ୍ତୁ ଏହି ଗ୍ରାମୀଣ ପ୍ରଧାନ ଦେଶ ପାଇଁ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ମାନବ ସମ୍ପତ୍ତିର ସୃଷ୍ଟି ଅତ୍ୟନ୍ତ ଜରୁରୀ ମନେ କରାଗଲା। ତେଣୁ ପରିବର୍ତ୍ତନ ସ୍ୱରୂପ ଦୁଇଟି ମୁଖ୍ୟ ଯୋଜନା- ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ୍ ଗ୍ରାମୀଣ ୨୦୨୫ ଠାରୁ ଆରମ୍ଭ ହୋଇଛି ଯାହାକି ଏକ ସକ୍ରିୟ ଇଞ୍ଜିନ୍ ଭାବରେ ଗ୍ରାମୀଣ ରୂପାନ୍ତର ପରବର୍ତ୍ତୀ ଅଧ୍ୟାୟକୁ ରୂପାନ୍ତରିତ କରୁଛି। ଏହା ଦ୍ୱାରା ଭାରତ ସରକାରଙ୍କର ଗ୍ରାମୀଣ ବିକାଶର ଆର୍ଥିକ ଉନ୍ନତି ଏବଂ ଦାରିଦ୍ର୍ୟ ଦୂରୀକରଣ ସଫଳ ହୋଇଛି।

ରୋଜଗାର ଗ୍ୟାରେଣ୍ଟି : ଜୀବନ ଜୀବିକାର ନିରାପତ୍ତା ଜାଲ୍ -

ଏହା କେବଳ ଗୋଟିଏ ରୋଜଗାର ଯୋଜନା ନୁହେଁ, ଏହା ଗ୍ରାମୀଣ ପରିବାରମାନଙ୍କ ପାଇଁ ଏକ ଜୀବନରକ୍ଷା ଜାଲ୍। ଏହି ଯୋଜନା ଆସିବା ପୂର୍ବରୁ ଗ୍ରାମାଞ୍ଚଳରେ ଅକାଳ ବର୍ଷା କିମ୍ବା ଖରାଦିନ ଆସିଲେ ଲୋକମାନେ ପେଟ ପୋଷିବା ପାଇଁ ଗାଁ ଛାଡ଼ି ଚାଲିଯାଉଥିଲେ। ଏହାକୁ ପ୍ରବାସନ କୁହାଯାଏ। ବଡ଼ ବଡ଼ ସହରରେ ଝୁପୁଡ଼ିରେ ବାସ କରି ସେମାନେ ନିଜର ଶ୍ରମ ବିକ୍ରୟ କରୁଥିଲେ। କିନ୍ତୁ ରୋଜଗାର ଗ୍ୟାରେଣ୍ଟି ଆସିବା ପରେ ପରିସ୍ଥିତି ବଦଳିଗଲା। ବର୍ଷକୁ ୧୨୫ ଦିନର ଗ୍ୟାରେଣ୍ଟି କାମ ମିଳିବ। ଠିକ୍ ସମୟରେ ଜରୁରୀ ବ୍ୟାଙ୍କ ଆକାଉଣ୍ଟରେ ମିଳିବା, ଏହା ଗ୍ରାମବାସୀଙ୍କୁ ଅତ୍ୟନ୍ତ ସାହସ ଦେଇଛି।

ଏହା କେବଳ ଟଙ୍କା ଦେଉନାହିଁ, ବରଂ ଗାଁରେ ପୋଖରୀ ଖୋଳିବା, ରାସ୍ତା ବନାଇବା, ବର୍ଷାପାଣି ସଂରକ୍ଷଣ କରିବା ଭଳି କାମ କରାଏ। ଫଳସ୍ୱରୂପ ଗାଁର ଭୌତିକ ଅବସ୍ଥାର ଉନ୍ନତି ହୋଇଛି। ଏହି ଯୋଜନାରେ ମହିଳାମାନଙ୍କୁ ସମାନ ମଜୁରି ମିଳୁଥିବାରୁ ସେମାନଙ୍କ ଆର୍ଥିକ ସ୍ୱାଧୀନତା ବଢ଼ିଛି। ଘରେ ପୁରୁଷମାନେ ନଥିଲେ ମଧ୍ୟ ମହିଳାମାନେ ପରିବାରକୁ ଚଳାଇ ପାରୁଛନ୍ତି। ଶ୍ରମର ସମ୍ମାନ ମିଳିବାରୁ ଗରିବ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି, ଯାହା ମାନବ ସମ୍ପତ୍ତି ତିଆରିର ପ୍ରଥମ ସୋପାନ।

ଆଜୀବିକା ମିଶନ : ଶ୍ରମିକରୁ ଉଦ୍ୟୋଗୀକୁ ଯାତ୍ରା - ଯେତେବେଳେ ରୋଜଗାର ଗ୍ୟାରେଣ୍ଟି ମଣିଷକୁ ଭୋକ ମାରିବାରୁ ରକ୍ଷା କରେ ଏବଂ ଜୀବନର ଏକ ନିରାପତ୍ତା ଦେଇଛି, ସେତେବେଳେ ଆଜୀବିକା ମିଶନ ତାଙ୍କୁ ଉଡ଼ାଣ ଦେବାର କାମ କରେ। ଏହି ମିଶନର ମୂଳ ଭିତ୍ତି ହେଉଛି 'ସ୍ୱୟଂ ସହାୟକ ଗୋଷ୍ଠୀ'। ଗାଁ ଗାଁରେ ମହିଳାମାନେ ଏକାଠି ହୋଇ କିଛି ଟଙ୍କା ସଂଚୟ କରନ୍ତି। ସରକାର ଏବଂ ବ୍ୟାଙ୍କମାନେ ସେମାନଙ୍କୁ ଋଣ ଦିଅନ୍ତି। ଏହି ଋଣ ନେଇ ସେମାନେ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କରନ୍ତି।

ଆଜିକାଲି ଗ୍ରାମୀଣ ଭାରତର ଚିତ୍ର ବଦଳିଯାଇଛି। ଖାଦ୍ୟପ୍ରସ୍ତୁତି, ସିଲାଇ, ମସଲା ପ୍ରସ୍ତୁତି, ଛୋଟ ଦୋକାନ, ଛତୁ ଚାଷ ଏବଂ ହସ୍ତତନ୍ତ ଭଳି ଅନେକ କାମ ଏହି ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା ଚାଲୁଛି। ଆଜୀବିକା ମିଶନ କେବଳ ଋଣ ଦେଇ ଚାଲିଯାଏ ନାହିଁ, ବରଂ ସେମାନଙ୍କୁ ବଜାର ପରିଚିତ କରାଏ, ନୂଆ ନୂଆ ଦକ୍ଷତା ଶିଖାଏ ଏବଂ ସେମାନଙ୍କ ଉତ୍ପାଦକୁ ବିକ୍ରି କରିବାର ବ୍ୟବସ୍ଥା କରେ।

ଏହି ମିଶନର ସବୁଠାରୁ ବଡ଼ ସଫଳତା ହେଉଛି 'ମହିଳା ସଶକ୍ତିକରଣ'। ଘରର ଚାରିକାନ୍ଥି ମଧ୍ୟରେ ରହିଥିବା ଗ୍ରାମୀଣ ମହିଳା ଆଜି ପଞ୍ଚାୟତ ମିଟିଂରେ ବସି ନିଜର କଥା କହୁଛନ୍ତି, ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଛନ୍ତି ଏବଂ ଚେକ୍ କାଟୁଛନ୍ତି। ଏହି ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ଗୁଣ ହିଁ ଏକ ବିକଶିତ ଦେଶର ପ୍ରକୃତ ମାନବ ସମ୍ପତ୍ତି।

ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ ଦୁଇଟି ଭିନ୍ନ ଯୋଜନା ହୋଇଥିଲେ ମଧ୍ୟ, ଏମାନଙ୍କର କାମ ଏକ ଦ୍ୱିତୀୟ ରେଳ ଲାଇନ୍ ଭଳି ଯୁକ୍ତ ହୋଇଛି। ଧରନ୍ତୁ, ଗୋଟିଏ ଗରିବ ପରିବାରର ମହିଳା ପ୍ରଥମେ ରୋଜଗାର ଗ୍ୟାରେଣ୍ଟି ଅଧୀନରେ କାମ କରି କିଛି ଟଙ୍କା ଜମା କଲା। ଏହା ତାଙ୍କୁ ତାଙ୍କ ପରିବାରର ଦୈନନ୍ଦିନ ପ୍ରୟୋଜନ ମେଣ୍ଟାଇବାରୁ ରକ୍ଷା କଲା। ଏହା ପରେ ସେ ଆଜୀବିକା ମିଶନର ଏକ ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଲା। ଗୋଷ୍ଠୀରୁ ଋଣ ନେଇ ସେ ଏକ ଛୋଟ ଦୋକାନ ବା ସିଲାଇ ମେସିନ୍ କିଣିଲା। ଧୀରେ ଧୀରେ ତାଙ୍କର ଆୟ ବଢ଼ିଲା।

ସମ୍ପତ୍ତି ସୃଷ୍ଟି ପାଇଁ ଅଭାବର ମାନସିକତାରୁ ପ୍ରାଚୁର୍ଯ୍ୟର ମାନସିକତାକୁ ଏକ ମୌଳିକ ପରିବର୍ତ୍ତନ ଆବଶ୍ୟକ। ଆଜୀବିକା ମିଶନ୍ 'ସାମାଜିକ ପୁଞ୍ଜି' ନିର୍ମାଣ କରି ଏହା ସୁବିଧା ପ୍ରଦାନ କରେ। ଯେତେବେଳେ ଜଣେ ମହିଳା ଏକ ସାମୁଦାୟିକ ପାଣ୍ଠି ପରିଚାଳନା କରନ୍ତି, ବ୍ୟାଙ୍କ ବୈଠକରେ ଯାଆନ୍ତି ଏବଂ ସ୍ଥାନୀୟ ପ୍ରଶାସକଙ୍କ ସହିତ ଆଲୋଚନା କରନ୍ତି, ସେ ନିର୍ଭରଶୀଳତାର ମାନସିକ ବୋଝ କମାନ୍ତି। ସେ ଜଣେ ଆର୍ଥିକ ଏଜେଣ୍ଟ ହୁଅନ୍ତି। ଏହି ସଶକ୍ତିକରଣ ପରବର୍ତ୍ତୀ ପିଢ଼ି ପାଇଁ ଭଲ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପୋଷ୍ୟକ ଆନୁକୂଲ୍ୟ ଆଣିବାରେ ସାହାଯ୍ୟ କରେ, ଆନ୍ତଃପିଢ଼ି ଦାରିଦ୍ର୍ୟ ବଦଳରେ ଆନ୍ତଃପିଢ଼ି ସମ୍ପତ୍ତି ସୃଷ୍ଟି କରେ।

ରୋଜଗାର ଏବଂ ଆଜୀବିକା ମିଶନ ଉଭୟେ ଜଡ଼ିତ - ଏହି ଗ୍ରାମୀଣ ରୂପାନ୍ତରର ପରବର୍ତ୍ତୀ ଅଧ୍ୟାୟର ପ୍ରକୃତ ପ୍ରତିଭା ଏହି ଦୁଇଟି କାର୍ଯ୍ୟକ୍ରମର ପୃଥକ କାର୍ଯ୍ୟକଳାପରେ ନୁହେଁ, ବରଂ ସେମାନଙ୍କ ଗଭୀର, ସାଂଗଠନିକ ସହଯୋଗରେ ନିହିତ। ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ୍ ଗ୍ରାମୀଣ ଏକା ମୁଦ୍ରାର ଦୁଇ ପଟ ଭାବରେ ଡିଜାଇନ୍ ହୋଇଛନ୍ତି।

ଏହାଛଡ଼ା, ନୂତନ ନିୟମାବଳୀ ଅଧୀନରେ, ଏସ୍‌ଏଚ୍‌ଜିଏସ୍‌କୁ ରୋଜଗାର ଗ୍ୟାରେଣ୍ଟି ଅଧୀନରେ ସାର୍ବଜନୀନ କାର୍ଯ୍ୟରେ ଚୁକ୍ତି ପାଇଁ ପ୍ରାଥମିକତା ଦିଆଯାଏ।

ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ ଗରିବୀକୁ କେବଳ ଦାନ ଦେବାର ନୀତିରୁ ଆମକୁ ଦୂର କରିଛନ୍ତି। ଏମାନେ ଗରିବଙ୍କୁ ଦାନ ଦିଅନ୍ତି ନାହିଁ, ବରଂ ସେମାନଙ୍କୁ କାମ କରିବାର ସୁଯୋଗ, ବ୍ୟବସାୟ କରିବାର ପୁଞ୍ଜି ଏବଂ ସମାଜରେ ମୁଣ୍ଡ ଉଠାଇ ଚାଲିବାର ସମ୍ମାନ ଦେଇଛନ୍ତି। ଏହି ପ୍ରକ୍ରିୟାରେ କେବଳ ଗ୍ରାମର ପିତା ରାସ୍ତା ବା ପୋଖରୀ ହିଁ ବଦଳୁ ନାହିଁ, ବରଂ ମଣିଷର ମନସ୍ତତ୍ତ୍ୱ ବଦଳୁଛି। ନିରକ୍ଷରତା, ଅପୁଷ୍ଟି ଏବଂ ଭେଦଭାବ କମୁଛି। ଶିକ୍ଷା ପ୍ରତି ଆଗ୍ରହ ବଢୁଛି, କାରଣ ବାପା-ମାଆ ଜାଣିଛନ୍ତି ଯେ ଭଲ ପଢ଼ାଶୁଣା ହିଁ ସେମାନଙ୍କ ପିଲାମାନଙ୍କୁ ଆଗକୁ ନେଇପାରିବ।

ଶେଷରେ କହିବାକୁ ଗଲେ, କଲ୍ୟାଣର ସମ୍ପତ୍ତି ସୃଷ୍ଟି କରିବା ଏକ ଦିନରେ ହେବାକୁ ପଡେ ନାହିଁ। ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ଅଛି। ମହାତ୍ମା ଗାନ୍ଧୀ କହିଥିଲେ ଯେ ଭାରତର ଆତ୍ମା ଗ୍ରାମାଞ୍ଚଳରେ ବାସ କରେ। ବିକଶିତ ଭାରତର ସ୍ୱପ୍ନ ସାକାର କରିବାର ମୂଳ ମଣିଷ ହେଉଛନ୍ତି ଏହି ଗ୍ରାମବାସୀ। ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ କେବଳ ଦୁଇଟି ସରକାରୀ ଯୋଜନା ନୁହଁନ୍ତି; ଏଗୁଡିକ ହେଉଛି ଗ୍ରାମୀଣ ଭାରତର ରୂପାନ୍ତରର ପ୍ରବର୍ତ୍ତକ ଅଧ୍ୟାୟ। ଏହି ଯୋଜନା ମାନେ ଶ୍ରମକୁ ସମ୍ମାନ ଦେଇଛନ୍ତି, ମହିଳାମାନଙ୍କୁ ସାହସ ଦେଇଛନ୍ତି ଏବଂ ଗରିବମାନଙ୍କୁ ଉଦ୍ୟୋଗୀ କରିଛନ୍ତି। ଏହି ମାନବ ସମ୍ପତ୍ତିର ନିର୍ମାଣ ହିଁ ଏକ ଶକ୍ତିଶାଳୀ, ସମୃଦ୍ଧ ଏବଂ ବିକଶିତ ଭାରତ ଗଢ଼ିବାର ସବୁଠାରୁ ବଡ଼ ପୂଜା ଅଟେ।

ଭେଲା, ନୂଆପଡା
ମୋ-୭୮୯୪୫୨୯୮୦୧

# ବର୍ଷାରେ ଟିକିରି ଜଳମଗ୍ନ, ଟ୍ରେନ୍ ସେବା ବାଧାପ୍ରାପ୍ତ

## ଗଚ୍ଛିତ ଖାଦ୍ୟଶସ୍ୟ ନଷ୍ଟ, ଚିନ୍ତାରେ ପରିବାର

ରାୟଗଡା,(ନିପ୍ର): ସାରାରାତି ପ୍ରବଳ ବର୍ଷାରେ ଟିକିରି ଜଳମଗ୍ନ। ଟ୍ରେନ୍ ସେବା ବାଧାପ୍ରାପ୍ତ, ଘରେ ଘରେ ପଶିଲା ବନ୍ୟାଜଳ, ଘରେ ଗଚ୍ଛିତ ଖାଦ୍ୟଶସ୍ୟ ନଷ୍ଟ। ଚିନ୍ତାରେ ପରିବାର। ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ରାତିଠାରୁ ଆରମ୍ଭ ହୋଇ ସୋମବାର ସକାଳ ୫ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅବିରତ ବର୍ଷା ହେବାରୁ ସଡ଼କ ଓ ରେଳ ଯାତାୟାତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି।






ଟିକିରି ରେଳ ଷ୍ଟେସନ ନିକଟରେ ରେଳ ଧାରଣା ଉପରେ ପ୍ରାୟ ୨ ଫୁଟ ପାଣି ଜମି ଯିବାରୁ କୋରାପୁଟ–ବିଶାଖାପାଟଣା ଯାତ୍ରୀବାହୀ ଟ୍ରେନ୍ ଦୀର୍ଘ ସମୟ ଧରି ଷ୍ଟେସନରେ ଅଟକି ରହିଥିଲା।

ଟିକିରି ସହରର ବିଭିନ୍ନ ସଡ଼କରେ ପ୍ରାୟ ୩ ଫୁଟ ପାଣି ଜମିଥିବା ବେଳେ ବନ୍ୟାଜଳ ଅନେକ ଘରେ ପଶି ଘରର ଆସବାବପତ୍ର, ଚାଉଳ, ଧାନ, ବିରି, ମୁଗ, ମାଣ୍ଡିଆ ଆଦି ଅନ୍ୟାନ୍ୟ ଘରୋଇ ସାମଗ୍ରୀ ନଷ୍ଟ କରିଛି। ସ୍ଥାନୀୟ ଲୋକମାନେ ଏହାକୁ ପ୍ରାକୃତିକ ବନ୍ୟା ନୁହେଁ, ବରଂ ମନୁଷ୍ୟକୃତ ଜଳାବଦ୍ଧତା ବୋଲି ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଚାରିପାଖ ପାହାଡ଼ରୁ ଆସୁଥିବା ବର୍ଷାଜଳ ଟିକିରି ରେଳ ଷ୍ଟେସନ ନିକଟରେ ଜମା ହେଉଛି। ରେଳ ଧାରଣା ପାଖରେ ଥିବା ନାଳର ପାଣି ଉଚ୍ଛୁଳି ରେଳ ଧାରଣା ଉପରକୁ ଚାଲିଆସିବାରୁ ପ୍ରାୟ ୨ ଫୁଟ ପାଣି ଜମିଥିଲା। ଫଳରେ ସକାଳ ପ୍ରାୟ ୧୦ଟାରୁ କୋରାପୁଟ–ବିଶାଖାପାଟଣା ଯାତ୍ରୀବାହୀ ଟ୍ରେନ୍ ଟିକିରି ଷ୍ଟେସନରେ ଅଟକି ରହିଥିଲା। ସେହିପରି ରାଉଳି ରେଳ ଷ୍ଟେସନ ନିକଟରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସଡ଼କ ଯାତାୟାତ ମଧ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ଟିକିରି ପେଟ୍ରୋଲ ପମ୍ପ ନିକଟସ୍ଥ ପୋଲ ନିକଟରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ରାସ୍ତା ଉପରେ ୨ରୁ ୩ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହିଥିଲା, ଫଳରେ ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଥିଲା। ରେଳବାଇର ରିଟେନିଂ ୱାଲ୍ ନିର୍ମାଣ ପାଇଁ ମାଟି ପକାଯାଇ ପୂର୍ବରୁ ଥିବା ନାଳକୁ ବନ୍ଦ କରିଦିଆଯାଇଥିବାରୁ ଏଭଳି କୃତ୍ରିମ ଜଳାବଦ୍ଧତା ସୃଷ୍ଟି ହୋଇଥିବା ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

ଜାମୁଗୁଡ଼ା ଗାଁରେ ପରିସ୍ଥିତି ଅଧିକ ଗୁରୁତର ଥିଲା। ସେଠାରେ ପ୍ରାଥମିକ ବିଦ୍ୟାଳୟ ଓ ଟିକିରି ଛାତ୍ରାବାସରେ ବନ୍ୟାଜଳ ପଶି ଛାତ୍ରଛାତ୍ରୀଙ୍କ ପାଇଁ ରଖାଯାଇଥିବା ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ନଷ୍ଟ ହୋଇଯାଇଛି। ଏହାଛଡ଼ା ଲାଞ୍ଜିଗୁଡ଼ା ସାହିର ତ୍ରମ୍ବେଶ୍ୱର ସାହୁ, ବିନୋଦ ସାହୁ, ଚମ୍ପା ସାହୁ ଏବଂ ବିଜୟ ଶତପଥୀଙ୍କ ଘରେ ପାଣି ପଶି ଆସବାବପତ୍ର, ଚାଉଳ, ଧାନ ସହ ବିଭିନ୍ନ ଘରୋଇ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପାଣି ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥିଲେ।

ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ ମଧ୍ୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଥିଲେ। ଗ୍ରାମବାସୀମାନେ ପ୍ରଶାସନକୁ ଶୀଘ୍ର କ୍ଷୟକ୍ଷତିର ସଠିକ୍ ସର୍ଭେ କରି ପ୍ରଭାବିତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି ଯେ, ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି।

## ଭଦ୍ରକରେ ପ୍ରବଳ ବର୍ଷା: ଧାମନଗରରେ ସର୍ବାଧିକ ୧୫୫ ମି.ମି.

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ଧାମନଗର ବ୍ଲକରେ ୧୫୫ ମି.ମି. ରେକର୍ଡ ହୋଇଥିବା ବେଳେ ଭଦ୍ରକରେ ୧୪୮ ମି.ମି., ତିହିଡ଼ିରେ ୧୧୩ ମି.ମି., ଭଣ୍ଡାରିପୋଖରୀରେ ୧୦୮ ମି.ମି., ବନ୍ତରେ ୧୦୫ ମି.ମି., ଚାନ୍ଦବାଲିରେ ୬୨.୪ ମି.ମି. ଏବଂ ବାସୁଦେବପୁରରେ ୪୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ତିହିଡିର ଲୋକମାନେ ପାଣି ଘେରରେ ରହିଥିବା ଜଣାପଡିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବା ସହ ଅନାବଶ୍ୟକ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସମସ୍ତ ବିଭାଗକୁ ସମ୍ଭାବ୍ୟ ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଗାଣ ବର୍ଷାରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

## ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ,(ନି.ପ୍ର): ବୌଦ୍ଧ ଜିଲ୍ଲାର ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡ଼ା ପଞ୍ଚାୟତ ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମିନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଏବଂ ୪ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। କିଛି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସାଧାରଣ ଜନତାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ସମୟବଦ୍ଧ ଭାବେ ସମାଧାନ କରିବାକୁ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଣ୍ଡାପଡ଼ା ଗ୍ରାମର ଯୁବକମାନେ ଗ୍ରାମର ଖେଳପଡ଼ିଆର ଉନ୍ନତିକରଣ ସହ ଖେଳପଡ଼ିଆ ମଧ୍ୟ ଦେଇ ଯାଇଥିବା ବିଦ୍ୟୁତ୍ ଖୁଣ୍ଟକୁ ଅପସାରଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଦହ୍ୟା ଗ୍ରାମର ମହିଳାମାନେ ଗ୍ରାମରେ ଚାଲୁଥିବା ବେଆଇନ କୁଚିଆ ମଦ ବିକ୍ରୟକୁ ତୁରନ୍ତ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ଉଭୟ ଅଭିଯୋଗ ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୌଦ୍ଧ ବ୍ଲକ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ, ରଶ୍ମିରେଖା ନାୟକ,ଅତିରିକ୍ତ ତହସିଲଦାର ରଜାକ ରସୁଲଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ହମ୍ପସ ନିର୍ମାଣ ଦାବି

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ରାସ୍ତା ପାଇକରାପୁର ଠାରୁ ପାରିକୁଦ ଗଡ଼କୁ ସଂଯୋଗ କରୁଛି । ୨୩ କିଲୋମିଟର ବିଶିଷ୍ଟ ରାସ୍ତା କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକ ସହ ସଂଲଗ୍ନ ହୋଇ ରହିଛି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ରାସ୍ତା ପାର ହେବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରୀ ନିୟମ ଅନୁସାରେ ସ୍କୁଲ, କଲେଜ ଏବଂ ଡାକ୍ତରଖାନା ନିକଟରେ ହମ୍ପସ ନିର୍ମାଣ କରାଯିବା କଥା । ମାତ୍ର ଏଠାରେ ହମ୍ପସ ନ ଥିବାରୁ ଦୁଇ ଚକିଆ ଓ ଚାରି ଚକିଆ ଯାନଗୁଡ଼ିକ ଅତ୍ୟନ୍ତ ଦ୍ରୁତ ଗତିରେ ଯାତାୟତ କରୁଛନ୍ତି, ଫଳରେ ଦୁର୍ଘଟଣାର ଭୟ ସଦାବେଳେ ରହୁଛି । ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅତିକମରେ ୨ଟି ହମ୍ପସ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ନିକଟରେ ଦାବି କରିଛନ୍ତି । ଏହାସହ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଧାୟିକା ଉପାସନା ମହାପାତ୍ର ଏବଂ ପୂର୍ତ୍ତ ବିଭାଗ ଏହାକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ୟଙ୍ଗ ପାୱାର ଇଲକ୍ଟ୍ରୋନିକ୍ସ ଇଞ୍ଜିନିୟର ଆୱାର୍ଡ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରାର ବିଶିଷ୍ଟ ଯୁବ ବୈଜ୍ଞାନିକ ପ୍ରଫେସର ଡ.ଶୁଭମ ସାହୁ ପାୱାର ଇଲକ୍ଟ୍ରୋନିକ୍ସ ଉପାଦାନର ସୁରକ୍ଷିତ ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ପାଇଁ ୨୦୨୬ର ପ୍ରତିଷ୍ଠିତ ରିଚାର୍ଡ ଏମ.ବାସ ଆଉଟଷ୍ଟାଣ୍ଡିଂ ୟଙ୍ଗ ପାୱାର ଇଲକ୍ଟ୍ରୋନିକ୍ସ ଇଞ୍ଜିନିୟର ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ଏହି ସମ୍ମାନ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଯୁବ ବୈଜ୍ଞାନିକ। ଯୁକ୍ତରାଷ୍ଟ୍ର ଆମେରିକାର ଜର୍ଜିଆ ଇନଷ୍ଟିଟ୍ୟୁଟ ଅଫ ଟେକ୍ନୋଲୋଜିର ପ୍ରଖ୍ୟାତ ବୈଜ୍ଞାନିକ ରିଚାର୍ଡ ଏମ.ବାସଙ୍କ ସ୍ମୃତିରେ ୧୯୯୯ ମସିହାରୁ ପ୍ରତିବର୍ଷ ୩୫ ବର୍ଷରୁ କମ ବୟସର ଗବେଷକଙ୍କୁ ପାୱାର ଇଲକ୍ଟ୍ରୋନିକ୍ସ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ଏହି ଆନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଆସୁଛି। ବର୍ତ୍ତମାନ ଡ.ଶୁଭମ ସାହୁ ଡେନମାର୍କର ଆଲବର୍ଗ ବିଶ୍ୱବିଦ୍ୟାଳୟର ଏନର୍ଜି ବିଭାଗରେ ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ।



# ବେଆଇନ ନିଶା ଇଞ୍ଜେକ୍ସନ କାରବାରରେ ସଂପୃକ୍ତ ୨ ଗିରଫ


ଦାମନଯୋଡି,(ନିପ୍ର): ଦାମନଯୋଡିରେ ବେଆଇନ ନିଶା ଇଞ୍ଜେକ୍ସନ କାରବାରରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଧରି ଦାମନଯୋଡି ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଖବରରୁ ଜଣାପଡ଼ିଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଦାମନଯୋଡି ଥାନାର ସବ ଇନ୍ସପେକ୍ଟର ସୁପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଦଳ ଅଁଳାବାଡ଼ି କଲୋନୀ ନିକଟ ମଶାଣି ଅଞ୍ଚଳରେ ଚଢ଼ାଉ କରି ଦୁଇଜଣ ପେଣ୍ଟାଜୋସିନ ଲାକ୍ଟେଟ୍ ଆଇ ପି ଇଞ୍ଜେକସନ ବିକ୍ରି କରୁଥିବା ସମୟରେ ଗିରଫ କରିଥିଲେ । ଅଭିଯୁକ୍ତମାନେ ହେଲେ ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ମାଳି ସାହିର ବିଷ୍ଣୁ ମାଳି (୨୩), ପି - ଘନ ମାଳି ଓ ସୁନାବେଡା ଥାନା ଅନ୍ତର୍ଗତ ଭେଜାପୁଟ ସତସଙ୍ଗ କଲୋନୀ ର ସଞ୍ଜୟ ଜେନା (୩୫),




ପି - ସ୍ୱର୍ଗତ ପ୍ରମୋଦ କୁମାର ଜେନା । ସୂଚନା ଥାଉ କି, ଏନ୍ ଡି ପି ଏସ ଆଇନ ପାଳନ କରି ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ଡ୍ରଗ୍ସ ନିରୀକ୍ଷକ ଏବଂ ସ୍ୱାଧୀନ ସାକ୍ଷ୍ୟଙ୍କ ଉପସ୍ଥିତିରେ ତଲାସୀ କରାଯାଇଥିଲା । ତଲାସୀରୁ ମୋଟ ୩୨ଟି ପେଣ୍ଟାଜୋସିନ ଇଞ୍ଜେକସନ ସାମ୍ପୁଲ, ଦୁଇଟି ମୋବାଇଲ ଫୋନ, ନଗଦ ୧୭୩୦ ଟଙ୍କା ଜବତ କରାଯାଇଥିଲା । ଡ୍ରଗ୍ସ ନିରୀକ୍ଷକ ପ୍ରମାଣିତ କରିଛନ୍ତି ଯେ, ଇଞ୍ଜେକସନ ଗୁଡ଼ିକ ସିଡ୍ୟୁଲ ଏଚ -୧ ପ୍ରତିବନ୍ଧିତ ଔଷଧ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କ ପାଖରେ ଏଗୁଡ଼ିକୁ ରଖିବା କିମ୍ବା ବିକ୍ରି କରିବା ପାଇଁ କୌଣସି ବୈଧ ସ୍ୱୀକୃତିପତ୍ର ନାହିଁ । ଏହାକୁ ନେଇ ଦାମନଯୋଡି ଥାନାରେ କେସ ନଂ - ୭୪/୨୦୨୬ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେବା ସହ ଏଥିରେ ଆଉ କାହାର ସମ୍ପୃକ୍ତି ଥିବା ନେଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ।

## ନିଟ୍‌ରେ ସଫଳ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,(ନିପ୍ର): ଭବାନୀପାଟଣା ସ୍ଥିତ ହାଇଟେକ ପବ୍ଲିକ ସ୍କୁଲ ଛାତ୍ରୀ ସୁଶ୍ରୀ ମୋକ୍ଷାଦ୍ରୀ ଶୁଭଦର୍ଶିନୀ ସର୍ବ ଭାରତୀୟ ସ୍ତରର ମେଡିକାଲ ପ୍ରବେଶିକା ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ୫୮୨ ରେଙ୍କ ରଖି ତାଙ୍କ ପିତା ମାତା ମଧୁସୁଦନ ପ୍ରଧାନ ଓ ସ୍ୱପ୍ନା ପ୍ରଧାନଙ୍କ ସହ କଳାହାଣ୍ଡି ଜିଲ୍ଲାର ଗୌରବ ଆଣି ଦେଇଛନ୍ତି। ଏଣୁ କଳାହାଣ୍ଡି ଜିଲ୍ଲା କୁର୍ମୀ କ୍ଷତ୍ରୀୟ ଅଞ୍ଚଳ ସଂସ୍ଥା ପକ୍ଷରୁ ଭବାନୀପାଟଣା ସହର ଉପକଣ୍ଠ ସ୍ଥିତ ଚକ୍ରଧର ନଗର ଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସଭାପତି ଅଶ୍ୱିନୀ ପ୍ରଧାନ ଅଧକ୍ଷତା କରିଥିଲେ. ସଂସ୍ଥା ର କୁଳାଧିକାରୀ ମହେଶ୍ୱର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇନଜୀବୀ ସିଦ୍ଧାର୍ଥ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଏହା ପରେ ତାଙ୍କ ଦୁଇ ଜେଜେ ତ୍ରିଲୋଚନ ପ୍ରଧାନ (୯୪) ଓ କୃଷ୍ଣ ଚନ୍ଦ୍ର ପ୍ରଧାନ (୮୪) ଙ୍କୁ ବରିଷ୍ଠ ନାଗରିକ ଭାବେ ସମ୍ମାନୀତ କରାଯାଇଥିଲା।



## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

ବଣାଇ,(ନିପ୍ର): ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହ ଠାରେ ଆଜି ସୁନ୍ଦରଗଡ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିଛନ୍ତି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୬୨ ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୩୮ ଟି ଅଭିଯୋଗ ଆସିଥିବା ବେଳେ ସାମୂହିକ ଭାବେ ୧୬ ଟି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମିବାଡି, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପ୍ରଭୃତି ରହିଥିବା ବେଳେ ଦଳଗତ ମଧ୍ୟରେ ରାସ୍ତା, ପାଣି ସମସ୍ୟାର ଅଭିଯୋଗ ମାନ ଆସିଥିଲା । ପ୍ରତ୍ୟକ୍ଷରେ ୮ଜଣଙ୍କ ଅଭିଯୋଗର ବିଚାର କରି ଶୁଣାଣି କରିଥିଲେ । ଏହିକାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ,ରାଉରକେଲା ଏସ୍. ପି ନୀତିସ୍ ୱାଧ୍ୱାଣୀ, ବଣାଇ ଉପଜିଲ୍ଲାପାଳ ଅଶୋକ କୁମାର ଦାସ,ବଣାଇ ଡି. ଏଫ୍. ଓ ଯଶବନ୍ତ ସେଠୀ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ବଣାଇ ବି ଡ଼ି ଓ ଦିବ୍ୟ ଶଙ୍କର ଜୟପୁରୀଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ,କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ପ୍ରବଳ ବର୍ଷାରେ ବୁଡ଼ିଲା ରାଉରକେଲା ଟିସିଆଇର ତଳିଆ ଅଞ୍ଚଳ

ରାଉରକେଲା,(ନିପ୍ର): ଗତ ରାତିରେ ରାଉରକେଲା ସହରର ପ୍ରବଳ ବର୍ଷା ଯୋଗୁଁ ବେଦବ୍ୟାସ ଟିସିଆଇ ରୋଡର ଓଭର ବ୍ରିଜ୍ ତଳ ଅଞ୍ଚଳ ରାସ୍ତାଟି ବର୍ଷା ପାଣିରେ ବୁଡ଼ି ଯାଇଛି। ଫଳରେ ରାସ୍ତାର ତଳ ଅଂଶ ସମ୍ପୂର୍ଣ୍ଣ ବର୍ଷା ପାଣିରେ ପୂର୍ଣ୍ଣ ହୋଇଯାଇଥିଲା। ବର୍ଷା ପାଣି ନିଷ୍କାସନ ନ ହେବା ଯୋଗୁଁ ରାସ୍ତାଟି ମଇଳା ପାଣିରେ ପୂର୍ଣ୍ଣ ହୋଇଯାଇଥିଲା ଏବଂ ଗାଡ଼ି ଚାଳକଙ୍କ ସମେତ ଗାଡ଼ି ଚାଳକମାନଙ୍କୁ ସେହି ରାସ୍ତା ଦେଇ ଯାତାୟାତ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷକରି ଏହି ରାସ୍ତା ଦେଇ ଯାଉଥିବା କଲୁଙ୍ଗା ସମେତ ଆଇଡିସି ଶିଳ୍ପାଞ୍ଚଳ, ଫାର୍ସାଟୋଲା ଏବଂ ଝାଡ଼ତରଙ୍ଗ ଅଞ୍ଚଳକୁ ଯାଉଥିବା ଲୋକମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ ଏବଂ ଛୋଟ ପିଲାମାନେ ସେହି ରାସ୍ତା ଦେଇ ଯାତାୟାତ କରିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ।




ଏ ଦିଗରେ ରାଉରକେଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପାଣି କିପରି ନିଷ୍କାସନ କରାଯିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇନଥିଲା। ଏସବୁ ଅଞ୍ଚଳରେ ଡ୍ରେନେଜ୍ ସିଷ୍ଟମ୍ ଅତି ଖରାପ ହୋଇଥିବା ଦୃଷ୍ଟିରୁ ବର୍ଷା ପାଣି ଜମି ରହୁଛି। ତେଣୁ ବଡ଼ ଡ୍ରେନ୍ ତିଆରି କରି ଡ୍ରେନେଜ୍ ବ୍ୟବସ୍ଥାକୁ ସଠିକ ଭାବରେ ପରିଚାଳନା କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ପାଣି ନିଷ୍କାସନ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି। ଏହି ଅଞ୍ଚଳରେ ଏକ ବଡ଼ ଇଂରାଜୀ ମାଧ୍ୟମ ସ୍କୁଲ ସହିତ ଶିଳ୍ପାଞ୍ଚଳ ରହିଛି। ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଲୋକମାନେ ଯାତାୟାତ କରନ୍ତି।

ସେହିପରି ସୋମବାର ରାତିରେ ଲଗାତାର ବର୍ଷା ଯୋଗୁଁ, ରାଉରକେଲା ସହରର ଇସ୍ପାତ ସହରାଞ୍ଚଳରେ ଥିବା କେତେକ ବସ୍ତି ଅଞ୍ଚଳରେ ଘରେ ପାଣି ପ୍ରବେଶ କରିଥିବା ସୂଚନା ମିଳିଛି। ବହୁ ସ୍ଥାନରେ ଡ୍ରେନ୍ ପାଣି ବସ୍ତିରେ ଥିବା ଘର ଭିତରକୁ ପ୍ରବେଶ କରିଥିବା ସୂଚନା ଆସିଛି। ରାଉରକେଲା ମହାନଗର ନିଗମର ସଫେଇ ଠିକାଦାରମାନେ ଡ୍ରେନେଜ୍ ସିଷ୍ଟମ୍ ସମେତ ଡ୍ରେନ୍ ସଫା କରିବା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଦାବି କରାଯାଇଛି।

ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲା, ଝାରସୁଗୁଡ଼ା, ସମ୍ବଲପୁର ଏବଂ ବରଗଡ ଜିଲ୍ଲାରେ ପ୍ରବଳ ବର୍ଷା ସହିତ ବିଜୁଳି ଘଡଘଡି ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବିଶେଷ ସତର୍କ ସୂଚନା ବା ରେଡ୍ ଆଲର୍ଟ ଜାରି କରାଯାଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର, ଧର୍ମଗଡ଼ ମେଡିକାଲରେ ଭର୍ତ୍ତି

ଧର୍ମଗଡ଼(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଧଅଁରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧଅଁରପୁର ଗ୍ରାମରେ ଜଣେ ଚାଷୀ ଜଙ୍ଗଲି ଭାଲୁର ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସକାଳ ସମୟରେ ନିଜ ମକା ଚାଷ ବିଲକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି। ଆହତ ଚାଷୀ ହେଲେ ଧଅଁରପୁର ଗ୍ରାମର ରାମୁ ଅଣ୍ଟି। ସୂଚନା ଅନୁଯାୟୀ, ରାମୁ ପ୍ରତିଦିନ ଭଳି ନିଜ ମକା ଚାଷ ବିଲକୁ ଫସଲ ଦେଖିବା ପାଇଁ ଯାଇଥିଲେ। ସେହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଜଙ୍ଗଲି ଭାଲୁ ହଠାତ୍ ଆସି ତାଙ୍କ ଉପରେ ଆକ୍ରମଣ କରିଥିଲା। ଭାଲୁର ଆକ୍ରମଣରେ ରାମୁଙ୍କ ମୁଣ୍ଡ, ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ରାମୁଙ୍କ ଚିତ୍କାର ଶୁଣି ନିକଟସ୍ଥ ବିଲରେ କାମ କରୁଥିବା ଚାଷୀ ଓ ଗ୍ରାମବାସୀମାନେ ତୁରନ୍ତ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେମାନେ ପାଟିତୁଣ୍ଡ ଓ ଶବ୍ଦ କରି ଭାଲୁକୁ ଘଉଡ଼ାଇ ରାମୁଙ୍କୁ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତ ରାମୁଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଏହି ଘଟଣା ପରେ ଧଅଁରପୁର ଓ ଆଖପାଖ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ଚାଷ କାମ ପାଇଁ ସକାଳ ଓ ସନ୍ଧ୍ୟା ସମୟରେ ବିଲକୁ ଯାଉଥିବା ଚାଷୀମାନେ ଜଙ୍ଗଲି ଭାଲୁର ଭୟରେ ଆତଙ୍କିତ ହୋଇପଡ଼ିଛନ୍ତି। ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେଇ ଜଙ୍ଗଲି ପ୍ରାଣୀଙ୍କ ଆତଙ୍କ ଦୂର କରିବା ସହ ଆହତ ଚାଷୀଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ରେଳ ଟ୍ରାକ୍‌ରେ ପାଣି, ଦୁଇ ଘଣ୍ଟା ଅଟକ ଡିଏମ୍ୟୁ


ରାୟଗଡ଼ା,(ନି:ପ୍ର): ଟିକିରି -ରାଉଳି ମଧ୍ୟରେ ରେଳ ଟ୍ରାକ୍ରେରେ ପାଣି, କାଶିପୁର ଠାରେ ଦୁଇ ଘଣ୍ଟା ଧରି ଡିଏମ୍ୟୁ ଅଟକ ରହିଥିଲା। ଫଳରେ କୋରାପୁଟ ରାୟଗଡ଼ା ମଧ୍ୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗତକାଲି ରାତିରେ ପ୍ରବଳ ବର୍ଷା ଯୋଗୁଁ ରେଳଟ୍ରାକରେ ଦୀର୍ଘ ସମୟ ଧରି ପାଣି ଜମି ରହିଥିବାରୁ ଦୀର୍ଘ ସମୟ ଧରି ଟ୍ରେନ୍ ଚଳା ଚଳ ବ୍ୟାହତ ହୋଇଥିଲା। ଡିଏମ୍ୟୁ କାଶିପୁର ଠାରେ ଦୁଇଘଣ୍ଟ ଧରି ଅଟକ ରହିଥିବା ବେଳେ ଯାତ୍ରୀ ହଇରାଣ ହୋଇଥିଲେ। ତାପରେ ବର୍ଷା ହେଲେ କେଉଟଗୁଡା ଭାଲୁମାସ୍କା ଠାରେ ପାହାଡରୁ ପଥର ଖସିବା ସମ୍ଭାବନା ଅଧିକ ରହୁଥିବାରୁ, ପରିସ୍ଥିତି ଯାଞ୍ଚ୍ କରି ଟ୍ରେନ୍ ଗୁଡିକୁ ପାଇଲଟିଂ କରି ନିଆଯିବ ବୋଲି ସୂତ୍ରରୁ ଜଣା ପଡିଛି।

## ପ୍ରଧାନମନ୍ତ୍ରୀଙ୍କ ସହ ଭଦ୍ରକର ୧୦ ଯୁବକଙ୍କ ଭର୍ଚୁଆଲ୍ ଆଲୋଚନା

ଭଦ୍ରକ,(ନିପ୍ର): ବିକଶିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମ-୨୦୨୬ ଅଧୀନରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦୦ରୁ ଅଧିକ ଯୁବକଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ପ୍ରେରଣାଦାୟକ ଆଲୋଚନା କରିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର 'ମୋ ଭାରତ' ପ୍ଲାଟଫର୍ମ, ଭାରତ-ତିବ୍ବତୀୟ ସୀମା ପୋଲିସ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ପ୍ରାୟ ୪୦୦ ଯୁବକ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲାର ୧୦ ଜଣ ଯୁବ ଅଂଶଗ୍ରହଣକାରୀ ଭଦ୍ରକ କଲେକ୍ଟରଙ୍କ କାର୍ଯ୍ୟାଳୟ ଭିଡିଓ କନଫରେନ୍ସ ହଲ୍ ରୁ ଏହି ଜାତୀୟ ସ୍ତରୀୟ ଭର୍ଚୁଆଲ୍ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିକଶିତ ଭାରତର ସଂକଳ୍ପକୁ ଆଗକୁ ନେବା ଏବଂ ସୀମାନ୍ତ ଗ୍ରାମଗୁଡ଼ିକୁ 'ଦେଶର ପ୍ରଥମ ଗ୍ରାମ' ଭାବେ ଗଢି ତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରଚାର କରିବା। ବିକଶିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମ' ତା: ୩ ଜୁନ୍ ରୁ ୩୦ ଜୁନ୍ ୨୦୨୬ ରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଦେଶର ୨୪୫ ଜିଲ୍ଲାରୁ ମନୋନୀତ ୪୦୩ ଜଣ ଯୁବକ ଲଦାଖ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ୭୪ଟି ସ୍ପନ୍ଦନଶୀଳ ସୀମାନ୍ତ ଗ୍ରାମ ପରିଦର୍ଶନ କରିଥିଲେ।

# ସରକାରୀ ମଦ ଦୋକାନ ଖୋଲାଯିବାକୁ ନେଇ ତୀବ୍ର ଅସନ୍ତୋଷ, ଆନ୍ଦୋଳନ ପାଇଁ ସଜବାଜ

ଧାମନଗର,(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଞ୍ଚାୟତର ଟେକି ଗଡ଼ିଆ ଠାରେ ଜନସାଧାରଣଙ୍କ ଦୃଢ଼ ବିରୋଧକୁ ଭୂକ୍ଷେପ ନକରି, ପ୍ରଶାସନ ଓ ପୋଲିସର ପ୍ରତ୍ୟକ୍ଷ ଉପସ୍ଥିତିରେ ଏକ ନୂତନ ସରକାରୀ ମଦ ଦୋକାନ ଖୋଲାଯାଇଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବାବେଳେ ସ୍ଥାନୀୟ ଜନସାଧାରଣ, ମହିଳା, ଯୁବସମାଜ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶାସନ ବିରୋଧରେ ପ୍ରବଳ କ୍ଷୋଭ ପ୍ରକାଶ ପାଇଛି। ପୂର୍ବରୁ ଏହି ମଦ ଦୋକାନଟି ଧୁଷୁରୀ-ହସନାବାଦ ରାସ୍ତାରେ ଅବସ୍ଥିତ ଥିଲା, ଯାହାକୁ ସ୍ଥାନୀୟ ଲୋକଙ୍କ ଦୃଢ଼ ବିରୋଧ ଯୋଗୁଁ ସେଠାରୁ ହଟାଯାଇଥିଲା। ଏହାପରେ ଏହାକୁ ନଦୀଗାଁ ଟେକିଗଡ଼ିଆ କୁ ସ୍ଥାନାନ୍ତର କରାଯାଇଥିଲା।ଏହି ସ୍ଥାନରେ ମଦ ଦୋକାନ ନ ଖୋଲିବା ପାଇଁ ଅଞ୍ଚଳବାସୀ ଗତ ମାସାଧିକ କାଳରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିଲେ। ଏପରିକି ଏନେଇ ଧୁଷୁରୀ ଥାନା ଘେରାଉ କରାଯିବା ସହ ଭଦ୍ରକ ଜିଲ୍ଲାପାଳ, ଏସ.ପି., ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନଦୀଗାଁ ଓ ଭଟସାହି ପଞ୍ଚାୟତର ଜନସାଧାରଣ ଲିଖିତ ଭାବେ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ ସେଠାରେ ମଦ ଦୋକାନ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। କିନ୍ତୁ ସମସ୍ତ ପ୍ରତିଶ୍ରୁତିକୁ ଜଳାଞ୍ଜଳି ଦେଇ ଗତ ଦୁଇ ଦିନ ହେବ ରାତିରେ କିମ୍ବା ଗୁପ୍ତରେ ନୁହେଁ, ବରଂ ପୋଲିସ ଉପସ୍ଥିତିରେ ଦୋକାନ ଆଗରେ ଏକ ନୀଳ ପାଲ ଟାଙ୍ଗି ବଳପୂର୍ବକ ଏହାକୁ ଖୋଲାଯାଇଛି ।



ସବୁଠାରୁ ଦୁଃଖର ବିଷୟ ଯେ, ଯେଉଁ ସ୍ଥାନରେ ଏହି ମଦଦୋକାନ ଖୋଲାଯାଇଛି, ତାହା ନଦୀଗାଁ-ଧୁଷୁରୀ ମୁଖ୍ୟ ରାସ୍ତା କଡ଼ରେ ଅଛି। ଏହି ରାସ୍ତା ଦେଇ ଦୈନନ୍ଦିନ ଅଞ୍ଚଳର ଶହ ଶହ କୁନି କୁନି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କରିଥାଆନ୍ତି। ଏହା ସହିତ ନିକଟରେ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଏବଂ ମନ୍ଦିର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ ରହିଛି। ଏଭଳି ଏକ ଶିକ୍ଷାମୂଳକ ପରିବେଶ ମଧ୍ୟରେ ମଦ ଦୋକାନ ଚାଲୁ ରହିବା ପିଲାମାନଙ୍କ ଭବିଷ୍ୟତ ଏବଂ ସାମାଜିକ ଶାନ୍ତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି। ପ୍ରଶାସନର ଏଭଳି ଏକଚାଟିଆ ଓ ଜନମତ ବିରୋଧୀ ନିଷ୍ପତ୍ତି ପରେ ଅଞ୍ଚଳର ମହିଳା ଓ ଯୁବକମାନେ ଏକଜୁଟ୍ ହୋଇ ଗୁପ୍ତ ବୈଠକମାନ ଆରମ୍ଭ କରିଛନ୍ତି। ପ୍ରଶାସନର ଏପରି ଜନବିରୋଧୀ କାର୍ଯ୍ୟ ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ଏହା ଏକ ବିରାଟ ଜନଆନ୍ଦୋଳନର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

**AFFIDAVIT**

By virtue of an affidavit sworn before The Executive Magistrate, Champua affidavit no.2201 dtd.08.07.2026, I Rudransh Das S/o-Sumanta Narayan Das At/Po/Ps-Champua, Dist-Keonjhar, Odisha-758041 do hereby declare that I have changed my name from Rudrangsh Das to Rudransh Das. Henceforth I shall be known as Rudransh Das for all purposes.

**Sd/-Rudransh Das**

# ଡିକେ ଶିବକୁମାର ସବୁଠୁ ଧନୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୨୮।୭: ଦେଶର ବର୍ତ୍ତମାନର ୩୧ ଜଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତିକୁ ନେଇ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର)ପକ୍ଷରୁ ପ୍ରକାଶିତ ସର୍ବଶେଷ ବିଶ୍ଳେଷଣରେ ୪ ଜଣ ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ଏହି ତାଲିକାର ଶୀର୍ଷରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ରହିଛନ୍ତି। ତାଙ୍କର ମୋଟ ଘୋଷିତ ସମ୍ପତ୍ତି ୧,୪୧୩ କୋଟି ଟଙ୍କା। ଏହି ତାଲିକା ନିର୍ବାଚନ ସତ୍ୟପାଠରେ ଦର୍ଶାଯାଇଥିବା ସମ୍ପତ୍ତି ଆଧାରରେ ପ୍ରସ୍ତୁତ କରାଯାଇଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ରହିଛନ୍ତି। ତାଙ୍କର ଘୋଷିତ ସମ୍ପତ୍ତି ୯୩୧ କୋଟି ଟଙ୍କା। ତୃତୀୟ ସ୍ଥାନରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ତଥା ଅଭିନେତା ସି ଜୋସେଫ୍ ବିଜୟ (ବିଜୟ ଥାଲାପତି) ଅଛନ୍ତି। ତାଙ୍କ ଘୋଷିତ ସମ୍ପତ୍ତି ପ୍ରାୟ ୬୪୮ କୋଟି ଟଙ୍କା। ଚତୁର୍ଥ ସ୍ଥାନରେ ଅଛନ୍ତି ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଯାହାଙ୍କ ଘୋଷିତ ସମ୍ପତ୍ତିର ମୂଲ୍ୟ ୩୩୨ କୋଟି ଟଙ୍କା। ଏଡିଆର ବିଶ୍ଳେଷଣ ଅନୁସାରେ, ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ହାରାହାରି ଘୋଷିତ ସମ୍ପତ୍ତି ୧୧୮.୦୭ କୋଟି ଟଙ୍କା। ଏଥିରୁ ୪ ଜଣଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ଥିବାବେଳେ ଅନ୍ୟମାନଙ୍କ ସମ୍ପତ୍ତି ଏହାଠାରୁ କମ୍। ରିପୋର୍ଟରେ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ପତ୍ତି ସହ ଆପରାଧିକ ମାମଲା ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟ ମଧ୍ୟ ସାମିଲ କରାଯାଇଛି।

## ରିଜର୍ଭ ବ୍ୟାଙ୍କ ପରେ କୋର୍ଟରୁ ଝଟକା ପେଟିଏମ୍ ବ୍ୟାଙ୍କ ବନ୍ଦ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୭: ଭାରତୀୟ ରିଜର୍ଭ ବ୍ୟାଙ୍କ ସୂଚନା ଦେଇଛି ଯେ, ଦିଲ୍ଲୀ ହାଇକୋର୍ଟ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଲିମିଟେଡକୁ ବନ୍ଦ କରିବାକୁ ଆଦେଶ ଦେଇଛନ୍ତି। ଆରବିଆଇ ପକ୍ଷରୁ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ବାତିଲ କରାଯିବାର କିଛି ମାସ ପରେ ଏହି ନିଷ୍ପତ୍ତି ଆସିଛି। ଆରବିଆଇ ଏପ୍ରିଲ ୨୦୨୬ରେ ନିୟମର ଲଗାତାର ଉଲ୍ଲଂଘନ ଅଭିଯୋଗରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ବାତିଲ କରିଥିଲା। ସେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା ଯେ, ବ୍ୟାଙ୍କର ପରିଚାଳନା ଜମାକାରୀଙ୍କ ସ୍ୱାର୍ଥ ପାଇଁ କ୍ଷତିକାରକ ଭାବରେ କରାଯାଉଥିଲା। ଏହାପରେ ଆରବିଆଇ ଦିଲ୍ଲୀ ହାଇକୋର୍ଟରେ ବ୍ୟାଙ୍କକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିଥିଲା। ଆରବିଆଇ ମଙ୍ଗଳବାର ଜାରି କରିଥିବା ବିଜ୍ଞପ୍ତିରେ କହିଛି ଯେ, ୮ ଜୁଲାଇ ୨୦୨୬ ଓ ୨୨ ଜୁଲାଇ ୨୦୨୬ର ଆଦେଶ ଅନୁଯାୟୀ ଦିଲ୍ଲୀ ହାଇକୋର୍ଟ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ, ୧୯୪୯ ଏବଂ କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁସାରେ ପେଟିଏମ ପେମେଣ୍ଟ ବ୍ୟାଙ୍କ ଲିମିଟେଡକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ଚିଫ୍ ଜେନେରାଲ ମ୍ୟାନେଜର ଗିରିକୁମାର ଏମ୍. ନାୟରଙ୍କୁ ପେଟିଏମ ପେମେଣ୍ଟ ବ୍ୟାଙ୍କର ଅଫିସିଆଲ ଲିକ୍ୱିଡେଟର ଭାବେ ନିଯୁକ୍ତ କରିଛନ୍ତି। ଆରବିଆଇ କହିଛି, କୋର୍ଟ ଅଫିସିଆଲ ଲିକ୍ୱିଡେଟରଙ୍କୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ, ୧୯୪୯ ଏବଂ କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁଯାୟୀ ସମସ୍ତ କ୍ଷମତା ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ୮ ଜୁଲାଇ ୨୦୨୬ଠାରୁ ଅଫିସିଆଲ ଲିକ୍ୱିଡେଟର ପେଟିଏମ ପେମେଣ୍ଟ ବ୍ୟାଙ୍କର ବୋର୍ଡର ସମସ୍ତ କ୍ଷମତା ବ୍ୟବହାର କରୁଛନ୍ତି।

## ପ୍ରବଳ ବର୍ଷାରେ ଭୁଶୁଡ଼ିଲା ନୋଏଡା ମେଟ୍ରୋ ଡିଭାଇଡର: ଜଣେ ଆହତ

ନୂଆଦିଲ୍ଲୀ,୨୮।୭: ଲଗାଣ ବର୍ଷାରେ ବେହାଲ ଦିଲ୍ଲୀ-ଏନସିଆର । ପ୍ରବଳ ବର୍ଷା ଯୋଗୁଁ ନୋଏଡା ସେକ୍ଟର-୧୬ ମେଟ୍ରୋ ଷ୍ଟେସନ ନିକଟରେ ଘଟିଛି ବଡ଼ ଅଘଟଣ । ହଠାତ୍ ପ୍ରାୟ ୫୦ ମିଟର ଲମ୍ବର ରୋଡ୍ ଡିଭାଇଡର ଭୁଶୁଡ଼ି ପଡ଼ିଥିବା ବେଳେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଘଟଣା ପରେ ସେଠାରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା । ଉତ୍ତର ପ୍ରଦେଶର ନୋଏଡା ସେକ୍ଟର-୧୬ ମେଟ୍ରୋ ଷ୍ଟେସନ ତଳେ ଥିବା ରାସ୍ତାର ଡିଭାଇଡର ହଠାତ୍ ଭୁଶୁଡ଼ି ପଡ଼ିଛି। ଲଗାତାର ପ୍ରବଳ ବର୍ଷା ପରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଡିଭାଇଡରର ପ୍ରାୟ ୫୦ ମିଟର ଅଂଶ ଏକାସାଙ୍ଗରେ ଭାଙ୍ଗି ପଡ଼ିବାରୁ ରାସ୍ତାରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା । ଘଟଣା ବେଳେ ସେହି ରାସ୍ତାରେ ଲୋକଙ୍କ ଯାତାୟାତ ଚାଲିଥିବାରୁ ଏକ ବଡ଼ ଦୁର୍ଘଟଣାର ଆଶଙ୍କା ସୃଷ୍ଟି ହୋଇଥିଲା । ଡିଭାଇଡର ଭୁଶୁଡ଼ି ପଡ଼ିବା ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି । ଖବର ପାଇବା ପରେ ପୁଲିସ, ନୋଏଡା ଅଥରିଟି ଓ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ । ସୁରକ୍ଷା ଦୃଷ୍ଟିରୁ ସେହି ଅଞ୍ଚଳକୁ ବ୍ୟାରିକେଡ୍ କରାଯିବା ସହ ଭାଙ୍ଗି ପଡ଼ିଥିବା ଡିଭାଇଡର ହଟାଇବା କାମ ଆରମ୍ଭ କରାଯାଇଛି । ଏପଟେ ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀ-ଏନସିଆରର ଅନେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ପ୍ରମୁଖ ରାସ୍ତାରେ ପାଣି ଜମିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଭାରତୀୟ ପାଣିପାଗ ବିଭାଗ ଆଗାମୀ କିଛି ଘଣ୍ଟା ମଧ୍ୟରେ ଆହୁରି ପ୍ରବଳ ବର୍ଷାର ସତର୍କତା ଜାରି କରିଛି ।

## ସଂସଦରେ ବିଜେପିକୁ କଡ଼ା ସମାଲୋଚନା କଲେ ଅଖିଳେଶ

ନୂଆଦିଲ୍ଲୀ,୨୮।୭: ସଂସଦରେ ଆଜି ପେପର ଲିକ୍ ନିରୋଧୀ ଆଇନକୁ ନେଇ ଜୋରଦାର ଆଲୋଚନା ଚାଲିଛି । ସରକାର ବିରୋଧୀଙ୍କ ସ୍ୱରକୁ ଚାପି ଦେବାକୁ ଚେଷ୍ଟା କରୁଥିବା ବେଳେ ବିରୋଧୀ କିନ୍ତୁ ଫୁଲ୍ ଦମରେ ସରକାରଙ୍କୁ ଘେରିଛନ୍ତି । ୧୦ ଘଣ୍ଟା ଧରି ପେପର ଲିକ୍ ନିରୋଧୀ ଆଇନ ଉପରେ ତର୍କ ବିତର୍କ ହେବ । ଏହାରି ଭିତରେ ସରକାରଙ୍କ ଉପରେ ଭାରି ପଡୁଛନ୍ତି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ । କଥା କଥାରେ ସରକାରଙ୍କୁ ପିନ୍ ପଏଣ୍ଟ ସମାଲୋଚନା କରୁଛନ୍ତି । ସେ କଟାକ୍ଷ ଢ଼ଙ୍ଗରେ କହିଛନ୍ତି କି, ଯେଉଁ ସରକାର ହିନ୍ଦୁଙ୍କ ଆସ୍ଥା ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ଦାନ ଚୋରି ରୋକିପାରୁନି, ସେହି ସରକାର ଠାରୁ ପ୍ରଶ୍ନପତ୍ର ଲିକ୍ ବନ୍ଦ କରିବା ଭଳି ଆଶା କରିବା ବୋକାମୀ ହେବ । ସରକାର କେବଳ ଆଜିର ତାତିକୁ ଉପଶମ କରିବାକୁ ଏହି ଆଇନର ଚାଲ୍ କରୁଛନ୍ତି । ସେପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆପାତକାଳ କଥା ଉଠାଇ କଂଗ୍ରେସକୁ ଘେରିବାକୁ ଚେଷ୍ଟା କରୁଥିବା ବେଳେ ଅଖିଳେଶ ଯାଦବ ସିଧା ସିଧା କିରଣ ରିଜିଜୁଙ୍କୁ ଟାର୍ଗେଟ କରି ମୁହଁ ବନ୍ଦ କରିଦେଇଥିଲେ । ସେ କହିଥିଲେ କି, ଇନ୍ଦିରାଙ୍କ ସମୟରେ କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ବିରୋଧୀ ଓ ଦେଶର ନାଗରିକଙ୍କ ଉପରେ ଜୁଲୁମ୍ ହୋଇଥିଲା । ହେଲେ ବିଜେପି ସରକାର ସମୟରେ ଦୀର୍ଘ ୧୨ ବର୍ଷ ହେବ ସରକାର ବିରୋଧୀ ଓ ଦେଶର ନାଗରିକଙ୍କ ଉପରେ ଜୁଲୁମ୍ ଚଳାଇଛନ୍ତି ।

## ଲିକ୍ ହୋଇଗଲା ବ୍ୟାଙ୍କ ଅଫ୍ ବରୋଦାର ଡାଟା

ନୂଆଦିଲ୍ଲୀ,୨୮।୭ : ଏବେ ପୁଣି ଥରେ ଅନ୍ୟ ଏକ ବ୍ୟାଙ୍କ ବ୍ୟାଙ୍କ୍ ଅଫ୍ ବରୋଦାର ଡାଟା ଲିକ୍ ହୋଇଛି । ଯାହାକୁ ନେଇ ଖାତାଧାରକମାନଙ୍କ ଭିତରେ ଚିନ୍ତା ବଢ଼ିଛି । ହେଲେ ଏହାକୁ ନେଇ ବିଶେଷଜ୍ଞ କହିଛନ୍ତି କି, ବ୍ୟାଙ୍କର ଡାଟା ଲିକ୍ ହେବାର ଅର୍ଥ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଯିବା ନୁହଁ । ଯେପର୍ଯ୍ୟନ୍ତ ଆପଣ ନିଜେ ଆପଣଙ୍କର ଗୋପନୀୟ ତଥ୍ୟ ସେୟାର କରିନାହାନ୍ତି, ସେପର୍ଯ୍ୟନ୍ତ ଆପଣଙ୍କ ଟଙ୍କା ସୁରକ୍ଷିତ ଅଛି । ବ୍ୟାଙ୍କ ଅଫ ବରୋଦାର ଡାଟା ଲିକ୍ ହେବାର ଖବର ଆସିବାପରେ ଗ୍ରାହକଙ୍କ ମନରେ ଭୟ ଖେଳିଗଲା । ଗ୍ରାହକମାନେ ବ୍ୟାଙ୍କକୁ ଦୌଡିବାକୁ ଲାଗିଲେ, କାରଣ ସୋସିଆଲ ମିଡିଆରେ ଦାବି କରାଗଲା ଯେ ଗ୍ରାହାକଙ୍କ ଆକାଉଣ୍ଟ ତଥ୍ୟ ଋଣ କାଗଜପତ୍ର ଏବଂ ଆଇଡି ପ୍ରୁଫର ସ୍କ୍ରିନଶଟ୍ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି ।

## କାଶ୍ମୀରରେ ଲ୍ୟାଣ୍ଡମାଇନ ବିସ୍ଫୋରଣ, ୨ ଯବାନ ଆହତ

ଶ୍ରୀନଗର,୨୮।୭: ଜାମ୍ମୁ କାଶ୍ମୀରର ବାରମୂଳା ଜିଲ୍ଲାର ଉରି ସେକ୍ଟର ସ୍ଥିତ କମଲକୋଟ ଅଞ୍ଚଳରେ ଏଲ୍‌ଓସି (ନିୟନ୍ତ୍ରଣ ରେଖା) ନିକଟରେ ଆଜି ଲାଣ୍ଡମାଇନ ବିସ୍ଫୋରଣରେ ୨ ଜଣ ସେନା ଯବାନ ଗୁରୁତର ଆହତ ହୋଇଛନ୍ତି। ଆଗୁଆ ଅଞ୍ଚଳରେ ଆଜି ଅପରେସନ୍ ଜାରି ରହିଥିବାବେଳେ ଏହି ଘଟଣା ଘଟିଛି। ଉକ୍ତ ଘଟଣାପରେ ଆହତ ଯବାନମାନଙ୍କୁ ଶ୍ରୀନଗରର ୯୨ ବେସ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି।

## ଦିଲ୍ଲୀରେ ଲକ୍ଷ୍ମୀ ଯୋଜନାକୁ ମିଳିଲା କ୍ୟାବିନେଟ୍ ମଞ୍ଜୁରି
### ଏଣିକି ମହିଳାଙ୍କୁ ମିଳିବ ମାସିକ ୨୫ ଶହ ଟଙ୍କା

ନୂଆଦିଲ୍ଲୀ,୨୮।୭: ଦିଲ୍ଲୀ ସରକାର 'ଲକ୍ଷ୍ମୀ ଯୋଜନା'କୁ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ଆଜି ଏକ ବଡ଼ ଆନନ୍ଦର ମୁହୂର୍ତ୍ତ। ଦିଲ୍ଲୀର ମହିଳା ମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ଲକ୍ଷ୍ମୀ ଯୋଜନାକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଯୋଜନା ଅଧୀନରେ, ଯୋଗ୍ୟ ମହିଳା ମାନେ ମାସିକ ୨୫ ଶହ ଟଙ୍କା ଅନୁଦାନ ପାଇବେ। ଦିଲ୍ଲୀ କ୍ୟାବିନେଟ୍ ବୈଠକ ପରେ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘୋଷଣା କରିଛନ୍ତି ଯେ, ଏଥିପାଇଁ ଏକ ପୋର୍ଟାଲ୍ ଅଗଷ୍ଟ ୧ ରେ ଆରମ୍ଭ ହେବ, ଯାହା ଯୋଗ୍ୟ ମହିଳାମାନଙ୍କୁ ଆବେଦନ କରିବାକୁ ଅନୁମତି ଦେବ ଏବଂ ପ୍ରଥମ କିସ୍ତି ରକ୍ଷାବନ୍ଧନରେ ସେମାନଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯିବ। 'ଲକ୍ଷ୍ମୀ ଯୋଜନା' ହେଉଛି ଦିଲ୍ଲୀ ସରକାର ମହିଳାଙ୍କ ପାଇଁ ଆରମ୍ଭ କରିଥିବା ଏକ ଆର୍ଥିକ ସହାୟତା ଯୋଜନା। ଏହି ଯୋଜନା ଅଧୀନରେ, ଯୋଗ୍ୟ ମହିଳା ମାନେ ଡିବିଟି ମାଧ୍ୟମରେ ପ୍ରତି ମାସରେ ୨୫ ଶହ ଟଙ୍କା ଆର୍ଥିକ ସହାୟତା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପାଇବେ। ଏହି ଯୋଜନାର ଲକ୍ଷ୍ୟ ମହିଳା ମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା। ଏହି ଯୋଜନା ଦିଲ୍ଲୀର ସ୍ଥାୟୀ ବାସିନ୍ଦା ଏବଂ ଆଧାର କାର୍ଡ ଥିବା ମହିଳା ମାନଙ୍କୁ ଲାଭ ଦେବ। ଏହା ବ୍ୟତୀତ, ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଆଧାର ସହିତ ଲିଙ୍କ୍ ହେବା ଆବଶ୍ୟକ, ଏବଂ ମହିଳାଙ୍କ ପରିବାର ଆୟ ନିର୍ଦ୍ଧାରିତ ସୀମା ମଧ୍ୟରେ ହେବା ଆବଶ୍ୟକ। ନିୟମ ଅନୁଯାୟୀ, ଆବେଦନକାରୀ ମାନଙ୍କୁ ଏକ ଆତ୍ମ-ଘୋଷଣା ଦାଖଲ କରିବାକୁ ପଡିବ ଯେ ସେମାନେ ଅତି କମରେ ୧୦ ବର୍ଷ ଧରି ଦିଲ୍ଲୀର ବାସିନ୍ଦା ଏବଂ ସେମାନଙ୍କର କୌଣସି ଅପରାଧିକ ରେକର୍ଡ ନାହିଁ। ଏହି ଯୋଜନା ପାଇଁ ଯୋଗ୍ୟ ମହିଳା ମାନଙ୍କ ବୟସ ୨୧ ରୁ ୬୦ ବର୍ଷ ମଧ୍ୟରେ ହେବା ଆବଶ୍ୟକ, ଏବଂ ବାର୍ଷିକ ମୋଟ ୨.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଥିବା ପରିବାରର ମହିଳା ମାନେ ଏହି ଯୋଜନାର ଲାଭ ଉଠାଇ ପାରିବେ।

## ସୁନସରୀ ଘଟଣାର ପ୍ରତିବାଦ: ବିରୋଧ ପ୍ରଦର୍ଶନ

କାଠମାଣ୍ଡୁ, ୨୮।୭:ନେପାଳର ସୁନସରୀ ଜିଲ୍ଲାର ଦେଓ୍ୱାନଗଞ୍ଜରେ ଘଟିଥିବା ଘଟଣାର ପ୍ରତିବାଦରେ ଆନ୍ଦୋଳନରେ ନାମିଥିବା ଗୋଷ୍ଠୀ ମଙ୍ଗଳବାର ମଧ୍ୟ ପୂର୍ବ-ପଶ୍ଚିମ ରାଜପଥକୁ ଅବରୋଧ କରି ରଖିଥିଲେ। ପ୍ରଦର୍ଶନକାରୀମାନେ ସୁନସରୀ ଖଣ୍ଡର ବିଭିନ୍ନ ସ୍ଥାନରେ ଟାୟାର ଜାଳି ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନକାରୀମାନେ ବିରାଟନଗରରେ ମଧ୍ୟ ବିରୋଧ ପ୍ରଦର୍ଶନ କରୁଛନ୍ତି। ବଜାର ଅଂଚଳରେ ଏକତ୍ରିତ ହୋଇଥିବା ଯୁବକମାନେ ସରକାରଙ୍କ ବିରୋଧରେ ଜୋରଦାର ସ୍ଲୋଗାନ ଦେଇଥିଲେ।ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସୁନସରୀର ପ୍ରବକ୍ତା ଡିଏସପି ଚନ୍ଦ୍ରବହାଦୁର ଖଡ୍କାଙ୍କ ଅନୁସାରେ, ରାଜପଥର ପକଲିରୁ କୋଶୀ ବ୍ୟାରେଜ୍ ଅଂଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇଛି।

## କ୍ୟାମ୍ପସରେ ବିଦ୍ୟୁତ୍ ଆଘାତ ଲାଗି ପିଏଚ୍‌ଡି ଗବେଷିକାଙ୍କ ମୃତ୍ୟୁ



ଚଣ୍ଡୀଗଡ,୨୮।୭: ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବର୍ଷା ପରେ ଜମିଥିବା ପାଣି ମାଧ୍ୟମରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ପିଏଚଡିଗବେଷକଙ୍କ ମୃତ୍ୟୁ ଘଟିବା ପରେ ମଙ୍ଗଳବାର କ୍ୟାମ୍ପସରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଏହି ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅବହେଳା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ, ସୋମବାର ରାତିରେ ପ୍ରବଳ ବର୍ଷା ପରେ କ୍ୟାମ୍ପସର ଅନେକ ସ୍ଥାନରେ ପାଣି ଜମି ରହିଥିଲା। ସେହି ସମୟରେ ଜଣେ ପିଏଚଡି ଗବେଷକ ପାଣି ଜମିଥିବା ଏକ ଅଞ୍ଚଳ ଦେଇ ଯାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପାଣିରେ ବିଦ୍ୟୁତ୍ ପ୍ରବାହ ଥିବାରୁ ଏହି ଅଘଟଣ ଘଟିଥିଲା। ଘଟଣା ପରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ କ୍ୟାମ୍ପସରେ ଏକାଠି ହୋଇ ବିକ୍ଷୋଭ କରିଥିଲେ। ସେମାନେ ବିଶ୍ୱବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଓ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବିକ୍ଷୋଭ ସମୟରେ କେତେକ ଛାତ୍ର ପ୍ରବେଶ ଦ୍ୱାରର ବ୍ୟାରିକେଡ୍ ଭାଙ୍ଗି ପ୍ରଶାସନିକ କାର୍ଯ୍ୟାଳୟ ଆଡ଼କୁ ଅଗ୍ରସର ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ମଧ୍ୟ ମୁତୟନ କରାଯାଇଥିଲା। ଛାତ୍ରମାନେ ଦାବି କରିଛନ୍ତି ଯେ, କ୍ୟାମ୍ପସରେ ବର୍ଷା ସମୟରେ ଜଳ ଜମିବା ଓ ଖୋଲା ବିଦ୍ୟୁତ୍ ତାର ସମ୍ପର୍କରେ ପୂର୍ବରୁ ଅନେକ ଥର ପ୍ରଶାସନକୁ ଅବଗତ କରାଯାଇଥିଲା। ତଥାପି କୌଣସି ସ୍ଥାୟୀ ପଦକ୍ଷେପ ନିଆ ନ ଯିବାରୁ ଏଭଳି ଦୁର୍ଘଟଣା ଘଟିଛି।

## ପିଓକେରେ ନିର୍ବାଚନ ଦିନ ରକ୍ତପାତ, ସୁରକ୍ଷା ବାହିନୀର ଗୁଳିମାଡ଼ରେ ୨୦ ମୃତ



ଇସଲାମାବାଦ,୨୮।୭: ପାକ୍ ଅଧିକୃତ କାଶ୍ମୀର (ପିଓକେ) ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଦିନ ସୋମବାର ବ୍ୟାପକ ହିଂସାକାଣ୍ଡ ଘଟିଛି। ରାଓ୍ୱଲାକୋଟ ସମେତ ବିଭିନ୍ନ ଅଞ୍ଚଳରେ ନିର୍ବାଚନ ବର୍ଜନ ଆହ୍ୱାନ ଦେଇଥିବା ଜଏଣ୍ଟ୍ ଆଓ୍ୱାମୀ ଆକ୍ସନ୍ କମିଟି (ଜେଏଏସି)ର ପଦଯାତ୍ରା ଉପରେ ପାକିସ୍ତାନ ସୁରକ୍ଷା ବାହିନୀ ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି। ଜେଏଏସି ଦାବି କରିଛି ଯେ, ଏହି ଗୁଳିମାଡ଼ରେ ଅତି କମରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଜେଏଏସି ପକ୍ଷରୁ କୁହାଯାଇଛି ଯେ, ରାଓ୍ୱଲାକୋଟ ସହରରେ ପ୍ରବେଶ କରୁଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ସୁରକ୍ଷା ବାହିନୀ ଗୁଳି ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ସଂଗଠନ ଦାବି କରିଛି ଯେ, ୧୯ ଜଣ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଥିବା ବେଳେ ମୁଣ୍ଡରେ ଗୁଳି ଲାଗିଥିବା ଆଉ ଜଣେ ମୃତକଙ୍କ ପରିଚୟ ମିଳିନାହିଁ। ସଂଗଠନ ଆନ୍ତର୍ଜାତିକ ସମୁଦାୟ ଓ ଗଣମାଧ୍ୟମକୁ ଘଟଣାର ସ୍ୱାଧୀନ ତଦନ୍ତ ଦାବି କରିଛି।

## ୧୬ ସକ୍ରିୟ ମାଓବାଦୀ କଲେ ଆତ୍ମସମର୍ପଣ

ରାଂଚି, ୨୮।୭: ଝାରଖଣ୍ଡ ପୁଲିସକୁ ମାଓବାଦୀମାନଙ୍କ ବିରୋଧରେ ଚାଲିଥିବା ଅଭିଯାନରେ ବଡ଼ ସଫଳତା ମିଳିଛି। ଅପରେସନ୍ 'ନବଜୀବନ-ସେକେଣ୍ଡ ଅଧୀନରେ ନିଷିଦ୍ଧ ଭାକପା (ମାଓବାଦୀ) ସଂଗଠନର ୧୬ ଜଣ ସକ୍ରିୟ ନକ୍ସଲ ମଙ୍ଗଳବାର ଝାରଖଣ୍ଡ ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବାମାନଙ୍କ ମଧ୍ୟରେ ସଂଗଠନର ବିଭିନ୍ନ ସ୍ତରର କମାଣ୍ଡର ଏବଂ ଦସ୍ତା ସଦସ୍ୟମାନେ ସାମିଲ ଅଛନ୍ତି। ସେମାନେ ପୁଲିସକୁ ୧୧ଟି ଆଧୁନିକ ଅସ୍ତ୍ର, ୩୮ଟି ମ୍ୟାଗାଜିନ୍ ଏବଂ ୧,୫୬୨ଟି ଜୀବନ୍ତ କାର୍ତ୍ତୁଜ ମଧ୍ୟ ହସ୍ତାନ୍ତର କରିଛନ୍ତି। ପୁଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ତଦାଶା ମିଶ୍ର କହିଛନ୍ତି ଯେ ଝାରଖଣ୍ଡ ପୁଲିସ, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍), କୋବ୍ରା ବାଟାଲିଅନ୍ ଏବଂ ଝାରଖଣ୍ଡ ଜାଗୁଆରଙ୍କ ଦ୍ୱାରା ମିଳିତ ଭାବେ ଚାଲିଥିବା ଅଭିଯାନ ଯୋଗୁଁ ମାଓବାଦୀ ସଂଗଠନ ଉପରେ ଲଗାତାର ଚାପ ବଢୁଛି। ସେହିପରି ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ବହୁ ସଂଖ୍ୟାରେ ନକ୍ସଲମାନେ ହିଂସାର ପଥ ଛାଡ଼ି ମୁଖ୍ୟଧାରାକୁ ଫେରୁଛନ୍ତି।

## ବଢୁଛି ଭାରତର ବିଲିୟନେୟାର କ୍ଲବ୍
### ୫ ବର୍ଷରେ ଅରବପତିଙ୍କ ସଂଖ୍ୟା ୪ ଗୁଣ

ନୂଆଦିଲ୍ଲୀ, ୨୮।୭ : ବଢୁଛି ଦେଶର ଅରବପତି କ୍ଲବ । ଧନକୁବେରଙ୍କ ସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଛି । ସଂସଦରେ ଜାରି ଏକ ରିପୋର୍ଟରୁ ଏହା ଜଣାପଡ଼ିଛି । ଲୋକସଭା ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୫ ୨୬ ହିସାବ ବର୍ଷରେ ପ୍ରାୟ ୫୭୬ ବ୍ୟକ୍ତିବିଶେଷ ସେମାନଙ୍କ ଆୟକର ରିଟର୍ଣ୍ଣ (ଆଇଟିଆର)ରେ ମୋଟ ୧୦୦ କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ୍ୱର୍ ଆୟ ଦର୍ଶାଇଛନ୍ତି । ପୂର୍ବବର୍ଷ ତୁଳନାରେ ଏହା ୩୯% ଅଧିକ ।ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକ ସଭାରେ ଲିଖିତ ଆକାରରେ ସୂଚନା ଦେଇଛନ୍ତି, ୨୦୨୫-୨୬ ଆସେସ୍ମେଣ୍ଟ ବର୍ଷ ଆଇଟିଆରରେ ୧୦୦ କୋଟି କିମ୍ବା ଅଧିକ ଆୟ ଦର୍ଶାଇଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ୫୭୬ରେ ପହଞ୍ଚିଛି । ଏହା ୨୦୨୧-୨୨ରେ ଥିଲା ୧୪୨ । ଉକ୍ତ ହିସାବରେ ୫ ବର୍ଷରେ ଟଙ୍କା ବିଲିୟନେୟାରଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଛି । ଶ୍ରୀ ଚୌଧୁରୀ ଆହୁରି କହିଛନ୍ତି ଯେ, ଆୟକର ଆଇନ-୨୦୨୫ କିମ୍ବା ଆୟକର ଆଇନ-୧୯୬୧ ଅଧୀନରେ ବିଲିୟନେୟାର ବା ଅରବପତି ଶବ୍ଦର କୌଣସି ବୈଧାନିକ ପରିଭାଷା ନାହିଁ । ୨୦୨୨-୨୩ରେ ୧୦୦ କୋଟି ଏବଂ ତଦୁର୍ଦ୍ଧ୍ୱ ଆୟ ବର୍ଗରେ ୩୦୧ ବ୍ୟକ୍ତିବିଶେଷ ଥିଲେ । ୨୦୨୩-୨୪ରେ ଏହା ୨୮୪କୁ ଖସିବା ପରେ ୨୦୨୪-୨୫ରେ ୪୧୫କୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଏହା ୫୦୦ ପାର୍ କରିଯାଇଛି ।

## ରାଜନାଥଙ୍କ ଦ୍ୱାରା ୨ସଂସ୍କାରର ଶୁଭାରମ୍ଭ

ନୂଆଦିଲ୍ଲୀ, ୨୮।୭: ଭାରତୀୟ ତଟରକ୍ଷୀ ବାହିନୀ (ଆଇ. ସି. ଜି.) ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନୀତିଗତ ସଂସ୍କାର ହାତକୁ ନିଆଯାଇଛି, ଯାହାର ଉଦଘାଟନ ପ୍ରତିରକ୍ଷା ମନ୍ତ୍ରୀ, ଶ୍ରୀ ସିଂହ, ମଙ୍ଗଳବାର ନୂଆଦିଲ୍ଲୀର କର୍ତ୍ତବ୍ୟ ଭବନ-୨ରେ କରିଛନ୍ତି। ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ କର୍ତ୍ତବ୍ୟ ପାଳନ ସମୟରେ ସମୁଦ୍ରରେ ନିଖୋଜ ହୋଇଥିବା କର୍ମଚାରୀଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ପ୍ରଶାସନିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଏହାର ଉଦ୍ଦେଶ୍ୟ। ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ନାରୀ ଶକ୍ତି ପ୍ରତି ଆମର ପ୍ରତିବଦ୍ଧତାର ଅନୁରୂପ, ଆଇସିଜିରେ ମହିଳା ଅଧିକାରୀମାନଙ୍କୁ ନିଯୁକ୍ତି, ତାଲିମ ଏବଂ ସ୍ଥାୟୀ ନିଯୁକ୍ତି ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଆମେ ଏକ 'ଲିଙ୍ଗ ନିରପେକ୍ଷ ଢାଂଚା' ଆରମ୍ଭ କରିଛୁ।ଏହା ବ୍ୟତୀତ, ତଟରକ୍ଷୀ କର୍ମଚାରୀଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ, ଆମେ କର୍ତ୍ତବ୍ୟରେ ସମୁଦ୍ରରେ ନିଖୋଜ କର୍ମଚାରୀଙ୍କ ସମ୍ପର୍କୀୟଙ୍କ ପାଇଁ ଅନୁକମ୍ପା ରାଶି ଏବଂ ସହାୟତା ପ୍ରକ୍ରିୟାକୁ ସରଳ ଏବଂ ତ୍ୱରାନ୍ୱିତ କରିଛୁ ବୋଲି ସିଂ କହିଛନ୍ତି।

## ଜାପାନରେ ୭.୧ ତୀବ୍ରତାଯୁକ୍ତ ଭୂମିକମ୍ପ ସୁନାମି ସତର୍କତା ଜାରି

ଟୋକିଓ,୨୮।୭:ଜାପାନର କୁମାମୋଟୋର କ୍ୟୁଶୁ ଅଞ୍ଚଳରେ ଏକ ଶକ୍ତିଶାଳୀ ୭.୧ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି। ଫଳରେ ୩.୨୮ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ସମୁଦ୍ରରେ ଜୁଆର ଉଠିବା ଆଶଙ୍କା ରହିଛି ବୋଲି ଜାପାନ ପାଣିପାଗ ସଂସ୍ଥା ଏହି ସୂଚନା ପ୍ରକାଶ କରିଛି। ଉପକୂଳବାସୀଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରିବାକୁ କର୍ତ୍ତୃପକ୍ଷ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଜାପାନ ସରକାର ଅନେକ ପ୍ରାନ୍ତରେ ଏନେଇ ହାଇ ଆଲର୍ଟ ଜାରି କରିଛନ୍ତି। ଜାପାନ ସରକାର ଦକ୍ଷିଣ କ୍ୟୁଶୁ ଦ୍ୱୀପରେ ଥିବା କୁମାମୋଟୋ, ନାଗାସାକି, କାଗୋସିମା, ଫୁକୁଓକା, ସାଗା, ଓଇଟା ଏବଂ ମିୟାଜାକି ପ୍ରାନ୍ତରେ ଜରୁରୀକାଳୀନ ଭୂମିକମ୍ପ ସତର୍କତା ଘୋଷଣା କରିଛନ୍ତି। ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଲୋକଙ୍କ ପାଇଁ ଠିଆ ହେବା କଷ୍ଟକର ଥିଲା। ଅନେକ କୋଠାଘର ତାସ ଘର ପରି ଥରି ଉଠିଥିଲା। ଭୂମିକମ୍ପ ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। କୁମାମୋଟୋର ଅନ୍ୟ ସହରଗୁଡ଼ିକ ସହିତ ପଡ଼ୋଶୀ ଅଞ୍ଚଳ ନାଗାସାକି, କାଗୋଶିମା, ଫୁକୁଓକା, ସାଗା ଏବଂ ମିଆଜାକିରେ ମଧ୍ୟ ୫ କିମ୍ବା ତା'ଠାରୁ କମ୍ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ କୁମାମୋଟୋ ସହରରୁ ଦକ୍ଷିଣରେ ଥିବା ଉକି ସହରର ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଥିଲା।

## ଅହମଦାବାଦ ବିମାନ ଦୁର୍ଘଟଣା

# ଅକ୍ଟୋବରରେ ସୁପ୍ରିମକୋର୍ଟରେ ଦାଖଲ ହେବ ଚୂଡ଼ାନ୍ତ ରିପୋର୍ଟ



ନୂଆଦିଲ୍ଲୀ,୨୮।୭: ୨୦୨୫ ଜୁନ୍ ୧୨ ତାରିଖରେ ହୋଇଥିବା ଅହମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏଏଆଇବି ( ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଆସନ୍ତା ଅକ୍ଟୋବର ମାସରେ ସୁପ୍ରିମକୋର୍ଟରେ ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବ। ସରକାରୀ ପରିଚାଳିତ ଏହି ତଦନ୍ତକାରୀ ସଂସ୍ଥା ଖଣ୍ଡପୀଠଙ୍କୁ ସ୍ପଷ୍ଟ କରିଛି ଯେ ଏହି ତଦନ୍ତ କେବଳ ଡିଜିସିଏ (ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ) ମଧ୍ୟରେ ସୀମିତ ଥିବା କୌଣସି ଆଭ୍ୟନ୍ତରୀଣ ତଦନ୍ତ ନୁହେଁ। ଦୁର୍ଘଟଣାରେ ନିହତ ବିଦେଶୀ ନାଗରିକଙ୍କ ଦେଶର ବିଶେଷଜ୍ଞ ଏବଂ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଜୁନ୍ ୧୨ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରି ହୋଇଥିବା ଆବେଦନର ଶୁଣାଣି ସମୟରେ ଏଏଆଇବି ସୁପ୍ରିମକୋର୍ଟଙ୍କୁ ଆଜି ଏହା ଅବଗତ କରିଛନ୍ତି। କ୍ୟାପଟେନ ସୁମିତ ସଭରୱାଲ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ ପକ୍ଷରୁ ଏହି ଆବେଦନ କରାଯାଇଥିଲା। ସେମାନେ ଚାଲିଥିବା ତଦନ୍ତରେ ବିଭିନ୍ନ ଅସଙ୍ଗତି ଥିବା ଅଭିଯୋଗ କରି ଅଦାଲତଙ୍କ ନିରୀକ୍ଷଣରେ ତଦନ୍ତ କରିବାକୁ ଦାବି କରିଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆବେଦନକାରୀ ଏବଂ ଏଏଆଇବିର ପକ୍ଷ ଶୁଣିଥିଲେ। ଏଏଆଇବି ପକ୍ଷରୁ କୁହାଯାଇଛି ଯେ, ଦୁର୍ଘଟଣାର କାରଣ ଏବଂ ଘଟଣାକ୍ରମକୁ ପୁନଃସ୍ଥାପନ ପାଇଁ ବୈଷୟିକ ବିଶ୍ଳେଷଣ କରାଯାଉଛି। ଏଏଆଇବି ପକ୍ଷରୁ ହାଜର ଥିବା ସଲିସିଟର ଜେନେରାଲ୍ ତୁଷାର ମେହେଟା ସୁପ୍ରିମକୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଅକ୍ଟୋବର ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟକୁ ଜଉମୁଦ ଲଫାପାରେ ଦାଖଲ କରାଯିବ। ଉଲ୍ଲେଖଯୋଗ୍ୟ ପୂର୍ବରୁ ଏଏଆଇବି କହିଥିଲା ଯେ, ଜାନୁଆରି ସୁଦ୍ଧା ରିପୋର୍ଟ ପ୍ରସ୍ତୁତ ହୋଇଯିବ। ତେବେ ଏହା ବିଳମ୍ବ ହେବାର କାରଣ ବ୍ୟାଖ୍ୟା କରି ତୁଷାର ମେହେଟା ଖଣ୍ଡପୀଠଙ୍କୁ କହିଥିଲେ ଯେ, ବିମାନର କିଛି ଯନ୍ତ୍ରାଂଶକୁ ବିଦେଶକୁ ସ୍ୱତନ୍ତ୍ର ଫରେନସିକ୍ ଏବଂ ବୈଷୟିକ ପରୀକ୍ଷା ପାଇଁ ପଠାଇ ପୁଣି ଭାରତକୁ ଫେରାଯାଇଥିଲା। ଏହି ପ୍ରକ୍ରିୟାରେ ଅଧିକ ସମୟ ଲାଗିଥିଲା। ସୁପ୍ରିମକୋର୍ଟ ଅକ୍ଟୋବରରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବରର ଶେଷ ସପ୍ତାହରେ କରିବାକୁ ସ୍ଥିର କରିଛନ୍ତି। ଉଲ୍ଲେଖଯୋଗ୍ୟ ୨୦୨୫ ଜୁନ୍ ୧୨ ତାରିଖ ଅପରାହ୍ନରେ ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏଆଇ-୧୭୧ ବିମାନ ଉଡ଼ାଣର କିଛି ସେକେଣ୍ଡ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୧୨ ଜଣ କ୍ରୁ ସଦସ୍ୟ ଏବଂ ୨୩୦ ଯାତ୍ରୀଙ୍କ ମଧ୍ୟରୁ ୨୨୯ ଜଣଙ୍କର ମୃତ୍ୟୁ ହୋଇଥିଲା।

**ନିଶା ହେଲା କାଳ**

# ବାପାଙ୍କୁ ପଥରରେ ଛେଚି ମାରିଲା ପୁଅ

ଭୁବନେଶ୍ୱର(ନିପ୍ର): ନିଶା ଖାଇବାକୁ ବାରଣ କରିବାକୁ ପୁଅ ବାପାଙ୍କୁ ପଥରରେ ଛେଚି ହତ୍ୟା କରିଛି । ଏପରି ଏକ ଅଭାବନୀୟ ଘଟଣା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଞ୍ଜନାଥ ବିହାରରେ ଘଟିଥିବା ବେଳେ ପୁଲିସ ମାମଲାର ଛାନଭିନ ଚଳାଇଛି । ତେବେ ମୃତକ ଜଣକ ହେଲେ ଏସ୍ ଦୁର୍ଯ୍ୟୋଧନ (୫୦) । ଅଭିଯୁକ୍ତ ପୁଅ ଏସ୍ ଦେବରାଜ (୨୫)କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି । ନିଶାକୁ ବାରଣ କରିବାରୁ ଦେବରାଜ ଏଭଳି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଘଟଣାସ୍ଥଳରୁ ପୋଲିସ ସହାୟତାରେ ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିଛି । ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି । ତେବେ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଏସ୍.ରାଙ୍ଗି ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ହତ୍ୟାକାଣ୍ଡକୁ ନେଇ ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଅଭିଯୁକ୍ତ ପୁଅ ଦେବରାଜ ନିୟମିତ ବ୍ରାଉନସୁଗର ସେବନ କରୁଥିଲା । ଏଥିପାଇଁ ପୁଅକୁ ବାପା



ଦୁର୍ଯ୍ୟୋଧନ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତରଙ୍କ ପରାମର୍ଶକ୍ରମେ ଦୁର୍ଯ୍ୟୋଧନ ନିଶା ଔଷଧକୁ ବିଡ଼ିରେ ପୁରାଇ ପୁଅକୁ ସେବନ କରିବାକୁ ଦେଉଥିଲେ । ହେଲେ ଦେବରାଜକୁ ଏହା ଭଲ ଲାଗୁନଥିଲା । ଏଥିପାଇଁ ବାପାଙ୍କ ସହ ଦେବରାଜ ଝଗଡା କରୁଥିଲା । ଗତକାଲି (ସୋମବାର) ରାତିରେ ମଧ୍ୟ ଏଥିପାଇଁ ଦେବରାଜ ଘରେ ପ୍ରବଳ ଝଗଡା କରିଥିଲା । ଫଳରେ ମା' ରାଙ୍ଗି ଓ ଅନ୍ୟମାନେ ଭୟରେ ଘରୁ ଅନ୍ୟତ୍ର ଚାଲିଯାଇଥିଲେ । ଆଜି ବାପ-ପୁଅ ଘରେ ଥିଲେ । ଦେବରାଜକୁ ବାପା ଔଷଧ ଭର୍ତ୍ତି ବିଡ଼ି ଦେଇଥିଲେ, ହେଲେ ଦେବରାଜ ସାଧାରଣ ବିଡ଼ି ଦେବାକୁ କହିଥିଲା । ବାପା ମନା କରିବାରୁ ସେ ବାପାଙ୍କ ସହ ଝଗଡା କରିଥିଲା । ଏପରିକି ରାଗିଯାଇ ପାଇପରେ ବାଡେଇଥିଲା । ପରେ ପଥରରେ ଛେଚି ହତ୍ୟା କରିଥିଲା । ଫଳରେ ଘଟଣା ସ୍ଥଳରେ ବାପା ଦୁର୍ଯ୍ୟୋଧନର ମୃତ୍ୟୁ ଘଟିଥିଲା । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ଘଟଣାସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି । ମୃତ ଦୁର୍ଯ୍ୟୋଧନଙ୍କ ଘର ଗଞ୍ଜାମ ଜିଲ୍ଲା ନୂଆପଡା ଥାନା ଗାଁ ଲାଲମେଣ୍ଟା ଲକ୍ଷ୍ମୀନାରାୟଣପୁର ଅଞ୍ଚଳରେ । ସେ ଭୁବନେଶ୍ୱରରେ ଶ୍ରମିକ ଠିକାଦାର ଭାବେ କାମ କରି ପରିବାର ଚଳାଉଥିଲେ । ଦୁର୍ଯ୍ୟୋଧନ ମଞ୍ଜନାଥ ବିହାରରେ ନିଜ ଘର ନିର୍ମାଣ କରିଥିବା ବେଳେ ପରିବାର ସଦସ୍ୟମାନେ ଏଠାରେ ହିଁ ରହୁଛନ୍ତି । ଦୁର୍ଯ୍ୟୋଧନଙ୍କ ୩ ଝିଅ ଓ ଗୋଟିଏ ପୁଅ ଅଛି । ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ଦେବରାଜ ସମସ୍ତଙ୍କ ଠାରୁ ସାନ ବୋଲି ଜଣାପଡିଛି ।

## ଲୁଟେରାଙ୍କୁ ୫ ହଜାର ଟଙ୍କା ଜୋରିମାନା

ଭୁବନେଶ୍ୱର(ନି.ପ୍ର): ମାନ୍ୟବର ଜେଏମଏଫସି-୫ କୋର୍ଟ, ଭୁବନେଶ୍ୱରର ବିଚାରପତି ଇତିଶ୍ରୀ ମହାପାତ୍ର ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ଲୁଟ୍ ମାମଲାର ବିଚାର କରି ଆସାମୀ ବିକାଶ ଦାସକୁ ଜୋରିମନା ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ:ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ଅଭିଜିତ୍ ମହାପାତ୍ର ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ, ନାକାଗେଟ୍ ଛକରେ ରୁହନ୍ତି ଏବଂ ସ୍ଥାନୀୟ ଏକ ଦୈନିକ ଖବର କାଗଜ କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତି । ସେ ପ୍ରତିଦିନ ରାତିରେ କାର୍ଯ୍ୟସ୍ଥଳରୁ ସାଇକେଲ ଯୋଗେ ଘରକୁ ଫେରନ୍ତି । ଗତ ୧୬.୧୧.୨୦୨୫ ତାରିଖ ରାତି ପ୍ରାୟ ୧୨:୨୪ ସମୟରେ ସେ ଘରକୁ ଫେରୁଥିବା ବେଳେ ଘାଟିକିଆ ସ୍ଥିତ ତପୋବନ ହାଇସ୍କୁଲ ସମ୍ମୁଖରେ ଏକ ଟିଭିଏସ୍ ଏନଟର୍କ ଗାଡିରେ ଆସି ଦୁର୍ବୃତ୍ତମାନେ ଛୁରୀ ଓ ଫାର୍ଶା ଦେଖାଇ ତାଙ୍କର ଏକ ପୋକୋ ଏଫ୍-୭ ମୋବାଇଲ ଫୋନ, ହାତ ଘଣ୍ଟା, ପେନଡ୍ରାଇଭ୍ ଏବଂ ଇୟରଫୋନ୍ ଲୁଟି ନେଇଥିଲେ । ଏହି ବିଷୟରେ ଅଭିଯୋଗକାରୀ ସେହିଦିନ ସନ୍ଧ୍ୟା ୬:୪୬ ସମୟରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉପରୋକ୍ତ ଅଭିଯୋଗକୁ ଭିତ୍ତି କରି ଭରତପୁର ଥାନା କେସ ନମ୍ବର-୭୭୩/୨୦୨୫, ବିଏନଏସ ର ଧାରା ୩୦୯(୪) ଓ ୩(୫) ରେ ପ୍ରଥମେ ମାମଲା ରୁଜୁ କରାଯାଇ ସବ-ଇନ୍ସପେକ୍ଟର ଗଙ୍ଗାଧର ରାଉଳଙ୍କ ଉପରେ ଏହାର ତଦନ୍ତ ଭାର ନ୍ୟସ୍ତ କରାଯାଇଥିଲା । ସବ-ଇନ୍ସପେକ୍ଟର ଶ୍ରୀ ରାଉଳ ମାମଲାର ତଦନ୍ତ କରି ଅଭିଯୁକ୍ତ ବିକାଶ ଦାସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ଏବଂ ତାଙ୍କ ବିରୋଧରେ ମାନ୍ୟବର ଅଦାଲତଙ୍କ ନିକଟରେ ଚାର୍ଜସିଟ ଦାଖଲ କରିଥିଲେ । ଉପରୋକ୍ତ ମାମଲାର ବିଚାର କରି, ଆଜି ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ବିକାଶ ଦାସକୁ ବିଏନଏସ ର ଧାରା-୩୧୭(୨)/୩୦୪(୨)/୩(୫) ଆଧାରରେ ଦୋଷୀ ସାବ୍ୟସ୍ତ କରି ୫,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ମାସର କାରାଦଣ୍ଡ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ମିଳିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଏହା ହେଉଛି ୬୯ ତମ ଉଲ୍ଲେଖନୀୟ ସଫଳତା ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପିପିଲି(ନିପ୍ର): ସୋମବାର ବିଳମ୍ବିତ ରାତିରେ ପାରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ସାନ ସିରିବୁଲା ଗ୍ରାମରେ ଜଣେ ବ୍ୟକ୍ତି ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଗ୍ରାମର ସର୍ବେଶ୍ୱର ଖଟୁଆ ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ସର୍ବେଶ୍ୱରଙ୍କ ପାରିବାରିକ ଅଶାନ୍ତି ଲାଗି ରହିଥିଲା ବେଳେ ଗତକାଲି ରାତିରେ ସେ ଶୋଇବା ଘରେ କବାଟ ଦେଇ ପଙ୍ଖାରେ ଗାମୁଛା ଦ୍ୱାରା ଆତ୍ମହତ୍ୟା କରିଥିଲେ । ପତ୍ନୀ କବାଟ ବାଡ଼େଇ ଥିଲେ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗିବାରେ ସର୍ବେଶ୍ୱରଙ୍କ ଝୁଲନ୍ତା ମୃତ ଦେହକୁ ଦେଖିଥିଲେ । ଏନେଇ ବଳଙ୍ଗା ପୋଲିସକୁ ଖବର ଦେବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

## ଫଳ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

ଆସିକା(ନିପ୍ର): ଆସିକା ବସଷ୍ଟାଣ୍ଡରେ ଫଳ ଦୋକାନ ଭିତରେ ପଶି ଦୁର୍ବୃତ୍ତମାନେ ଦୋକାନ ଭଙ୍ଗା ରୁଜା କରିବା ସହ ଦୋକାନ ମାଲିକକୁ ମରଣାତ୍ମକ ଆକ୍ରମଣ ଘଟଣାରେ ଆସିକା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ଆସିକା ସରକାରୀ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଏକ ଫଳ ଦୋକାନରେ ଗତକାଲି ସନ୍ଧ୍ୟା ସମୟରେ ଆସିକା ଥାନା କରତାଳି ଗ୍ରାମର ବାଲିଆ ଜେନା ପିତା ସୁରେନ୍ଦ୍ର ଜେନାଙ୍କ ସହ ଦୋକାନରେ କାମ କରୁଥିବା ଯୁବକ ସହ କୌଣସି ଏକ ସାଧାରଣ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଅପରାହ୍ନ ସମୟରେ ଉକ୍ତ ଦୋକାନରେ ଦୋକାନ ମାଲିକ ପରମାନନ୍ଦ ପୋଲାଇ ବସିଥିବା ସମୟରେ ବାଲିଆ ଜେନା, ଆସିକା ପାକଲାପଲ୍ଲୀର ରାଜେନ୍ଦ୍ର ବିଷୋୟୀ ଓ କରାତଳି ଗ୍ରାମର ତାର ଅନ୍ୟ ଜଣେ ସହଯୋଗୀ ସହ ମିଶି ଜୋର ଜବରଦସ୍ତ ଦୋକାନ ମଧ୍ୟକୁ ବିଭିନ୍ନ ମରଣାସ୍ତ୍ର ଧରି ଧସେଇ ପଶିବା ସହ ଦୋକାନ ମାଲିକ ନାମ ଧରି ନାନା ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ ଦୋକାନରୁ ସମସ୍ତ ଜିନିଷ ପତ୍ର ଫୋପାଡ଼ି ଦେବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ପରମାନନ୍ଦର ତଣ୍ଟି ଚିପି ଧରିଥିଲେ । ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ରୁଣ୍ଡ ହୋଇ ୧୧୨ ନମ୍ବରକୁ କଲ କରିବା ଯୋଗୁଁ ଘଟଣା ସ୍ଥଳରୁ ଆସାମୀମାନେ ଖସି ପଳାଇଥିଲେ । ସ୍ଥାନୀୟ ଲୋକେ ପରମାନନ୍ଦକୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଏଘଟଣା ବିଷୟରେ ପରମାନନ୍ଦ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇଛି । କିଛି ଦିନ ହେବ ପୁଣି ଥରେ ଆସିକା ଥାନା ଇଲାକା ଅଶାନ୍ତ ହେବାକୁ ଲାଗିଲାଣି । ପ୍ରଶାସନ ପକ୍ଷରୁ ଏହି ଅସାମାଜିକମାନଙ୍କୁ ଦମନ କରିବା ଦିଗରେ ତୁରନ୍ତ ଯଦି ପଦକ୍ଷେପ ନ ନିଅନ୍ତି ତେବେ ପୁଣି ୨୦୦୦ ମସିହାରୁ ୨୦୧୧ ପର୍ଯ୍ୟନ୍ତ ସମୟ ଫେରିଆସିବାକୁ ସମୟ ଲାଗିବା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ବେଆଇନ ମଦ ବୋଝେଇ ବାଇକ୍ ଜବତ: ଅଭିଯୁକ୍ତ ଗିରଫ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଜଗନ୍ନାଥ ସଡ଼କ ଲେଣ୍ଟୁ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ବେଆଇନ ଦେଶୀ ମଦ ପରିବହନ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଆବକାରୀ ବିଭାଗ । ଗିରଫ ଅଭିଯୁକ୍ତ ହେଲେ ଗଡ଼ିଶାଗୋଡ଼ା ଥାନା ଜାଗୁଲେଇପଦର ଗ୍ରାମର ନିରଞ୍ଜନ ବେହେରାଙ୍କ ପୁଅ ପ୍ରଦୀପ ବେହେରା । ମିଳିଥିବା ସୂଚନା ଅନୁଯାୟୀ, ଆଜି ଭୋର ପ୍ରାୟ ୬ଟା ସମୟରେ ପ୍ରଦୀପ ଏକ ମୋଟରସାଇକେଲ୍ ( ନଂ ଓଡ଼ି୩୩ ପି ୨୨୮୪) ଯୋଗେ ବେଆଇନ ଭାବେ ମଦ ନେଇ ଯାଉଥିବା ବେଳେ ଆବକାରୀ ଟିମ୍ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ବେଳେ ଗାଡ଼ିରୁ ୩୫ ଲିଟର 'ଆସ୍କା ୪୦' ମଦ ଜବତ କରାଯିବା ସହ ମୋଟରସାଇକେଲକୁ ମଧ୍ୟ ଜବତ କରାଯାଇଛି । ଏହି ଚଢ଼ାଉରେ ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଏମ୍. ମଲ୍ଲିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆବକାରୀ ବିଭାଗ ଏ ନେଇ କେସ୍ ନଂ ୨୬୪/୨୬ ରୁଜୁ କରିବା ସହ ତଦନ୍ତ ଭାର ଏଏସଆଇ ଜି.ପି. ମହାନ୍ତିଙ୍କୁ ନ୍ୟସ୍ତ କରିଛନ୍ତି। ଆଜି ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ବରିଷ୍ଠ ନାଗରିକଙ୍କୁ ହତ୍ୟା ଧମକ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ଗ୍ରାମରେ ଜଣେ ବରିଷ୍ଠ ନାଗରିକଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ କେତକୀ ପାଟଣା ଗ୍ରାମର ନୃସିଂହ ଚରଣ ପରିଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୩ଦିନ ତଳେ ନୃସିଂହଙ୍କ ପରିବାର ଲୋକେ ଘରେ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ରତାମାଟି ଗ୍ରାମର ଜନୈକ ଯୁବକ ନୃସିଂହ ଓ ତାଙ୍କ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ନୃସିଂହଙ୍କ ପତ୍ନୀ ଓ ଝିଅ ଏହାର ପ୍ରତିବାଦ କରିଥିଲେ । ଫଳରେ ରଞ୍ଜନ ପରିବାରକୁ ଗୁଳି କରି ମାରିଦେବାକୁ ସେ ଧମକ ଦେଇଥିଲେ ।

## ଘରେ ପଶି ଚୋରି: ୩ ଅଭିଯୁକ୍ତ ଗିରଫ

କାକଟପୁର(ନିପ୍ର): କାକଟପୁର ଥାନା ଅନ୍ତର୍ଗତ ବାଁବରଡ଼ା ଗ୍ରାମରେ ଘରେ ପଶି ମୋଟର ସାଇକେଲ, ଇନଭର୍ଟର ବ୍ୟାଟେରୀ ଓ ଇନଭର୍ଟର ମେସିନ ଚୋରି ଘଟଣାର ପର୍ଦ୍ଦାଫାସ କରିଛି । କାକଟପୁର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ କିଶୋର ନ୍ୟାୟ ପରିଷଦ, ପୁରୀଙ୍କ ନିକଟରେ ହାଜର କରିଛି । କାକଟପୁର ପୋଲିସ ପକ୍ଷରୁ ସୂଚନା ଅନୁଯାୟୀ, ବାଁବରଡ଼ା ଗ୍ରାମର ସରୋଜିନୀ ମଲ୍ଲ (୩୯)ଙ୍କ ଏତଲା ଅନୁଯାୟୀ ଗତ ୨୫ ଜୁଲାଇ ମଧ୍ୟରାତ୍ରିରେ ପରିବାର ସଦସ୍ୟମାନେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ଘରେ ପଶି ବାହାରପଟୁ କୋଠରୀର କବାଟ ବନ୍ଦକରି ଦେଇଥିଲେ । ପରେ ପଡ଼ୋଶୀଙ୍କ ସହାୟତାରେ କବାଟ ଖୋଲି ବାହାରକୁ ଆସି ଦେଖିଥିଲେ ଯେ ତାଙ୍କ ଭାଇଙ୍କ ହିରୋ ଗ୍ଲାମର ମୋଟର ସାଇକେଲ (ନଂ.ଓଡ଼ି୧୩ଏଫ୍ ୩୬୩୯), ଏକ ଭି-ଗାର୍ଡ ଇନଭର୍ଟର ବ୍ୟାଟେରୀ,




ଇନଭର୍ଟର ମେସିନ ସମେତ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଚୋରି ହୋଇଯାଇଛି । ଏହି ଅଭିଯୋଗକୁ ଆଧାର କରି କାକଟପୁର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ କାଳରେ ପୋଲିସ ବାଲିଆପିଛା ଗ୍ରାମର କୁନା କାଣ୍ଡି (୨୧), ସୁହାନପୁର (ବଣୁଆସାହି)ର ରାଜେଶ ଗୋଛାୟତ (୧୯) ଏବଂ ଚଣ୍ଡିକୁଦ ଗ୍ରାମର ହାପି ଦଳାଇ (୩୦)ଙ୍କୁ ଗିରଫ କରିଥିଲା । ହାପି ଦଳାଇ ଚୋରି ସାମଗ୍ରୀ ଗ୍ରହଣ କରିଥିବା ଅଭିଯୋଗ ରହିଛି । ଏହାସହ ଜଣେ ନାବାଳକଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଥିବାରୁ ତାଙ୍କୁ କିଶୋର ନ୍ୟାୟ ପରିଷଦ, ପୁରୀଙ୍କ ନିକଟରେ ହାଜର କରାଯାଇଛି । ଅଭିଯୁକ୍ତ ମାନଙ୍କ ନିକଟରୁ ଚୋରି ହୋଇଥିବା ହିରୋ ଗ୍ଲାମର ମୋଟର ସାଇକେଲ, ଏକ ଭି-ଗାର୍ଡ ଇନଭର୍ଟର ବ୍ୟାଟେରୀ ଓ ଏକ ଭି-ଗାର୍ଡ ଇନଭର୍ଟର ମେସିନ ଜବତ କରାଯାଇଛି । ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ବୋଲି କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି

## ୩ ଗଞ୍ଜେଇ ମାଫିଆ ଗିରଫ, ନଗଦ ୩ ଲକ୍ଷ ୮୬ ହଜାର ଟଙ୍କା ଜବତ

ଭୁବନେଶ୍ୱର(ନି.ପ୍ର): ଏସଟିଏଫ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ରାକେଟ୍‌ର ପର୍ଦ୍ଦାଫାସ କରିଛି । ରାକେଟର ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ନଗଦ ୩ ଲକ୍ଷ ୮୬ ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସିବାରାମ ବିଶ୍ୱାଳ, ସିବାରାମ ପାତ୍ର ଓ ବ୍ରହ୍ମପୁରର ମଦ ବ୍ୟବସାୟୀ ମିଟୁ ଓରଫ ମନୋରଞ୍ଜନ ସାବତ । ଏମାନଙ୍କ ବିରୋଧରେ ଏସଟିଏଫ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ତେବେ ସିବାରାମ ବିଶ୍ୱାଳଙ୍କ ଘରୁ ୩ ଲକ୍ଷ ୮୬ ହଜାର ନଗଦ ଟଙ୍କା, ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଓଡ଼ିଶାରୁ ରାଜସ୍ଥାନ ସମେତ ଅନ୍ୟ ରାଜ୍ୟକୁ ବ୍ୟବସାୟିକ ପରିମାଣର ଗଞ୍ଜେଇ ଚୋରାଚାଲାଣରେ ସକ୍ରିୟ ଭୂମିକା ନେଉଥିଲେ । ଏପ୍ରିଲ ୧୮ରେ ଖୋର୍ଦ୍ଧାରୁ ଗଞ୍ଜେଇ ଭର୍ତ୍ତି କଣ୍ଟେନର ଜବତ ହୋଇଥିଲା । ରାଜସ୍ଥାନର ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଖୋଳତାଡ଼ କରିଥିଲା ଏସ୍‌ଟିଏଫ୍ । ତଦନ୍ତ ବେଳେ ଅଭିଯୁକ୍ତ ସିବାରାମ ବିଶ୍ୱାଳ , ସିବାରାମ ପାତ୍ର ଓ ବ୍ରହ୍ମପୁରର ମଦ ବ୍ୟବସାୟୀ ମିଟୁ ସଂପୃକ୍ତି ଥିବା ଜଣାପଡ଼ିଥିଲା । ଏହା ପରେ ଏସ୍‌ଟିଏଫ୍‌ଟିମ୍ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବ । ଆବଶ୍ୟକ ପଡିଲ ଅଧିକ ତଦନ୍ତ ପାଇଁ ପୁଲିସ ରିମାଣ୍ଡ ଆବେଦନ କରିବ ବୋଲି ଜଣାପଡିଛି । ଏସଟିଏଫ ପକ୍ଷରୁ ଅଭିଯୁକ୍ତମାନଙ୍କ ସମ୍ପତ୍ତି ଓ ଆର୍ଥିକ କାରବାରର ମଧ୍ୟ ତଦନ୍ତ ଆରମ୍ଭ କରାଯାଇଛି ।

## ପୁଅର ଟାଙ୍ଗିଆ ଚୋଟରେ ବାପାର ମୃତ୍ୟୁ: ଅଭିଯୁକ୍ତ ଗିରଫ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଧୂଡିପାଲି ପଞ୍ଚାୟତର ମନାପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଘରୋଇ କଳିକୁ ନେଇ ଉତ୍ତ୍ୟକ୍ତ ପୁଅ ଟାଙ୍ଗିଆ ଫସାରେ (ଟାଙ୍ଗିଆର ପଛ ପଟ) ଆକ୍ରମଣ କରି ବାପା ଧନେଶ୍ୱର ଭୋଇ(୬୫)ଙ୍କୁ ହତ୍ୟା କରିଛନ୍ତି । ପୋଲିସ କୁଚିଣ୍ଡା ଥାନାରେ ଦଫା ୧୦୩(୧) (କେଶ ନଂ୧୬୦/୨୬)ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ଗୋବିନ୍ଦ ଭୋଇ(୪୫)ଙ୍କୁ ଗିରଫ କରି କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ସୋମବାର ରାତିରେ ଧନେଶ୍ୱର ଓ ବଡ ପୁଅଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ଗୋବିନ୍ଦ ବାପାଙ୍କ ମୁଣ୍ଡରେ ଟାଙ୍ଗିଆ ଫସାରେ ମାରିଥିଲେ । ପୁଅଙ୍କ ଆକ୍ରମଣରେ ବାପା ଧନେଶ୍ୱର ଲହୁଲୁହାଣ ହୋଇ ଗୁରୁତର ହୋଇଥିଲେ । ବିଳମ୍ବିତ ରାତିରେ ପରିବାର ଲୋକେ ଧନେଶ୍ୱରଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଭିମସାର ମେଡ଼ିକାଲକୁ ରେଫର କରିଥିଲେ । ୧୦୮ ଆମ୍ବୁଲାନ୍ସରେ ବୁର୍ଲା ନେବା ବାଟରେ ଲଇଡା ନିକଟରେ ତାଙ୍କ ମୃତ୍ୟୁ ହୋଇଥିଲା । ଧନେଶ୍ୱରଙ୍କ ମୃତଦେହ ମଙ୍ଗଳବାର ଲଇଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇଛି । କୁଚିଣ୍ଡା ଥାନା ଆଇଆଇସି ରାଧାକାନ୍ତ ବାରିକ ଘଟଣାସ୍ଥଳ ପରିଦର୍ଶନ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ: ଯୁବକ ଧରାପଡ଼ିଲା

ହିଞ୍ଜିଳିକାଟୁ(ନିପ୍ର): ଘର ବାରଣ୍ଡାରେ ବସିଥିବା ଜଣେ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଜୋରଜବରଦସ୍ତ ଟେକି ଆଣି ଘର ସମ୍ମୁଖ ରାସ୍ତାରେ ଦୁଷ୍କର୍ମ ଉଦ୍ୟମ କରିବା ଏବଂ ଯୁବତୀଙ୍କ କାନରୁ କାନଫୁଲ ଲୁଟି ନେବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି । ଏଭଳି ଏକ ଘଟଣା ହିଞ୍ଜିଳି ଥାନା ଶାସନଆମ୍ବଗାଁରେ ଘଟିଛି । ସଂପୃକ୍ତ ଘଟଣାରେ ହିଞ୍ଜିଳି ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଶାସନଆମ୍ବଗାଁର କାଳିଆ ଗୌଡ (୪୭) । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୫୧୭/୨୬ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ । ପୁଲିସ ସୂଚନା ପ୍ରକାରେ, ୨୫ ତାରିଖ ରାତି ପ୍ରାୟ ସାଢେ ୮ଟାରେ ହିଞ୍ଜିଳି ଥାନା ଶାସନଆମ୍ବଗାଁର ଜଣେ ଯୁବତୀ ଘର ବାରଣ୍ଡାରେ ଏକାକୀ



ବସିଥିଲେ । ସେହି ସମୟରେ ସେହି ଗ୍ରାମର କାଳିଆ ଗୌଡ ଯୁବତୀଙ୍କ ଘର ସମ୍ମୁଖରେ ପହଞ୍ଚି ସଂପୃକ୍ତ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ । ଯୁବତୀ ଜଣଙ୍କ ଏକାକୀ ଥିବାର ସୁଯୋଗ ନେଇ ଯୁବକ ଜଣଙ୍କ ଯୁବତୀଙ୍କୁ ଜୋରଜବରଦସ୍ତ ଟେକି ଆଣି ଘର ସମ୍ମୁଖ ରାସ୍ତାରେ ଦୁଷ୍କର୍ମ ଉଦ୍ୟମ କରିଥିଲେ । ଯୁବତୀଙ୍କ ଚିତ୍କାର ଶୁଣି ସାହି ପଡୋଶୀ ଘଟଣା ସ୍ଥଳରେ ପହଞ୍ଚିବାରୁ ଯୁବକ ଜଣଙ୍କ ଯୁବତୀ ପିନ୍ଧିଥିବା ସୁନା କାନଫୁଲ ଲୁଟି ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣା ନେଇ ଯୁବତୀ ଜଣଙ୍କ ରବିବାର ସନ୍ଧ୍ୟାରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ - ୫୧୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ସୁରେଶ କୁମାର ସାହୁ ଘଟଣାର ତଦନ୍ତ ଚଳାଇଥିଲେ । ସୋମବାର ସଂପୃକ୍ତ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

### ବାଡ଼ ବନ୍ଧ ମାନୁନାହାନ୍ତି ବାଲି ମାଫିଆ

# ପୁଣି ଜବତ ହେଲା ୯ ବାଲି ବୋଝେଇ ହାଇୱା

ଆସିକା(ନିପ୍ର): ବାଡ଼ ବନ୍ଧ ମାନୁନାହାନ୍ତି ବାଲି ମାଫିଆ । ପୁଣି ଜବତ ହେଲା ୯ଚୋରା ବାଲି ବୋଝେଇ ହାଇୱା । ଜବତ ଗାଡି ଆସିକା ଥାନାରେ ଅଟକ ରହିଛି । ଗତକାଲି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ନିଜ କାର୍ଯ୍ୟ ସାରି ରାତି ୧୦ଘଣ୍ଟା ସମୟରେ ସୋରଡ଼ାରୁ ଆସିକା ଅଭିମୁଖେ ଆସୁଥିବା ବେଳେ ହଠାତ ତାଙ୍କ ଆଗରେ ଏକକାଳୀନ ୧୨ଟି ଚୋରା ବାଲି ବୋଝେଇ ହାଇୱା ଅବାଧରେ ଦ୍ରୁତ ଗତିରେ ଯାଉଥିଲେ । ଆସିକା କାଳକଣ୍ଠପୁର ଛକଠାରେ ଚୋରା ବାଲି ବୋଝେଇ ହାଇୱା ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ । କୌଣସି ଗାଡ଼ିରେ ଟ୍ରାଞ୍ଜିଟ ପାସ ଗାଡି ଡ୍ରାଇଭର ଦେଖାଇ ପାରିନଥିଲା । ଏଥିରେ ଏସଡ଼ିପିଓ ଏତେ ଗୁଡିଏ ଗାଡି କିଭଳି ଭାବେ ବିନା କାଗଜ ପତ୍ରରେ ଚାଲୁଚି ବୋଲି ଆଶ୍ଚର୍ଯ୍ୟ ହେବା ସହ ବୁଗୁଡ଼ା ଥାନା ଇଲାକା ଧରାକୋଟ ଇଲାକା ପୋଲିସ ତା ସାଙ୍ଗକୁ ସ୍ଥାନୀୟ ତହସିଲଦାର ଓ ସେହି ଅଞ୍ଚଳର ଲଘୁ ଖଣିଜ




ଅଧିକାରୀ କିଭଳି ଭାବେ ଜାଣିଶୁଣି ବାଲି ମାଫିଆଙ୍କୁ ସହଯୋଗ କରିଆସୁଛନ୍ତି ଗାଡିଗୁଡିକ ଆସିକା ଏସଡ଼ିପିଓ ଜବତ କରିବା ପରେ ପଦାକୁ ଆସିଛି । ପ୍ରକାଶ ଥାଉକି ବାଲି ଚୋରା ଚାଲାଣରେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା । ବାଲି ଚୋରା ଚଲାଣ ଘଟଣାରେ ନିକଟରେ ପୋଲିସ ଡ଼ିଏସପି,ଏସଆଇ, ଲଘୁ ଖଣିଜ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ସହକାରୀ ତହସିଲଦାର ମାନେ ନିଲମ୍ବିତ ହୋଇଥିଲେ । ବାଲି ମାଫିଆମାନଙ୍କୁ ସାବାଡ଼ ପାଇଁ ଜିଲ୍ଲାରେ ଇଡ଼ି ମାଫିଆମାନଙ୍କ ସମ୍ପତ୍ତି ଜବତ କରିଥିଲା । ଏହାର କିଛି ଦିନର ନିରବତା ପରେ ବାଲି ମାଫିଆମାନେ ପୁଣି ସକ୍ରିୟ ହୋଇଛନ୍ତି । ବର୍ତ୍ତମାନ କେବଳ ସୋରଡ଼ା ଅଞ୍ଚଳରୁ ଶହ ଶହ ଗାଡି ରାତିତମାମ ଜିଲ୍ଲା ଓ ଜିଲ୍ଲା ବାହାରକୁ ଅବାଧରେ ଚୋରାଚାଲାଣ କରୁଛନ୍ତି । ଏଥିରେ ପୁଣି ସୋରଡ଼ା ବିଧାୟକ, ଜିଲ୍ଲା ଖଣିମନ୍ତ୍ରୀଙ୍କ ନିଜ ଦଳୀୟ ଲୋକମାନେ ଏହି କାର୍ଯ୍ୟରେ ଲିପ୍ତ ରହିଛନ୍ତି । ବାଲି ମାଫିଆଙ୍କ ବିରୁଦ୍ଧରେ ଅଭିଯୋଗ କଲେ ସ୍ଥାନୀୟ ସୋରଡ଼ା, ଧରାକୋଟ ଅଞ୍ଚଳ ପୋଲିସ, ତହସିଲଦାର, ଖଣି ଅଧିକାରୀ ରାଜନୈତିକ ଚାପରେ ନିରବ ରହୁଛନ୍ତି । ଦୁଇ ଦିନ ତଳେ ଧରାକୋଟ ଥାନା ଅଧୀନ ଜି ଦାମୋଦର ପଲ୍ଲୀ ଗ୍ରାମର ଜଣଙ୍କ ଘରକୁ ଚୋରା ବାଲି ବୋଝେଇ ହାଇୱା ପଶି ବଡ ଧରଣର ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ମଧ୍ୟ ଧରାକୋଟ ପୋଲିସ ଏବେଯାଏ ମାମଲା ରୁଜୁ କରିନଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ବାଲି ମାଫିଆ ବିନା କାଗଜ ପତ୍ରରେ ରାଜନୈତିକ ପ୍ରଭାବରେ ଚୋରା ବାଲି ଅବାଧରେ ବୋହି ନେଉଥିବା ଘଟଣା ଜିଲ୍ଲାରେ ଏକ ପ୍ରମୁଖ ଘଟଣା ପାଲଟିଛି । ଆଜି ଜବତ ବାଲି ବୋଝେଇ ହାଇୱା ନମ୍ବର ଓଡି ୦୪ ଏମ୍ ୪୫୭୭, ଓଡି ୦୭ ଜେଡ ୧୦୪୫ , ଓଡି ୦୭ ଏସ୍ ୧୧୧୦, ଓଡି ୦୭ ଏଡି ୮୧୩୬ , ଓଡି ୦୭ ବିଏଫ୍ ୫୪୨୩ , ଓଡି ୦୭ ବିଡି ୬୪୧୫ , ଓଡି ୦୭ ଜେଡ ୨୬୬୫ , ଓଡି ୦୭ ଏୟୁ ୦୨୭୫ , ଓଡି ୦୪ ଏଏନ୍ ୮୮୭୭ ଏହି ଗାଡି ଗୁଡିକୁ ଆସିକା ଥାନାଠାରେ ଅଟକ ରଖାଯାଇଛି ।

## ଯୋବ୍ରା ବ୍ୟାରେଜରୁ ଅଜଣା ମୃତଦେହ ଉଦ୍ଧାର

କଟକ(ନିପ୍ର): ମହାନଦୀର ଯୋବ୍ରା ବ୍ୟାରେଜର ୨ ନମ୍ବର ଗେଟ ନିକଟରୁ ଜଣେ ମହିଳାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ମହିଳାଙ୍କ ପରିଚୟ ମିଳିନଥିବା ବେଳେ ଜଗତପୁର ଥାନା ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଏସସିବିକୁ ପଠାଇଛି । ସକାଳୁ ସକାଳୁ ବ୍ୟାରେଜ ଗେଟ୍ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଓ କୌତୁହଳ ସୃଷ୍ଟି ହୋଇଥିଲା । ପ୍ରାତଃ ଭ୍ରମଣକାରୀ ଏନେଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ । ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ି ନଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଏହା ଦୁର୍ଘଟଣା, ଆତ୍ମହତ୍ୟା ନା ଅନ୍ୟ କୌଣସି ଘଟଣାର ପରିଣାମ ସେ ନେଇ ଏବେ ମଧ୍ୟ ସନ୍ଦେହ ଜାରି ରହିଛି । ନିଖୋଜ ବ୍ୟକ୍ତିଙ୍କ ତାଲିକା ସହ ମୃତଦେହର ପରିଚୟ ମେଳ କରିବା ସହ ଆଖପାଖ ଥାନାଗୁଡ଼ିକୁ ମଧ୍ୟ ସୂଚନା ଦିଆଯାଇଛି । ପୁଲିସର ତଦନ୍ତ ଓ ପୋଷ୍ଟମୋର୍ଟମ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ।

# ମହାପ୍ରଭୁ ଜଗନ୍ନାଥ ଆନିମେଟେଡ୍ ଫିଲ୍ମକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି

ଭୁବନେଶ୍ୱର, ୨୮/୭: କାର୍ଟୁନ ରୂପରେ ଉପସ୍ଥାପନକଲେ ମହାପ୍ରଭୁଙ୍କ ପ୍ରତି ଭକ୍ତି କମିଯିବ ନାହିଁ ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲି- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆନିମେଟେଡ୍ ବା କାର୍ଟୁନ ଚରିତ୍ର ଭାବେ ଉପସ୍ଥାପନ କରି ନିର୍ମିତ 'ମହାପ୍ରଭୁ ଜଗନ୍ନାଥ' ଚଳଚ୍ଚିତ୍ରର ମୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଙ୍ଗଳବାର ସୁପ୍ରିମକୋର୍ଟରେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି। ଚଳଚ୍ଚିତ୍ରଟିର ପ୍ରଦର୍ଶନ ଭକ୍ତମାନଙ୍କ ଧାର୍ମିକ ଭାବାବେଗକୁ ଆଘାତ ପହଞ୍ଚାଇପାରେ ବୋଲି ଦର୍ଶାଇ ଓଡ଼ିଶା ସରକାର ଓଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦାଖଲ କରିଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ବୁଧବାର ପାଇଁ ଧାର୍ଯ୍ୟ କରିଛନ୍ତି। ବିଚାରପତି ବି.ଭି. ନାଗରତ୍ନାଓ ଆର ମହାଦେବନଙ୍କ ଖଣ୍ଡପୀଠଙ୍କ ସମ୍ମୁଖରେ ହୋଇଥିବା ଶୁଣାଣିରେ ଶ୍ରୀମନ୍ଦିର ପରିଚାଳନାକମିଟି ଓ ଭକ୍ତମାନଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଉପସ୍ଥିତ ହୋଇ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ, ଚଳଚ୍ଚିତ୍ରକୁକେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ (ସିବିଏଫ୍‌ସି)



ଅନୁମୋଦନ ଦେବା ପୂର୍ବରୁ ଶ୍ରୀମନ୍ଦିର ପକ୍ଷରୁ ଆପତ୍ତି ଦାଖଲ କରାଯାଇଥିଲା। ତେଣୁ ସୁପ୍ରିମକୋର୍ଟଙ୍କ ପୂର୍ବ ଆଦେଶର ସୀମାବଦ୍ଧତା ବିନା ସିବିଏଫ୍‌ସିକୁ ସ୍ୱାଧୀନ ଭାବେ ସେହି ଆପତ୍ତିଗୁଡ଼ିକର ବିଚାର କରିବାର ସୁଯୋଗଦିଆଯିବା ଆବଶ୍ୟକ। ଓଡ଼ିଶା ସରକାରଙ୍କ ପକ୍ଷରୁଆଡଭୋକେଟ୍ ଜେନେରାଲ ଅଦାଲତଙ୍କୁ ଜଣାଇଥିଲେ ଯେ, ଏହି ପ୍ରସଙ୍ଗରେ ଦାଖଲ ମୂଳ ରିଟ୍ ଆବେଦନ ବର୍ତ୍ତମାନ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏହା ଛଡ଼ା ସୁପ୍ରିମକୋର୍ଟରେ ଦୁଇଟି ବିବିଧ ଆବେଦନ ଦାଖଲହୋଇଛି। ମୁଖ୍ୟ ବିଚାରପତିଙ୍କ ନିକଟରେ ଜରୁରୀ ଉଲ୍ଲେଖ ପରେ ମାମଲାଟିକୁ ତୁରନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଥିବା ସେ ସ୍ପଷ୍ଟ କରିଥିଲେ।ଶୁଣାଣି ସମୟରେ ବିଚାରପତିବି.ଭି. ନାଗରତ୍ନା କହିଥିଲେ ଯେ, ପୂର୍ବରୁ ଅଦାଲତ ରଥଯାତ୍ରା ସମୟରେ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ବିଚାରକୁ ନେଇଚଳଚ୍ଚିତ୍ରର ମୁକ୍ତିକୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଏବେ ରଥଯାତ୍ରା ସମାପ୍ତ ହୋଇଥିବାରୁ ସେହି ପ୍ରସଙ୍ଗ ଆଉ ରହିନାହିଁ।

# ହାତଛଡ଼ା ହେଲା ସ୍ୱର୍ଣ୍ଣ, ରୌପ୍ୟ ପାଇଲେ ଅଜୟ

ଗ୍ଲାସ୍‌ଗୋ, ୨୮।୭: ଭାରତର ଉଦୀୟମାନ ଭାରୋତ୍ତୋଳକ ଭେଲୁରି ଅଜୟ ବାବୁ ମଙ୍ଗଳବାର ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ୭୯ କେଜି କାଟେଗୋରୀରେ ଏହି ସଫଳତା ପାଇଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାର ୨୧ ବର୍ଷୀୟ ଭାରୋତ୍ତୋଳକ ସ୍ନାଚରେ ୧୪୯ କେଜି ଓ କ୍ଲିନ ଆଣ୍ଡ୍ ଜର୍କରେ ୧୮୧ କେଜିକୁ ମିଶାଇ ମୋଟ ୩୩୦ କେଜି ଭାର ଉଠାଇ ପୋଡ଼ିୟମରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେ ମାତ୍ର ୧ କେଜି ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଛନ୍ତି। ମାଲେସିଆର ଏରି ହିଦାୟତ ମହମ୍ମଦ ମୋଟ ୩୩୧ (୧୪୭



+ ୧୮୪) କେଜି ଭାର ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ଭାରତ୍ତୋଳନରେ ଏହା ଭାରତ ପାଇଁ ଷଷ୍ଠ ପଦକ। ଏଥିସହିତ ଭାରତର ପଦକ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି, ଯେଉଁଥିରେ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି। ସ୍ନାଚରେ ୧୪୯ କେଜି ଭାର ଉଠାଇବାରେ ବିଫଳ ହୋଇଥିବା ଅଜୟ ବାବୁ ତାଙ୍କର ଅନ୍ତିମ ଉଦ୍ୟମରେ ସଫଳ ହେବା ସହ ନୂଆ ରେକର୍ଡ କରିଥିଲେ। ମାଲେସିଆର ହିଦାୟତ ୧୪୭ କେଜି ଉଠାଇଥିଲେ। କ୍ଲିନ ଆଣ୍ଡ୍ ଜର୍କରେ ହିଦାୟତ ପ୍ରଥମେ ୧୮୧ କେଜି ଭାର ଉଠାଇଥିଲେ, ଯାହା ସହିତ ଅଜୟ ବାବୁ ତାଙ୍କର ଅନ୍ତିମ ଉଦ୍ୟମରେ ସମକକ୍ଷ ହୋଇଥିଲେ। ହେଲେ ହିଦାୟତ ପରବର୍ତ୍ତୀ ଉଦ୍ୟମରେ ୧୮୪ କେଜି ଭାର ଉଠାଇ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଅଧିକାର କରିଥିଲେ।

ଏସିଏଫ୍ ସୌମ୍ୟ ମୃତ୍ୟୁ ମାମଲା

## ବୋହୂ ବିଦ୍ୟାଭାରତୀଙ୍କୁ ଗିରଫ ଦାବି କଲେ ବାପା

ଭୁବନେଶ୍ୱର, ୨୮/୭(ନିପ୍ର): ଏସିଏଫ୍ ସୌମ୍ୟ ରଂଜନ ମୃତ୍ୟୁ ମାମଲାରେ ବୋହୂ ବିଦ୍ୟାଭାରତୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ମୃତ ସୌମ୍ୟଙ୍କ ବାପା । ସେ କହିଛନ୍ତି ବୋହୂ ବିଦ୍ୟାଭାରତୀ ଓ ରୋଷେୟା ମନ୍ମଥ କୁମ୍ଭଙ୍କୁ ଗିରଫ କରାଯାଉ। ପୂର୍ବତନ ଜଙ୍ଗଲ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଚନ୍ଦନ କାଠ ଚୋରା ଚାଲାଣ ରୋକିବାରୁ ମୋ ପୁଅକୁ ହତ୍ୟା କରାଗଲା।ଅନ୍ୟପକ୍ଷରେ ଘଟଣାର ୫ ବର୍ଷ ପରେ ତତ୍କାଳୀନ ଡିଏଫଓ ଜେଲ୍ ଯିବା ନେଇ ଆଶ୍ୱସ୍ତି ପ୍ରକାଶ କରି ମୃତ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ବାପା କହିଛନ୍ତି ନ୍ୟାୟିକ ପ୍ରକିୟା ଉପରେ ଭରସା ରହିଛି, ପ୍ରଭୁ ଜଗନ୍ନାଥ ଶୁଣିବେ ଆଶା।

## ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ୱାସ୍ଥ୍ୟ ପରିସ୍ଥିତି ସମୀକ୍ଷା

ଭୁବନେଶ୍ୱର,୨୮।୭: ରାଜ୍ୟରେ ଅତ୍ୟଧିକ ବର୍ଷା ପ୍ରଭାବିତ ଜିଲ୍ଲା ଗୁଡିକରେ ଜଳସ୍ତର ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ପ୍ରସ୍ତୁତି ସମୀକ୍ଷା କରାଯାଇଛି । ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ. ଆଜି ପ୍ରଭାବିତ ଜିଲ୍ଲାଗୁଡ଼ିକର ପ୍ରସ୍ତୁତି ବ୍ୟବସ୍ଥାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ସଚିବ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ । ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ, ଓଆରଏସ, ବ୍ଲିଚିଂ ପାଉଡର, ହାଲଜେନ ଟ୍ୟାବଲେଟ୍, ସାପ କାମୁଡ଼ା ପ୍ରତିଷେଧକ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରଭାବିତ ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଗର୍ଭବତୀ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆସନ୍ନ ପ୍ରସବ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।



ଇଣ୍ଡିଆନ୍ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, (ଫଟୋ-ଦିନଲିପି)

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

**ହିଞ୍ଜିଳିକାଟୁ, ୨୮।୭(ନିପ୍ର):** ମଙ୍ଗଳବାର ସନ୍ଧ୍ୟାରେ ବେଲଗାଁ ଥାନା ରେଗିଡି ଛକ ନିକଟରେ ଏକ ଜୁଆ ଆଡ୍ଡା ଚାଲିଥିଲା। ଏସଡିପିଓ ସୌରଭ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନଙ୍କ ସମେତ ହିଞ୍ଜିଳି ଓ ବେଲଗାଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସଂପୃକ୍ତ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ। ଚଢ଼ାଉରେ ଜଣେ ମହିଳାଙ୍କ ସମେତ ୩ ଜଣ ଜୁଆଡିଙ୍କୁ ପୁଲିସ ଟିମ୍ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ କିଛି ଜୁଆଡି ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଗିରଫ ଜୁଆଡି ମାନେ ହେଲେ ରାମଚନ୍ଦ୍ର ଦଳେଇ, ମନୋଜ ଦଳେଇ ଓ ଅନୁସୟା ନାୟକ। ଗିରଫ ଜୁଆଡି ମାନଙ୍କ ଠାରୁ ୨୭ ହଜାର ୬୨୦ ଟଙ୍କା ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ବେଳେ ଘଟଣା ସ୍ଥଳରୁ ୬ଟି ମୋଟର ସାଇକେଲ ଜବତ କରାଯାଇଛି। ଏ ନେଇ ବେଲଗାଁ ଥାନାରେ କେସ ନଂ -୧୧୨/୨୬ ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଛି।


ନିଟ୍ ୟୁଜି ପେପର୍ ଲିକ୍ ମାମଲା

## ସିବିଆଇର ଚାର୍ଜସିଟ୍ ଦାଖଲ

ନୂଆଦିଲ୍ଲୀ,୨୮।୭: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ ନିଟ୍ ୟୁଜି ପେପର୍ ଲିକ୍ ମାମଲାରେ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଏକ ଚାର୍ଜସିଟ୍ ଦାଖଲ କରିଛି। ସିବିଆଇର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟ୍ ବୁଧବାର ପେପର୍ ଲିକ୍ ମାମଲାର ଶୁଣାଣି ପାଇଁ ଗଠିତ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟରେ ଉପସ୍ଥାପନ କରାଯିବ। ଏଜେନ୍ସି ଅନୁଯାୟୀ, ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ର ଧାରା ୩୧୫(୫), ୩୧୮(୪), ୬୧(୨), ୨୩୮ ଏବଂ ୩୦୩(୨) ସହିତ ମାମଲା ପଂଜୀକୃତ ହୋଇଛି, ଯେଉଁଥିରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ ର ଧାରା ୧୩(୧)(ବ) ସହିତ ପଠିତ ଧାରା ୧୩(୨) ଏବଂ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ଆଇନ, ୨୦୨୪ ର ଧାରା ୩, ୪, ୫, ୧୦ ଏବଂ ୧୧ ଅନ୍ତର୍ଭୁକ୍ତ।

ରତ୍ନବେଦୀରେ ମହାପ୍ରଭୁ

## ବାହାରିଲା ନୀଳାଚଳ ଅବଢ଼ା



**ପୁରୀ, ୨୮/୭(ନିପ୍ର):** ଗତକାଲି ନୀଳାଦ୍ରି ବିଜେ ସହ ଶେଷ ହୋଇଛି ଘୋଷଯାତ୍ରାର ସମସ୍ତ ପର୍ଯ୍ୟାୟ। ମହାପ୍ରଭୁ ଏବେ ରତ୍ନବେଦୀରେ ଆସିନ ହୋଇଥିବା ବେଳେ ପୁଣିଥରେ ଦୈନନ୍ଦିନ ନୀତି କାନ୍ତି ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି। ତେବେ ଆଜି ଶ୍ରୀମନ୍ଦିରରୁ ବାହାରିଛି ନୀଳାଚଳ ଅବଢ଼ା। ଭକ୍ତମାନେ ନୀଳାଚଳ ଅବଢ଼ା ପାଇ କୃତାର୍ଥ ଅର୍ଜନ କରିଛନ୍ତି। ଏପଟେ ଘୋଷଯାତ୍ରା ସରିଥିବାରୁ ଆଜି ତିନି ରଥ ଫିଟାଇବା କାର୍ଯ୍ୟ ଭୋଇ ସେବାୟତମାନେ ଆରମ୍ଭ କରିଛନ୍ତି। ନିଳାଦ୍ରୀ ବିଜେରେ ଶ୍ରୀମନ୍ଦିର ଫେରିଥିବା ମହାପ୍ରଭୁଙ୍କର ଆରମ୍ଭ ହୋଇଯାଇଛି ପୁଣି ଲୀଳାଖେଳା। ଗତକାଲି ମହାପ୍ରଭୁଙ୍କ ପହଣ୍ଡି ଶେଷ ହେବା ପରେ ବିଳମ୍ବିତ ରାତିରେ ରୁନ୍ଧା କାର୍ଯ୍ୟ ଶେଷ କରାଯାଇଥିଲା। ସକାଳ ୧୦ ଟା ୫୦ ରେ କୋଠସୁଆଁସିଆମାନେ ଚାରମାଳ ଖୋଲିବା କାର୍ଯ୍ୟ ସାରିବା ପରେ ମହାପ୍ରଭୁଙ୍କର ମଙ୍ଗଳ ଆଳତୀ, ଅବକାଶ, ଗୋପାଳ ବଲ୍ଲଭ ଭୋଗ ପରେ ସକାଳ ଧୂପରେ ବାହାରିଥିଲା ନୀଳାଚଳ ଅବଢ଼ା। ଦୀର୍ଘଦିନ ପରେ ଶ୍ରୀମନ୍ଦିରରୁ ମହାପ୍ରସାଦ ବାହାରି ଥିବାରୁ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି।

ସିଏମଓରୁ ଫାଇଲ ହଜିବା ମାମଲା

## ଦସ୍ତଖତ ଦେଇ ଫାଇଲ ନେଇଥିବା ଅଧିକାରୀ ଚିହ୍ନଟ: ସୁରେଶ ପୂଜାରୀ

ଭୁବନେଶ୍ୱର, ୨୮/୭(ନିପ୍ର): ସିଏମଓରୁ ଫାଇଲ ହଜିବା ମାମଲାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଯେଉଁ ଅଧିକାରୀ ଦସ୍ତଖତ ଦେଇ ଫାଇଲ ନେଇଥିଲେ ଚିହ୍ନଟ ହୋଇ ସାରିଛନ୍ତି। ସଂପୃକ୍ତ ଅଧିକାରୀଙ୍କ ନିକଟରେ ପୋଲିସ ପହଂଚି ସାରିଛି। କ୍ରାଇମ ବ୍ରାଂଚ ମାମଲାର ତଦନ୍ତ କରିବ। ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ ହୋଇଛି। ତଦନ୍ତ ଶେଷ ସୋପାନ ପର୍ଯ୍ୟନ୍ତ ଯିବ । ଯେତେ ପ୍ରଭାବଶାଳୀ ବ୍ୟକ୍ତି ହେଲେ ବି ତଦନ୍ତର ସମ୍ମୁଖୀନ ହେବେ। ଯିଏ ଆସି ନପାରିବେ ପୋଲିସ ତାଙ୍କ ପାଖେ ପହଂଚିବ ବୋଲି କହିଛନ୍ତି ସୁରେଶ ପୂଜାରୀ। ବହି ତ୍ରୁଟି ମାମଲାରେ ୩ ଜଣଙ୍କୁ ଅନ୍ତରୀଣ ସୁରକ୍ଷା

ଖରସ୍ରୋତା ନଦୀରେ ପୁଣି କୁମ୍ଭୀର ଆତଙ୍କ

## ୫୨ ବର୍ଷୀୟ ବ୍ୟକ୍ତିଙ୍କୁ ଟାଣିନେଲା କୁମ୍ଭୀର

ଯାଜପୁର, ୨୮/୭: ଯାଜପୁର ଜିଲ୍ଲାର ଖରସ୍ରୋତା ନଦୀରେ ପୁଣି ଥରେ କୁମ୍ଭୀର ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ଗାଧୋଉଥିବା ସମୟରେ ଜଣେ ୫୨ ବର୍ଷୀୟ ବ୍ୟକ୍ତିଙ୍କୁ ଏକ ଲୁଣିଆ ପାଣି କୁମ୍ଭୀର ଟାଣିନେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବା ବେଳେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। ନିଖୋଜ ବ୍ୟକ୍ତି ହେଲେ ଯାଜପୁର ଜିଲ୍ଲା ଋଷିପୁର ଗାଁର ୫୨ ବର୍ଷୀୟ ହରିହର ଜେନା। ସୂଚନା ଅନୁସାରେ, ମଙ୍ଗଳବାର ସେ ଜେବିଲ ଗାଁ ନିକଟ ଖରସ୍ରୋତା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ବଡ଼ କୁମ୍ଭୀର ତାଙ୍କ ଉପରେ ଆକ୍ରମଣ କରି ପାଣି ଭିତରକୁ ଟାଣିନେଇଥିଲା। ଘଟଣା ଦେଖି ସ୍ଥାନୀୟ ଲୋକେ ଚିତ୍କାର କରିଥିଲେ ମଧ୍ୟ ତାଙ୍କୁ ବଞ୍ଚାଇ ପାରିନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନଦୀରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ହରିହରଙ୍କ କୌଣସି ପତ୍ତା ମିଳିନଥିଲା। ଉଦ୍ଧାରକାରୀ ଟିମ୍ ନଦୀର ବିଭିନ୍ନ ସ୍ଥାନରେ ତଲାସି ଜାରି ରଖିଛନ୍ତି।

# ଶ୍ରୀଲଙ୍କା ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷିତ

### ସାରାଂଶ ଜୈନଙ୍କୁ ପ୍ରଥମ ଥର ସୁଯୋଗ, ରବୀନ୍ଦ୍ର ଜାଡେଜାଙ୍କ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ, ୨୮/୭: ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଅଗଷ୍ଟ ମାସରେ ଶ୍ରୀଲଙ୍କା ବିପକ୍ଷରେ ହେବାକୁ ଥିବା ଦୁଇଟି ମ୍ୟାଚ୍ର ଟେଷ୍ଟ ସିରିଜ୍ ପାଇଁ ୧୫ ସଦସ୍ୟ ବିଶିଷ୍ଟ ଭାରତୀୟ ଦଳ ଘୋଷଣା କରିଛି। ଦଳର ନେତୃତ୍ୱ ପୁଣିଥରେ ଶୁଭମନ ଗିଲଙ୍କ ହାତରେ ରହିବ, ଯେତେବେଳେ କେ.ଏଲ୍. ରାହୁଲଙ୍କୁ ଉପଅଧିନାୟକ କରାଯାଇଛି। ଏହି ଦଳରେ ସବୁଠାରୁ ବଡ଼ ଆକର୍ଷଣ ହେଉଛନ୍ତି ମଧ୍ୟପ୍ରଦେଶର ଅଭିଜ୍ଞ ଅଫ୍ ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନଙ୍କର ପ୍ରଥମ ଥର ପାଇଁ ଟେଷ୍ଟ ଦଳରେ ଚୟନ। ୩୩ ବର୍ଷୀୟ ସାରାଂଶଙ୍କୁ ୱାଶିଂଟନ ସୁନ୍ଦରଙ୍କ ହାମଷ୍ଟ୍ରିଙ୍ଗ ଆଘାତ ପାଇବା ପରେ ସୁଯୋଗ ମିଳିଛି। ଘରୋଇ କ୍ରିକେଟ୍ ଏବଂ ଇଣ୍ଡିଆ 'ଏ' ପାଇଁ ଲଗାତାର ଉତ୍କୃଷ୍ଟ ପ୍ରଦର୍ଶନ ବଳରେ ସେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ, ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କର ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ ହୋଇଛି। ତାଙ୍କୁ ଜୁନ୍ ମାସରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇଥିଲା। ଦ୍ରୁତ ବୋଲର ଜସପ୍ରିତ ବୁମରାହ ଏବଂ ବ୍ୟାଟର ସାଇ ସୁଦର୍ଶନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି, କିନ୍ତୁ ଉଭୟଙ୍କର ଚୟନ ବିସିସିଆଇର ସେଂଟର ଅଫ୍ ଏକ୍ସିଲେନ୍ସ (ସିଓଇ) ଠାରୁ ଫିଟନେସ୍ ଅନୁମୋଦନ ମିଳିଲେ ହିଁ କାର୍ଯ୍ୟକାରୀ ହେବ। ଅନ୍ୟପକ୍ଷରେ, ଆଘାତ କାରଣରୁ ପୁନର୍ବାସରେ ଥିବା ନିତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ୧୫ ଅଗଷ୍ଟରୁ ଗଲ୍ରେ ଖେଳାଯିବ, ଯେତେବେଳେ ଦ୍ୱିତୀୟ ଏବଂ ଶେଷ ଟେଷ୍ଟ ୨୩ ଅଗଷ୍ଟରୁ କଲମ୍ବୋର ଏସ୍ଏସ୍‌ସିରେ ହେବ।



## ରେଳ ମାଲବାହୀ ସେବାରେ ଭାରତ-ନେପାଳ ବାଣିଜ୍ୟ ହେବ ସଶକ୍ତ

ନୂଆଦିଲ୍ଲୀ, ୨୮/୭(ପିଆଇବି): କୋଲକାତା ବନ୍ଦରରୁ ନେପାଳର ବିରାଟନଗର କଷ୍ଟମସ୍ ୟାର୍ଡ ପର୍ଯ୍ୟନ୍ତ ପ୍ରଥମ ପ୍ରତ୍ୟକ୍ଷ ବାଣିଜ୍ୟିକ କଣ୍ଟେନର ମାଲବାହୀ ଟ୍ରେନର ସଫଳ ପରିଚାଳନା ସହିତ ଭାରତୀୟ ରେଳବାଇ ଭାରତ-ନେପାଳ ମାଲ ପରିବହନ ସଂଯୋଗକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ସଫଳତା ହାସଲ କରିଛି। କାନୋଲା (ସୋରିଷ ଜାତୀୟ ଶସ୍ୟ) ବୋଝେଇ ୪୦ଟି ୱାଗନ୍ ବିଶିଷ୍ଟ ଏହି ଟ୍ରେନ୍ ସଂଶୋଧିତ ଭାରତ-ନେପାଳ ରେଳ ଟ୍ରାଞ୍ଜିଟ୍ ପ୍ରୋଟୋକଲ୍ ଅଧୀନରେ ତା'ର ଯାତ୍ରା ପୂରଣ କରିଛି, ଯାହା ରେଳ ଆଧାରିତ ସୀମାପାର ମାଲ ପରିବହନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହି ସଫଳ ପଦକ୍ଷେପ ଦ୍ୱାରା କୋଲକାତା ବନ୍ଦରରୁ ବିରାଟନଗର ପର୍ଯ୍ୟନ୍ତ କଣ୍ଟେନରଯୁକ୍ତ ମାଲର ସିଧାସଳଖ ରେଳ ଚଳାଚଳ ସମ୍ଭବ ହୋଇପାରିଛି। ଏହି ନୂତନ ବ୍ୟବସ୍ଥା ଦ୍ୱାରା ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସୀମାପାର ବାଣିଜ୍ୟର ଦକ୍ଷତା, ବିଶ୍ୱସନୀୟତା ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିବା ସହିତ ପରିବହନ ସମୟ, ଲଜିଷ୍ଟିକ୍ସ ଖର୍ଚ୍ଚ ଏବଂ କାର୍ଗୋ ପରିଚାଳନା ଯଥେଷ୍ଟ ହ୍ରାସ ପାଇବ ବୋଲି ଆଶା କରାଯାଉଛି।



## ମୋଦୀଙ୍କ ଭିଡିଓ ଡିଲିଟ୍ ; ଭୁଲ୍ ମାଗିଲା ମେଟା

ନୂଆଦିଲ୍ଲୀ ,୨୮।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫେସବୁକ୍ ଭିଡିଓକୁ ଅସ୍ଥାୟୀ ଭାବରେ ହଟାଇବା ଏବେ ଏକ ଗମ୍ଭୀର ମୋଡ଼ ନେଇଛି। ମେଟା ଏହି ଘଟଣା ପାଇଁ ସରକାରଙ୍କୁ କ୍ଷମା ମାଗିଛି। ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଭୁଲବଶତଃ ହଟାଇ ଦିଆଯାଇଥିଲା। କମ୍ପାନୀ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ତ୍ରୁଟି ଜଣାପଡ଼ିବା ମାତ୍ରେ ଭିଡିଓଟି ପ୍ଲାଟଫର୍ମରେ ପୁନଃସ୍ଥାପିତ ହୋଇଥିଲା।ସୂତ୍ର ଅନୁଯାୟୀ, କେନ୍ଦ୍ର ସରକାର ଏହି ବିଷୟକୁ ହାଲୁକା ଭାବରେ ନେଇନାହାନ୍ତି।

OFFICE OF THE SUPERINTENDING ENGINEER
RWS&S MECHANICAL DIVISION,
PLOT NO. D-2/24, MANCHESWAR INDUSTRIAL ESTATÅ,
BHUBANESWAR-751010
e-Mail:"eemrwssbbsr9@gmail.com"
TENDER CALL NOTICE NO. SEMBBSR/04 (5) 2026-27.
32001/610/2627

The Superintending Engineer, RWS&S Mechanical Division, Bhubaneswar, Plot-D-2/24, Mancheswar Industrial Estate, Bhubaneswar-10 on behalf of Governor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of bore well drilling skilled personnel to the Sub-Division office under Office of the Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub - Division-Berhampur | | | | |
| 1 | H.V. Driver | 2 Nos | Rs.13,80,912.00 (on wages only) | 6000/- | @2% of estimated cost |
| 2 | Asst. Driller | 1 Nos | | | |
| 3 | Boring mate | 3 Nos | | | |
| 4 | Khallasi | 2 Nos | | | |

Tender document with detail technical requirement, scope of the work, term and condition will be available online in Govt. Web site www.tendersodisha.gov.in from date 01.08.2026 to 14.08.2026 up-to 5.00 P.M. The tender will be opened on dt. 17.08.2026 at 12.00 P.M onwards in Office of the Superintending Engineer, RWS&S Mâchanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the bid is liable for rejection. The authority reserves the right to reject any or all the tenders without assigning any reason thereof.

Sd/- I/C Superintending Engineer
ARWS&S Mechanical Division, Bhubaneswar
OIPR 32001/32528/1/26-27/0003

**ସତ୍ୟପାଠ**

ଏତଦ୍ୱାରା ମୁଁ ଶରତ ବାଡତ୍ୟା, ପିତା-ରମେଶ ବାଡତ୍ୟା, ଗ୍ରାମ/ପୋଷ୍ଟ-ପାଣ୍ଡିଆପଥର, ଥାନା-କୋଟିନାଡା, ଜିଲ୍ଲା-ଗଞ୍ଜାମ, ଓଡିଶା-୭୬୧୧୧୬ ଏକଜୁକ୍ୟୁଟିଭ ମାଜିଷ୍ଟ୍ରେଟ୍, ଆସ୍କାଙ୍କ ପାଖରେ ୨୭.୦୭.୨୦୨୬ ତାରିଖରେ ଘୋଷଣା କରୁଛି ଯେ, ମୋର ପୁଅର ନାମ ସାଇସିଂ ବାଡତ୍ୟା ବଦଳରେ ସାଇରାମ ବାଡତ୍ୟା କୁ ପରିବର୍ତନ କରୁଛି । ଆଜିଠାରୁ ପୁଅର ନାମ ସାଇରାମ ବାଡତ୍ୟା ଭାବେ ସମସ୍ତ କାଗଜପତ୍ରରେ ଦର୍ଶାଯିବା ସହ କାର୍ଯ୍ୟ ହେବ ।

ସ୍ୱା/-ଶରତ ବାଡତ୍ୟା

**AFFIDAVIT**

By virtue of an affidavit sworn before The Executive Magistrate, Aska dtd.27.07.2026, I Sarata Badatya S/o-Ramesh Badatya At/Po-Pandiapathara, Ps-Kotinada, Dist-Ganjam Odisha-761116 do hereby declare that I have changed the name of my son from Saisgn Badatia to Sairam Badatya. Henceforth he will be known as Sairam Badatya for all purposes.

Sd/-Sarata Badatya

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2026-20, ତା.23.07.2026ରିଖ

କାର୍ଯ୍ୟର ନାମ : କାର୍ଯ୍ୟର ସଙ୍କେତ ଏବଂ ଦୂରସଂଚାର ଅଂଶ- "ଝାରସୁଗୁଡ଼ା-ସମ୍ବଲପୁର BG ଡବଲ ଲାଇନ ବିଦ୍ୟୁତୀକୃତ ସେକ୍ସନରେ ଲପଙ୍ଗା - ରେଙ୍ଗାଲି ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ୍ ସିଗ୍ନାଲିଙ୍ଗର ବ୍ୟବସ୍ଥା।"

ଟେଣ୍ଡରର ମୂଲ୍ୟ (ଟଙ୍କାରେ): 3,06,96,039.57, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 6,13,900/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.08.2026 ରିଖ 1100 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡରର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-326/R/26-27

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ